

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

# ସମ୍ବାଦ କଳିକା

The Sambad Kalika

TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

NS-EN ISO 9001:2008 The Only ISO Certified Odiya Newspaper

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

● ବର୍ଷ–୩୨ ● ସଂଖ୍ୟା–୭ ● ୨ ଫେବୃଆରୀ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-7 ● 2nd February 2025, Sunday ● Bhubaneswar | Licensed to post without pre-payment of postage No- BN-60/25-27


# ବଜେଟ୍ ୨୦୨୫-୨୬

# ଆୟକର ଛାଡ ସୀମା ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି



**ନୂଆଦିଲ୍ଲୀ, ୧।୨**

ଉପସ୍ଥାପିତ ହେଲା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପିତ କଲେ ବଜେଟ୍। ବିଭିନ୍ନ କ୍ଷେତ୍ର ପାଇଁ ଏହି ବଜେଟ୍‌ରେ ବଡ ଘୋଷଣା କରାଯାଇଥିବା ବେଳେ ଠିକ ଦିନ ୧୧ଟା ସମୟରେ ଅର୍ଥମନ୍ତ୍ରୀ ବଜେଟ ଅଭିଭାଷଣ ରଖିଥିଲେ ଏବଂ ୧ ଘଣ୍ଟା ୧୪ ମିନିଟ ବଜେଟ୍ ଉପସ୍ଥାପନ କରି ନିଜ ବଜେଟ୍ ଅଭିଭାଷଣ ସମାପ୍ତ କରିଥିଲେ । ଅର୍ଥମନ୍ତ୍ରୀ ଭାବେ ନର୍ମଳା ୮ମ ଥର ପାଇଁ ଲଗାତାର ବଜେଟ୍ ଉପସ୍ଥାପନ କରି ରେକର୍ଡ କରିଛନ୍ତି ।

ତେବେ କେନ୍ଦ୍ର ବଜେଟ୍‌ରେ ମଧ୍ୟବିତ୍ତଙ୍କୁ ଖୁସି କରିବାକୁ ବଡ଼ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନର୍ମଳା ସୀତାରମଣ। ଆୟକର ଛାଡ଼ସୀମା ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଆୟକର ରିଟର୍ଣ୍ଣ ଫାଇଲ କରିବାର ସମୟସୀମାକୁ ୨ ବର୍ଷରୁ ୪ ବର୍ଷକୁ ବୃଦ୍ଧି କରାଯାଇଛି । କହିବାକୁ ଗଲେ ଏହି ଘୋଷଣା ମଧ୍ୟବିତ୍ତଙ୍କ ଉପରେ ମହାଲକ୍ଷ୍ମୀଙ୍କ କୃପା ବୋଲି ବି କୁହାଯାଇପାରେ।

କ୍ରିମ ରଙ୍ଗର ଶାଢି ପିନ୍ଧି ଅର୍ଥମନ୍ତ୍ରୀ ବଜେଟ୍ ଉପସ୍ଥାପନା କରିଥିବା ବେଳେ ଏହା ବିହାରର ମଧୁବନୀ ଶାଢି ଯାହାକୁ ପଦ୍ମଶ୍ରୀ ଦୁଲାରୀ ଦେବୀଙ୍କ ସମ୍ମାନରେ ସେ ଆଜି ପିନ୍ଧିଛନ୍ତି। ପଦ୍ମଶ୍ରୀ ଦୁଲାରୀ ଦେବୀ ଅର୍ଥମନ୍ତ୍ରୀଙ୍କୁ ଏହି ଶାଢିଟି ଉପହାର ଦେଇ ବଜେଟ ଦିନ ପିନ୍ଧିବାକୁ କହିଥିଲେ।

ସେପଟେ ଅନେକ ବଡ ବଡ ଘୋଷଣା ବଜେଟରେ ଅର୍ଥମନ୍ତ୍ରୀ କରିଥିବା ବେଳେ ଭାରତକୁ ଖେଳନା ତିଆରିର ବିଶ୍ୱସ୍ତରୀୟ କେନ୍ଦ୍ର କରିବାକୁ ଲକ୍ଷ୍ୟ ରଖାଯାଇଛି, ଖେଳନା ପାଇଁ ଆରମ୍ଭ ହେବ ବଡ ଯୋଜନା। ଉଡାଣ ଯୋଜନାରେ ଉପକୃତ ହେବେ ଦେଢ କୋଟି ଲୋକ ଏବଂ ୧୦ ବର୍ଷରେ ତିଆରି ହେବ ୧୨୦ ବିମାନବନ୍ଦର । ପାହାଡି ଇଲାକାରେ ନିର୍ମାଣ ହେବ ହେଲିପ୍ୟାଡ ଓ ବିମାନବନ୍ଦର।

ଏଥିସହ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦେଇ ସବୁ ସରକାରୀ ମାଧ୍ୟମିକ ସ୍କୁଲରେ ବ୍ରଡବ୍ୟାଣ୍ଡ ବ୍ୟବସ୍ଥା କରିବାକୁ ବଜେଟରେ ଘୋଷଣା କରାଯାଇଛି । ଏଆଇ ଶିକ୍ଷାକୁ ଗୁରୁତ୍ୱ ଦେଇ ସେଥିପାଇଁ ୫୦୦ କୋଟିର ବ୍ୟୟବରାଦ କରାଯାଇଛି । ଜଳ ଜୀବନ ମିଶନକୁ ୨୦୨୮ ମସିହା ଯାଏଁ ବଢାଯାଇଛି । କିଷାନ କ୍ରେଡିଟ କାର୍ଡରେ ଋଣ ପରିମାଣ ୩ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଡାଲି ଉତ୍ପାଦନରେ ଭାରତକୁ ଆତ୍ମନିର୍ଭର କରିବାକୁ ବଜେଟରେ ବ୍ୟବସ୍ଥା କରାଯାଇଛି ।

ତେବେ ଆଗାମୀ ସପ୍ତାହରେ ଆସିବ ନୂଆ ଆୟକର ବିଲ୍ । ବଜେଟରେ ବଡ଼ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଆସନ୍ତା ସପ୍ତାହରେ ଆସିବ ନୂଆ ଆୟକର ଆଇନ । ମିଳିଥିବା ସୂଚନା ମୁତାବକ, ନୂଆ ଆୟକର ଆଇନରେ ନିୟମ ସରଳ ଭାଷାରେ ଲେଖାଯିବା ସହିତ ସାଧାରଣ ଲୋକମାନେ ଯେଭଳି ଏହାକୁ ବୁଝିପାରିବେ, ସେନେଇ ବ୍ୟବସ୍ଥା କରାଯିବ। ଏହାସହ ଅନାବଶ୍ୟକ ଏବଂ ଅପ୍ରଚଳିତ ନିୟମକୁ ହଟାଯିବ । ଏହାସହ କର ବିବାଦକୁ ମଧ କମ କରାଯିବ । ଏଥିପାଇଁ ପାଖାପାଖି ୬୫୦୦ ମତାମତ ଗ୍ରହଣ କରାଯାଇଛି ବୋଲି ସୂଚନା ରହିଛି ।

ନିର୍ମଳା ସୀତାରମଣ ତାଙ୍କ ବଜେଟ୍ ଅଭିଭାଷଣରେ କହିଛନ୍ତି ଯେ ଏହି ବଜେଟ ଏକ ବିକଶିତ ଭାରତର *(ପୃଷ୍ଠା ୭ରେ)*

**ଶସ୍ତା ହେବ:** କର୍କଟ ଓ ଅନ୍ୟାନ୍ୟ ଦୂରାରୋଗ୍ୟ ବ୍ୟାଧି ଔଷଧ, ଏଲଇଡି ଓ ଏଲସିଡି ଟେଲିଭିଜନ, ଇଭି କାର, ମୋବାଇଲ ଫୋନ ଏବଂ ଏହାର ଉପକରଣ, କପଡ଼ା, ଜୋତା, ବେଲ୍ଟ, ପର୍ସ, ବୈଦ୍ୟୁତିକ ଉପକରଣ, ମେଡିକାଲ ଉପକରଣ, ଲିଥିୟମ ଆୟନ ବ୍ୟାଟେରୀ, ଚମଡ଼ା ଜ୍ୟାକେଟ ଓ ସାମୁଦ୍ରିକ ଖାଦ୍ୟ

**ମହଙ୍ଗା ହେବ:** ଫ୍ଲାଟ ପ୍ୟାନେଲ ଡିସପ୍ଲେ ଟିଭି, ପ୍ଲାଷ୍ଟିକ ଉପକରଣ, ନିଟେଡ ଫାବ୍ରିକ

## ଆୟକର ସ୍ଲାବ

୧୨ ଲକ୍ଷ ପର୍ଯ୍ୟନ୍ତ କିଛି ନାହିଁ
୧୨ରୁ ୧୬ ଲକ୍ଷ ପର୍ଯ୍ୟନ୍ତ ଆୟ - ୧୫ ପ୍ରତିଶତ
୧୬ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଆୟ - ୨୦ ପ୍ରତିଶତ
୨୦ରୁ ୨୪ ଲକ୍ଷ ପର୍ଯ୍ୟନ୍ତ ଆୟ - ୨୫ ପ୍ରତିଶତ
୨୪ ଲକ୍ଷରୁ ଅଧିକ ଆୟ - ୩୦ ପ୍ରତିଶତ

## ସଂକ୍ଷେପରେ ବଜେଟ୍

- ବଜେଟରେ ଜ୍ଞାନ ଅର୍ଥାତ ଗରିବ, ଯୁବ, ଅନ୍ନଦାତା ଏବଂ ନାରୀଶକ୍ତିକୁ ଗୁରୁତ୍ୱ ତାଛଡ଼ା ଅଭିବୃଦ୍ଧି, ଭିତ୍ତିଭୂମି ଏବଂ ମଧ୍ୟବିତ୍ତଙ୍କୁ ଦିଆଯାଇଛି ପ୍ରାଧାନ୍ୟ
- କିଷାନ କ୍ରେଡିଟ୍ କାର୍ଡ ଋଣ ୩ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି, ଉପକୃତ ହେବେ ୭.୭ କୋଟି କୃଷକ
- ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ଚିକିତ୍ସା କେନ୍ଦ୍ର, ଆଗାମୀ ୫ ବର୍ଷରେ ବଢ଼ିବ ୭୫ ହଜାର ମେଡିକାଲ ସିଟ୍
- ଶସ୍ତା ହେବ ୩୬ ଜୀବନ ରକ୍ଷାକାରୀ ଔଷଧ, ବୀମା କ୍ଷେତ୍ରରେ ୧୦୦% ଏଫଡିଆଇକୁ ଅନୁମତି
- ଆଣବିକ ଶକ୍ତି ଉତ୍ପାଦନ କ୍ଷେତ୍ର ପାଇଁ ୨୦ ହଜାର କୋଟି ଟଙ୍କା ବ୍ୟୟବରାଦ। ପ୍ରତିଷ୍ଠା ହେବ ନ୍ୟୁକ୍ଲିୟର ଏନର୍ଜି ମିଶନ
- ନୂଆ ଟିକସ ବ୍ୟବସ୍ଥାରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼
- ଆଗାମୀ ସପ୍ତାହରେ ଆସିବ ନୂଆ ଆୟକର ଟିକସ ବିଧେୟକ
- ବରିଷ୍ଠ ନାଗରିକଙ୍କ ପାଇଁ ଟିଡିଏସ ସୀମା ୫୦ ହଜାରରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି
- ଆୟକର ଦାଖଲ ସୀମା ୨ରୁ ୪ ବର୍ଷକୁ ବୃଦ୍ଧି, ପୂର୍ବ ୪ ବର୍ଷର ଆୟକର ରିଟର୍ଣ୍ଣ ଦାଖଲ ଏକ ସଙ୍ଗେ କରିପାରିବେ
- ଡାଲି ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ ଭାରତ। ଆଗାମୀ ୬ ବର୍ଷ ହରଡ଼, ବିରି ଓ ମସୁର ଡାଲି ଉତ୍ପାଦନ ବୃଦ୍ଧି ଲାଗି ହେବ ମିଶନ
- ବିହାରରେ ହେବ ମଖାନା ବୋର୍ଡ । ଆସାମରେ ପ୍ରତିଷ୍ଠା ହେବ ୧୨.୭ ଲକ୍ଷ ମେଟ୍ରିକ ଟନ ବିଶିଷ୍ଟ ୟୁରିଆ ପ୍ଲାଣ୍ଟ
- କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ସ୍ୱତନ୍ତ୍ର କ୍ରେଡିଟ କାର୍ଡ। ପ୍ରଥମ ବର୍ଷରେ ଜାରି ହେବ ୧୦ ଲକ୍ଷ କାର୍ଡ
- ଏମଏସଏମଇ ପାଇଁ ଲୋନ ଗ୍ୟାରେଣ୍ଟି ୫କୋଟିରୁ ୧୦ କୋଟିକୁ ବୃଦ୍ଧି
- ଷ୍ଟାର୍ଟଅପ ପାଇଁ ମିଳିବ ୨୦ କୋଟି ପର୍ଯ୍ୟନ୍ତ ଋଣ। କମିବ ଗ୍ୟାରେଣ୍ଟି ଦେୟ
- ହଟିବ ୭ ତାରିଫ ରେଟ୍, ରହିବ ୮ ତାରିଫ ରେଟ୍

## ତଣ୍ଡ ଗଣିବ ରାଜ୍ୟ ସମବାୟ ବ୍ୟାଙ୍କ ଜରିମାନା ଲଗାଇଲେ ରିଜର୍ଭ ବ୍ୟାଙ୍କ

**ଭୁବନେଶ୍ୱର, ୧।୨**
**ନ୍ୟୁଜ୍ ବ୍ୟୁରୋ**

ନିଜର ପରିଚାଳନାଗତ ତ୍ରୁଟି ପାଇଁ ବିଭିନ୍ନ ସମୟରେ ବିବାଦ ଘେରରେ ରହୁଥିବା ରାଜ୍ୟ ସମବାୟ ବ୍ୟାଙ୍କ ପୁଣିଥରେ ଚର୍ଚ୍ଚାରେ । ବ୍ୟାଙ୍କ *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers


24 hours help line :

Sales : 7873770000


## ପ୍ରଧାନମନ୍ତ୍ରୀଙ୍କ ପ୍ରତିକ୍ରିୟା : ଜନତା ଜନାର୍ଦ୍ଦନଙ୍କ ବଜେଟ୍, ଭାରତର ସ୍ୱପ୍ନ ପୂରଣ କଲା ଭଳି ବଜେଟ୍

**ନୂଆଦିଲ୍ଲୀ, ୧।୨**

ଆସିଲା ବଜେଟ୍, ଆସିଲା ମୋଦିଙ୍କ ବୟାନ । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଉପସ୍ଥାପନ କରି ସାରିବା ପରେ ପ୍ରତିକ୍ରିୟା ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଚଳିତ ଥରର ବଜେଟକୁ ସାଧାରଣ ଲୋକଙ୍କ ବଜେଟ କହିବା ସହ ଏହା ମଧ୍ୟବିତ୍ତଙ୍କ ପକେଟ ଭରିବ ବୋଲି ଆଶା ପ୍ରକଟ କରିଛନ୍ତି ପ୍ରଧାନମନ୍ତ୍ରୀ। ଏ ବଜେଟ ଜନତା ଜନାର୍ଦ୍ଦନଙ୍କ ବଜେଟ୍, ଏହା ୧୪୦ କୋଟି ଭାରତୀୟ ଆକାଂକ୍ଷୀତ ବଜେଟ । ଭାରତର ସ୍ୱପ୍ନ ପୂରଣ କଲାଭଳି ବଜେଟ, ଯାହା ଦେଶର ବଡ ପରିବର୍ତ୍ତନ ଆଣିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି ମୋଦି ।



ଉପସ୍ଥାପିତ ବଜେଟ ଆତ୍ମନିର୍ଭର ଭାରତର ଅଭିଯାନକୁ ଉର୍ଜା ଦେବ । ଦେଶର ପର୍ଯ୍ୟଟନ କ୍ଷେତ୍ରକୁ ଇନ୍ଧନ ଦେବ । ତା ସହ ଏହା ସବୁ ଭାରତୀୟଙ୍କ ସ୍ୱପ୍ନ ପୂରା କରିପାରିବ। *(ପୃଷ୍ଠା ୭ରେ)*

## ବିକଶିତ ଭାରତ ପାଇଁ ବଜେଟ୍ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧।୨**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ୨୦୨୫-୨୬ ବଜେଟକୁ ବିକଶିତ ଭାରତ ପାଇଁ ବଜେଟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଏହି ବଜେଟରେ ମହିଳା ଉଦ୍ୟୋଗୀଙ୍କ ପାଇଁ ନୂତନ ସୁଯୋଗ ସହ ଆତ୍ମନିର୍ଭର କରିବା ନିମନ୍ତେ ବ୍ୟାପକ ବ୍ୟବସ୍ଥା ହୋଇଛି । ମୋଟ ୫ ଲକ୍ଷ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି ମହିଳା ଉଦ୍‌ଯୋଗୀଙ୍କୁ ଆଗାମୀ ୫ ବର୍ଷରେ ୨ କୋଟି ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। କୃଷି ଏବଂ କୃଷକଙ୍କ ବିକାଶକୁ ପ୍ରାଧାନ୍ୟ ଦେଇ ଆରମ୍ଭ ହେବ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'। ଦେଶର ମୋଟ ୧୦୦ଟି ଖାଇବା ତେଲରେ ଭାରତକୁ ଆତ୍ମନିର୍ଭର କରିବା ନିମନ୍ତେ ଆରମ୍ଭ ହେବ ୬ ବର୍ଷିଆ ସ୍ୱତନ୍ତ୍ର ଯୋଜନା।

ଦେଶରେ ଏମଏସଏମଇ ବିକାଶର ଦ୍ୱିତୀୟ ଇଞ୍ଜିନ ହୋଇଛି । ୭.୫ କୋଟି ଏମଏସଏମଇ କର୍ମଚାରୀଙ୍କ ଉପରେ ଫୋକସ କରାଯାଇଛି । *(ପୃଷ୍ଠା ୭ରେ)*

## ରେଳ ମନ୍ତ୍ରଣାଳୟ ପାଇଁ ୨.୫୫ ଲକ୍ଷ କୋଟିର ବ୍ୟୟବରାଦ

**ନୂଆଦିଲ୍ଲୀ, ୧।୨**

କେନ୍ଦ୍ର ବଜେଟରେ ରେଳ ମନ୍ତ୍ରଣାଳୟ ପାଇଁ ୨.୫୫ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେଥିମଧ୍ୟରୁ ୩,୪୪୫ କୋଟି ଟଙ୍କା ରାଜସ୍ୱ ଓ ୨,୫୨,୦୦୦ କୋଟି ଟଙ୍କା ପୁଞ୍ଜି ବ୍ୟୟରେ ଖର୍ଚ୍ଚ ହେବ। ତେଣୁ ରେଳ ବଜେଟରେ ମୋଟ ୨ ଲକ୍ଷ ୫୫ ହଜାର ୪୪୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୪-୨୫ରେ ୨.୫୨ ଲକ୍ଷ କୋଟିର ବ୍ୟୟବରାଦ କରାଯାଇଥିଲା।

ରେଳ ଦୁର୍ଘଟଣା କମାଇବା ପାଇଁ ରେଳ ମନ୍ତ୍ରଣାଳୟ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଯାଉଛି। ଏହା ଅଧୀନରେ ଦେଶର ପ୍ରମୁଖ ରେଳ ପଥରେ କବଚର ଉନ୍ନତ ସଂସ୍କରଣ



୪.୦ ଲଗାଇବା ପାଇଁ ଦ୍ରୁତ ଗତିରେ କାର୍ଯ୍ୟ କରାଯିବ।


ରେଳ ପେନସନ ପାଣ୍ଠି ପାଇଁ ବଜେଟରେ ୬୬ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ନୂଆ ଲାଇନ ବିଛାଇବା ପାଇଁ ୩୨,୨୩୫ କୋଟି ଟଙ୍କା ଖର୍ଚ୍ଚ ହେବ। ଲାଇନ ଦୋହରୀକରଣ ପାଇଁ ୩୨,୦୦୦ କୋଟି ଟଙ୍କା ଏବଂ ଗେଜ ଲାଇନରେ ରୂପାନ୍ତର ପାଇଁ ୪,୫୫୦ କୋଟି ଟଙ୍କାର ବଜେଟ ଧାର୍ଯ୍ୟ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ମା' ସରସ୍ୱତୀ ପୂଜାରେ ତୁମର
ସଂସାରକୁ ବାଟ ଦେଖା
ବିଦ୍ୟାବୁଦ୍ଧି ସବୁ ସର୍ଭିଙ୍କ ପୋଡିଛି
ମଣିଷ ପଣିଆ ଖାଁ ଖାଁ
ଛାତ୍ର ସମାଜର ଅଗ୍ନିଶିଖା
ଲିଭିଲିଭି ଯାଏ ଘୋର ଅନ୍ଧାରକୁ
କର ମା' ତାହାକୁ ରକ୍ଷା।

## ଫେବୃଆରୀରେ ଅସହ୍ୟ ଖରା : ତାତି ସହ ଅସ୍ତବ୍ୟସ୍ତ କରିବ ଗୁଳୁଗୁଳି, ୩୫ ଡିଗ୍ରୀ ଛୁଇଁଲାଣି ପାରଦ



**ଭୁବନେଶ୍ୱର, ୧।୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଖରାର ପ୍ରଭାବ ଆରମ୍ଭ ହୋଇଯାଇଛି। ନିର୍ମଳ ଆକାଶ ଯୋଗୁଁ ଟାଣ ଖରା ଅନୁଭୂତ ହେଉଛି । ଆଉ ଏହାରି ମଧ୍ୟରେ ପାଣିପାଗ ବିଭାଗ ପକ୍ଷରୁ ଫେବୃଆରୀରେ ସାଙ୍ଘାତିକ ଖରା ନେଇ ସତର୍କ ସୂଚନା ଦିଆଯାଇଛି।

ପାଣିପାଗ ବିଭାଗର ସୂଚନା ଅନୁସାରେ ଫେବୃଆରୀରେ ହେବ ସାଙ୍ଘାତିକ ଖରା। ସ୍ୱାଭାବିକ ଠାରୁ ୫ ଡିଗ୍ରୀ ଉପରେ ରହିବ ପାରଦ । ଆଭ୍ୟନ୍ତରୀଣ ଓଡ଼ିଶା ଅପେକ୍ଷା ଅଧିକ ଜଳିବ ଉପକୂଳ ଓଡ଼ିଶା । ତାତି ସହ ଅସ୍ତବ୍ୟସ୍ତ କରିବ ଅସହ୍ୟ ଗୁଳୁଗୁଳି। ଦୀର୍ଘମିଆଦୀ ଆକଳନରେ ଏଭଳି ପୂର୍ବାନୁମାନ କରିଛି ଭାରତୀୟ ପାଣପାଗ ବିଭାଗ । ବିଶେଷ କରି ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ତାତି ବୃଦ୍ଧି ପାଇଁ ୟଲୋ ମାର୍କ ଦିଆଯାଇଛି ।

ସେପଟେ ଗତ ୨୪ ଘଣ୍ଟାରେ ଝାରସୁଗୁଡାର ତାତି ୩୫ ଡିଗ୍ରୀ ଛୁଇଁଥିବା ବେଳେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଆହୁରି ତାତି ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର କହିଛି । ବିଶେଷ କରି ଝରସୁଗୁଡା, ସମ୍ବଲପୁର, ବରଗଡ, ବଲାଙ୍ଗୀର, କଳାହାଣ୍ଡି, *(ପୃଷ୍ଠା ୭ରେ)*

## ୧୦୦ଟି ନୂଆ ଅମୃତ ଭାରତ ଟ୍ରେନ୍ ନିର୍ମାଣ ଲାଗି ବଜେଟ୍‌ରେ ବ୍ୟବସ୍ଥା



**ନୂଆଦିଲ୍ଲୀ, ୧।୨**

କେନ୍ଦ୍ର ରେଳ, ସୂଚନା ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍‌କୁ ସ୍ୱାଗତ କରିଛନ୍ତି । ବଜେଟ୍‌ରେ ରେଳବାଇ ପାଇଁ ୨.୫୨ ଲକ୍ଷ କୋଟି ଟଙ୍କାର ବିପୁଳ ପୁଞ୍ଜି ବ୍ୟୟ ବ୍ୟବସ୍ଥା କରାଯାଇଥିବାରୁ କେନ୍ଦ୍ର ରେଳ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । *(ପୃଷ୍ଠା ୭ରେ)*





# ସୋଆରେ କ୍ୟାପାସିଟି ବିଲ୍ଡିଂ ପ୍ରୋଗ୍ରାମ ଆୟୋଜିତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ବୈଦେଶିକ ବାଣିଜ୍ୟ, ଲଜିଷ୍ଟିକ୍ସ ଏବଂ ରପ୍ତାନୀକୁ ନେଇ ଏକ କ୍ୟାପାସିଟି ବିଲ୍ଡିଂ କାର୍ଯ୍ୟକ୍ରମ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆୟୋଜିତ ହୋଇଯାଇଥିବା ବେଳେ ବିଶେଷଜ୍ଞମାନେ ରପ୍ତାନୀ କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ।




ଏହି କାର୍ଯ୍ୟକ୍ରମ ଅଲ୍ ଓଡ଼ିଶା ଏସ୍‌ସି-ଏସ୍‌ଟି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ଓଏସ୍‌ସିଆଇ) ଦ୍ୱାରା ପ୍ରାୟୋଜିତ ତଥା ଏଗ୍ରିକଲଚରାଲ୍ ଆଣ୍ଡ ପ୍ରୋସେସ୍‌ଡ ଫୁଡ୍ ପ୍ରଡକ୍ଟସ୍ ଏକ୍ସପୋର୍ଟ ଡେଭଲପମେଣ୍ଟ ଅଥରିଟି (ଏପିଇଡିଏ), ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ଆଇଡିବିଆଇ) ଏବଂ ସୋଆର ସହଯୋଗରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଆଇଡିବିଆଇର ଡେପୁଟି ଜେନେରାଲ୍ ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ଚୌଧୁରୀ ଯୋଗ ଦେଇ ବ୍ୟାଙ୍କଗୁଡ଼ିକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ମାଇକ୍ରୋ ସ୍ମଲ୍ ଏବଂ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଏମ୍‌ଏସ୍‌ଏମ୍‌ଇ) ଗୁଡ଼ିକୁ ସହଯୋଗ କରୁଥିବା ବେଳେ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅନ୍ତର୍ଗତ ବୈଦେଶିକ ବାଣିଜ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଅମିତ କୁମାର ରପ୍ତାନୀ ଏବଂ ଆମଦାନୀ କ୍ଷେତ୍ରରେ ବିକାଶ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବା ସହ ଏଥିରେ ପ୍ରଯୁକ୍ତି ବିଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ସେହିପରି ଏପିଇଡିଏର ଆଞ୍ଚଳିକ ମୁଖ୍ୟ ଏସ୍.କେ ମଣ୍ଡଳ ଖାଦ୍ୟ ଏବଂ କୃଷିଜାତ ଦ୍ରବ୍ୟର ରପ୍ତାନୀ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ସହଯୋଗର ହାତ ବଢ଼ାଇବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଓଏସ୍‌ଏମ୍‌ଇଇର ସେକ୍ରେଟାରୀ ଜେନେରାଲ୍ ସ୍ୱସ୍ତିକ ସ୍ୱାଇଁ କହିଥିଲେ ଯେ ଖାଦ୍ୟ ପଦାର୍ଥ, ମତ୍ସ୍ୟ, କୃଷିଜାତ ଉତ୍ପାଦ ଏବଂ ମାଣ୍ଡିଆର ରପ୍ତାନୀ କ୍ଷେତ୍ରରେ ଓଡ଼ିଶାରେ ଅନେକ ସୁଯୋଗ ରହିଛି। କାର୍ଯ୍ୟକ୍ରମରେ ଓଏସ୍‌ସିଆଇର ସଭାପତି ଶ୍ରୀ ସାଧୁ ଛତ୍ରିଆ, ନାବାର୍ଡର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ବିଜୟ କୁମାର ଜାମୁଡା, ୱାର୍ଲ୍ଡ ଟ୍ରେଡ ସେଣ୍ଟର ଆସିଷ୍ଟାଣ୍ଟ ଡାଇରେକ୍ଟର ନିମିଷିକା ନଟରାଜନ୍, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏବଂ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ।

# ମଧୁସାଗର ବିଦ୍ୟାପୀଠରେ ଟ୍ରଷ୍ଟବୋର୍ଡ ଗଠନ ପାଇଁ ଦାବି

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡ଼ାର ଅନ୍ୟତମ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ମଧୁସାଗର ବିଦ୍ୟାପୀଠର ଟ୍ରଷ୍ଟବୋର୍ଡ ଗଠନ ଓ ଆୟ ବ୍ୟୟ ତଦାରଖ କରିବା ପାଇଁ ଦାବି କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇ ଠାରେ ଥିବା ମଧୁସାଗର ବିଦ୍ୟାପୀଠର ପ୍ରାୟ ୨୦ ଏକରରୁ ଅଧିକ ଏକର ସମ୍ପତି ରହିଛି। ଏଥିରୁ ଆମଦାନୀ ହେଉଥିବା ଅର୍ଥ ଏବଂ ଖର୍ଚ୍ଚ ହେଉଥିବା ଆୟ ବ୍ୟୟର କୌଣସି ହିସାବ ନଥିବା ଏବଂ ପୁରୁଣା ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ନେଇ ଟ୍ରଷ୍ଟ ବୋର୍ଡ ଗଠନ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାପୀଠ ରେ ଟ୍ରଷ୍ଟବୋର୍ଡ ଗଠନ ଓ ଆୟ ବ୍ୟୟ ହିସାବ ସଂପର୍କରେ ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# କ୍ରେଡିଟ୍ ପ୍ଲାନ୍ ପୁସ୍ତିକା ଉନ୍ମୋଚିତ

ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜାତୀୟ କୃଷି ଓ ଗ୍ରାମ୍ୟ ବିକାଶ ବ୍ୟାଙ୍କ ନାବାର୍ଡ ପକ୍ଷରୁ ଆଗାମୀ ୨୦୨୫-୨୬ ବର୍ଷ ପାଇଁ ପ୍ରସ୍ତୁତ ଋଣ ଲଗାଣ ପାଇଁ ଏକ କ୍ରେଡିଟ ପ୍ଲାନର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ପକ୍ଷରୁ ବୌଦ୍ଧ ଜିଲ୍ଲା ପାଇଁ ନିଯୁକ୍ତ ଡିଡିଏମ ଡ. ସତ୍ୟ ସ୍ୱରୂପ ବିଦାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉନ୍ମୋଚନ କରିଥିଲେ। ବୌଦ୍ଧ ଜିଲ୍ଲାର ସାଧାରଣ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ଓ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ, ରୋଜଗାର ମାଧ୍ୟମ ବୃଦ୍ଧି କ୍ଷେତ୍ରରେ ନିବେଶ ପାଇଁ ନାବାର୍ଡ ପକ୍ଷରୁ ଉକ୍ତ ପ୍ଲାନରେ ଖସଡ଼ା ପ୍ରସ୍ତୁତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।



# ଡେପୁଟି କଲେକ୍ଟରଙ୍କୁ ବିଦାୟ ସମ୍ବର୍ଦ୍ଧନା



ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ବିଜୟ କୁମାର ସେଠୀଙ୍କୁ ଖୋର୍ଦ୍ଧାର ବୋଲଗଡ଼କୁ ତହସିଲଦାର ଭାବରେ ବଦଳି ହୋଇଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଶ୍ରୀ ସେଠୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଅଧିକାରୀମାନେ ପ୍ରଶଂସା କରିବା ସହିତ ଜିଲ୍ଲାରେ ତାଙ୍କର ସ୍ୱଳ୍ପ ଦିନର କାର୍ଯ୍ୟ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ସେ ଏହା ପୂର୍ବରୁ ଫୁଲବାଣୀ ଜିଲ୍ଲା ବାଲିଗୁଡା ରେ ତହସିଲଦାର ଭାବେ ନିଯୁକ୍ତି ପାଇବା ପରେ ସେଠାରେ ଭଲ କାମ କରିବା ସହ ଗରିବ, ଦୁଃଖୀ ଲୋକଙ୍କ ପାଇଁ କାମ କରିଥିଲେ। ଏଣୁ ବୋଲଗଡ଼ ତହସିଲଦାର ଭାବେ କାର୍ଯ୍ୟ ଗ୍ରହଣ ପରେ ସେଭଳି ଭଲ କାମ ଜାରି ରଖିବା ପାଇଁ ଜିଲ୍ଲାପାଳ ଏବଂ ଅନ୍ୟ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର ବୈଷୟିକ ପରାମର୍ଶଦାତା ଚିତ୍ତରଞ୍ଜନ ଶାସମଲଙ୍କ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଥିବାରୁ ତାଙ୍କର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ତହସିଲଦାର ଲଗ୍ନଜିତ ବେହେରା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ସେକ୍ସନ ଅଫିସର, ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବକୁ ଆସିଲେନି ସରକାରୀ ଅଧିକାରୀ ଓ ଜିଲ୍ଲାପାଳ

ଧାମନଗର, ନ୍ୟୁଜ୍‌ବ୍ୟୁରୋ

ଧାମନଗର ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବୁଧବାର ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ତନବୀର ଆବେଦୀ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ମୁଖ୍ୟବକ୍ତା ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ମନୋଜ କୁମାର ମଲ୍ଲିକ, ଭଣ୍ଡାରିପୋଖରୀ ବ୍ଲକ ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ବନ୍ତ ବ୍ଲକର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥ ସୁନ୍ଦର ମହାକୁଡ଼ ପ୍ରମୁଖ ଯୋଗ ଦେଇ ସରକାର ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଉକ୍ତ ବିଦ୍ୟାଳୟ ଖୋଲିଛନ୍ତି ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୂଚନା ଥାଉକି ଉକ୍ତ ବିଦ୍ୟାଳୟର ଚେୟାରମ୍ୟାନ ଭଦ୍ରକ ଜିଲ୍ଲାପାଳ ଦିଲୀପ କୁମାର ରାଉତ ରାୟଙ୍କ ନାମ ନିମନ୍ତ୍ରଣ ପତ୍ରରେ ଶେଷରେ ଲେଖାଯାଇଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇ ଥିଲା। ନିୟମ ଅନୁଯାୟୀ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନାମ ତଳକୁ ଜିଲ୍ଲାପାଳଙ୍କ ନାମ ରହିବା କଥା ତାଙ୍କ ତଳକୁ ଡିଇଓ, ବିଇଓଙ୍କ ନାମ ରହିବା କଥା ପରନ୍ତୁ ଜିଲ୍ଲାପାଳଙ୍କ ନାମ ସମସ୍ତ ଅତିଥିଙ୍କ ତଳକୁ ଥିବାରୁ ତୀବ୍ର ଅସନ୍ତୋଷ ପାଇଛି।

# ବାଳିକାମାନଙ୍କ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ



ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ

ଶଙ୍କରପୁରସ୍ଥିତ ଗୋଖଲେ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଗୀତାଞ୍ଜଳି ରାଉତ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି ପିଲାମାନେ ଶକ୍ତିଶାଳୀ ଓ ନିର୍ଭୀକ ହେବା ସହିତ ନିଜକୁ ସୁରକ୍ଷିତ ରଖି ସମାଜ ବିକାଶ ଦିଗରେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ମାଷ୍ଟର ଟ୍ରେନର ଲତିକା ସ୍ୱାଇଁ ପିଲାମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇଥିଲେ। ଅଧ୍ୟାପିକା ରାଜଶ୍ରୀ ମିଶ୍ର, ଦିଲ୍ଲିପ କୁମାର ସାହୁ, ସୁନୀଲ କୁମାର ବରାଳ, ଅଧ୍ୟାପିକା ଦିପ୍ତି ଚାନ୍ଦ, ସରୋଜିନୀ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ପ୍ରତ୍ୟାବର୍ତ୍ତନ



କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧିନସ୍ଥ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୦୧ ଜଣ ବରିଷ୍ଠ ତୀର୍ଥଯାତ୍ରୀ କେନ୍ଦ୍ରାପଡ଼ା ଟାଉନ ହଲ୍ ଠାରୁ ଶିରିଡ଼ି-ନାସିକ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସେଠାରେ ପହଞ୍ଚିବା ସମୟରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସମସ୍ତ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ସହ ଯାତ୍ରା ସମୟର ଅନୁଭୂତି ଓ ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ। ତୀର୍ଥଯାତ୍ରୀମାନେ ସେମାନଙ୍କର ଯାତ୍ରା ସଫଳତା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ତଥା ଜିଲ୍ଲା ପ୍ରଶାସନର ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ନୋଡାଲ ଅଫିସର ତ୍ରିଭୁବନ ଜୟସିଂହ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ତୀର୍ଥଯାତ୍ରୀଙ୍କ ସମ୍ପର୍କୀୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ପୋଷାକ ବଣ୍ଟନ

ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୂଆସାହିର ନୂଆସାହି ପ୍ରାଇମେରୀ ସ୍କୁଲରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଟିକୁନି ହେମ୍ବ୍ରମଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନୂତନ ପୋଷାକ ବଣ୍ଟନ କରିଥିଲେ। ସୁକାନ୍ତି ମହାନ୍ତି ଓ ଅଭିଭାବକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟୁତ ତାର ଲାଗି ଦମ୍ପତିଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ କୋର୍ଟ ଚାଲାଣ



ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ

ନନ୍ଦପୁର ବ୍ଲକ୍ ଗେରୁପୁଟର ଦମ୍ପତି ମୃତ୍ୟୁ ଘଟଣା ଜଣେ ଅଭିଯୁକ୍ତକୁ ନନ୍ଦପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଏସଡିପିଓ ସମ୍ବିତ କୁମାର ମାଝି ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ତଳ ଗେରୁପୁଟ ର ନାରାୟଣ ଶିଶା (୪୮)। ସେ ଏପରି ଅପରାଧିକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ରହିଥିବା ଯୋଗୁଁ ସେହିଦିନ ଠାରୁ ହିଁ ତା' ଉପରେ ପୁଲିସ ନଜର ରଖି ତାକୁ ହେପାଜତକୁ ନେଇ ପଚରା ଉଚରା ଜାରି ରଖିଥିଲା। ଅଭିଯୁକ୍ତ ଜଣକ ବାରହା ବା ପଶୁ ଶିକାର ପାଇଁ ଏହି ବିଦ୍ୟୁତ ତାର ବିଛାଇ ରଖିଥିବା ବେଳେ ଗେରୁପୁଟ ଗ୍ରାମର ବଳରାମ ଗାଲେଲ ଓ ସ୍ତ୍ରୀ ବୋଲା ଗାଲେଲ କାଠ ସଂଗ୍ରହ ପାଇଁ ଯାଇ ଏହି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ। ପୁଲିସ ଅଭିଯୁକ୍ତ ନାରାୟଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣା ଏବେ ନନ୍ଦପୁର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୁଲିସ ଅନୁସନ୍ଧାନ ଜାରି ରଖିଛି, ଏଥିରେ ଆଉ କେଉଁମାନେ ସଂଶ୍ଳିଷ୍ଟ ରହିଛନ୍ତି। ଆଗକୁ ଆଉ ମଧ୍ୟ କିଛି ଅଭିଯୁକ୍ତ ଗିରଫ ହେବାର ସମ୍ଭାବନା ରହିଛି।

# ଅସଜଡ଼ା ଭିତ୍ତିଭୂମି ଉପରେ ଠିଆହୋଇଥିବା ଟ୍ରାଫିକ୍ ଥାନା ନିଜ ଭାଗ୍ୟକୁ ନିନ୍ଦୁଛି

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ସହରରେ ଯେତେ ଥାନା ରହିଛି ଉଣା ଅଧିକେ ସବୁ ଥାନାରେ ଭିତ୍ତିଭୂମି ରହିଛି। କିନ୍ତୁ ସହରର ପ୍ରମୁଖ ସମସ୍ୟା ବୁଝୁଥିବା ଟ୍ରାଫିକ୍ ଥାନା ସଜାଡ଼ି ହୋଇ ପାରୁନି। ଅସଜଡ଼ା ଭିତ୍ତିଭୂମି ଉପରେ ଠିଆ ହୋଇ ନିଜ ଭାଗ୍ୟକୁ ନିନ୍ଦିବାରେ ଲାଗିଛି। ଟ୍ରାଫିକ୍ ସମସ୍ୟାକୁ ଯେନତେନ ପ୍ରକାରେ ସଜାଡ଼ି ଆଣୁଥିବା ଏହି ଥାନା ଏବେ ପୁଣି ଏକ ସମସ୍ୟାରେ ପଡ଼ିଯାଇଛି। ଦୀର୍ଘ ଦିନ ହେଲା ବିନା ମୁରବୀରେ ଏହି ଥାନା ଚାଲିଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ପୁରୁଣା ବସ୍‌ଷ୍ଟାଣ୍ଡର ମଧ୍ୟସ୍ଥଳରେ ରହିଛି ଏହି ଟ୍ରାଫିକ୍ ଥାନା। ସଦର, ଚମାଖଣ୍ଡି, ଗୋପାଳପୁର ଓ ଗୋଳନ୍ଥରା ଥାନା ସୀମା ଇଲାକାରୁ ଧରି ଜାତୀୟ ରାଜପଥ ୧୬ର ଜଗନ୍ନାଥପୁର ଜଙ୍କସନ୍‌ଠାରୁ ହଳଦିଆପଦର ପର୍ଯ୍ୟନ୍ତ ପ୍ରାୟ ୮ କି.ମି ଅଞ୍ଚଳର ଟ୍ରାଫିକ୍ ଭାର ବହନ କରୁଛି ଏହି ଥାନା। ପୂର୍ବରୁ ଜଡ଼ି ଦରଗା ଉପରେ ପଡ଼ିଥିବା ଟାଇଲ ଛାତତଳେ ଥିବା ଏହି ଥାନା କିଛି ବର୍ଷ ହେଲା ସିମେଣ୍ଟ ଛାତ ତଳେ କାମ କରୁଛି। କର୍ମଚାରୀଙ୍କ ସୁବିଧା ନିମନ୍ତେ ଥାନାଗୃହକୁ ଦୁଇ ମହଲା କରାଯାଇଛି। ଭିତ୍ତିଭୂମି କହିଲେ କେବଳ ଏତିକି। କିନ୍ତୁ ଥାନାର ସ୍ୱତନ୍ତ୍ର ପାଚେରୀ ନାହିଁ। ଅପରାଧୀମାନଙ୍କୁ ରଖିବାକୁ ହାଜତ ନାହିଁ। ମଦ୍ୟପ ଧରପଗଡ଼ କିମ୍ବା ଗାଡ଼ି ଯାଞ୍ଚ ବେଳେ ବେନିୟମ ଭାବେ ଗାଡ଼ି ଚଳାଉଥିବା ଲୋକଙ୍କ ଜବତ ଗାଡ଼ିଗୁଡ଼ିକୁ ରଖିବା ସ୍ଥାନ ନାହିଁ। ଉକ୍ତ ଜବତ ଗାଡ଼ିଗୁଡ଼ିକ ରାସ୍ତା କଡ଼ରେ ରଖାଯାଉଥିବାରୁ ଟ୍ରାଫିକ୍ ସମସ୍ୟା ସଜାଡ଼ିବା ଦାୟିତ୍ୱରେ ଥିବା ଉକ୍ତ ଥାନା ନିଜେ ସମସ୍ୟା ସୃଷ୍ଟି କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୂର୍ବରୁ ବ୍ରହ୍ମପୁରର ଲୋକସଂଖ୍ୟା କମ୍ ଥିଲା। ସେତେବେଳେ ଏହି ଥାନା ଲୋକଙ୍କ ପାଇଁ ଉପଯୁକ୍ତ ଥିଲା। ଏବେ ଲୋକସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ନିୟନ୍ତ୍ରଣ ଅଞ୍ଚଳ ମଧ୍ୟ ବଢ଼ିଛି। ସେହି ଅନୁସାରେ ଥାନାକୁ କେବଳ ନୂଆ ରୂପ ଦିଆଯାଉଥିଲେ ସୁଦ୍ଧା ଭିତ୍ତିଭୂମି ସଜାଡ଼ିବାରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଅନ୍ୟପକ୍ଷରେ ଉକ୍ତ ଥାନାର ଚାରିପଟେ ରାସ୍ତା ଥିବାରୁ ଥାନା ପରିସୀମା ବଢ଼ାଇବା ଆଉ ଏକ ସମସ୍ୟା ସୃଷ୍ଟି କରିବ ବୋଲି କୁହାଯାଇଛି। ଥାନାକୁ ଯେଉଁମାନେ ଅଭିଯୋଗ କରିବାକୁ ଆସିବେ ସେମାନେ ସେମାନଙ୍କ ଗାଡ଼ି ପାର୍କିଂ କଲାଭଳି କୌଣସି ସୁବିଧା ନାହିଁ। ରାସ୍ତା ଉପରେ ହିଁ ପାର୍କିଂ କରିବାକୁ ପଡୁଛି। ଏହାର ସୁଯୋଗରେ ଯିଏ ଯେଉଁଠିକୁ ଯାଉଛି ସେଠାରେ ହିଁ ଗାଡ଼ି ପାର୍କିଂ କରିଯାଉଛି। ପୋଲିସ ଦେଖି ନ ଦେଖିଲା ଭଳି ରହିବାକୁ ବାଧ୍ୟ ହେଉଛି। ଏପରି ସ୍ଥଳେ ମୁରବୀ ନ ଥିବାରୁ ଯୋଜନାବଦ୍ଧ ପଦକ୍ଷେପ ନେବା ଅସମ୍ଭବ ହେଉଛି। କର୍ମଚାରୀମାନେ ମଧ୍ୟ ମନମୁଖୀ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ ଟ୍ରାଫିକ୍ ଡିଏସ୍‌ପି ସନାତନ ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଗତ ୩ ତାରିଖରୁ ଏଠାରେ କେହି ମୁରବୀ ନାହାନ୍ତି। ଇନିକ୍ସପେକ୍ଟର ସ୍ତରରେ ଅଦଳବଦଳ ହେଲେ ଏହି ଥାନାରେ କାହାକୁ ନିଯୁକ୍ତି ମିଳିବ ବୋଲି ଆଶା ରହିଥିବା ସେ କହିଛନ୍ତି।

# ୧୫୦ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା




ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ସହରର ବ୍ଲକଛକ ଦୁର୍ଗାପୂଜା ମଣ୍ଡପ ଠାରେ କେୟାର ଇନ୍ସ୍ୟୁରାନ୍ସ ସୋନପୁର ଶାଖା ତରଫରୁ ସ୍ୱରାଜ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ବଲାଙ୍ଗୀରର ସୁଦକ୍ଷ ଡାକ୍ତରଙ୍କ ସହାୟତାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥି ଭାବରେ କଳାପଥରର ଏମପିଏସ୍ ତଥା ଯୁବନେତା ଅରବିନ୍ଦ ବାରିକ ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ଓ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। କେଆର ଇନ୍ସ୍ୟୁରାନ୍ସର ସିନିଅର ବିଏମ୍ ପ୍ରମୋଦ କୁମାର ମିଶ୍ର ଏହି ଶିବିରକୁ ପରିଚାଳନା କରିଥିଲେ। ଏହି ଶିବିରରେ ବିଭିନ୍ନ ବର୍ଗର ରୋଗୀଙ୍କ ରକ୍ତ ପରୀକ୍ଷା କରାଯାଇଥିଲା ବେଳେ ୧୫୦ ଜଣ ରୋଗୀଙ୍କର ଡାକ୍ତରୀ ଚିକିତ୍ସା କରାଯାଇଥିଲା। ଏହି ଶିବିରରେ ସ୍ୱରାଜ ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ଡଃ ପୁଷ୍ପାଞ୍ଜଳି ମିଶ୍ର, ଭେଷଜ ବିଶେଷଜ୍ଞ ଡଃ ପୂଜା ପଟ୍ଟନାୟକ, କ୍ଷିରାବ୍ଧି ନାୟକ ଓ ଚର୍ମ ବିଭାଗର ଡଃ ଅସ୍ମିତା ଦଲାଲ ଓ ନ୍ୟୁଟ୍ରିସିନ ବିଭାଗର ବିଶେଷଜ୍ଞ ଡାକ୍ତର ଝିଲ୍ଲି ପଧାନ ଯୋଗଦେଇ ବିଭିନ୍ନ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ପ୍ରଦାନ କରିଥିଲେ। ଏହି ଶିବିରରେ ସୁଦାମ ବେହେରା, ସନ୍ତୋଷ କୁମାର ପୂଜାରୀ, ଦୀପ୍ତିମୟୀ ସାହୁ, ରାମ ମେହେର, କମଳା ମେହେର, ପ୍ରଶାନ୍ତ ମିଶ୍ର, ସ୍ମିତାରାଣୀ ମିଶ୍ର ଓ କମଳାକାନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ୧୯୮୭ ମାଟ୍ରିକ୍ ବ୍ୟାଚ୍ ବନ୍ଧୁ ମିଳନ



ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ

କଖଡ଼ି ହାଇସ୍କୁଲର ୧୯୮୭ମ୍ୟାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଶାନ୍ତନୁ କୁମାର ପତ୍ରୀଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାଚ୍‌ର ବହୁ ଛାତ୍ରଛାତ୍ରୀ ସପରିବାର ଯୋଗଦେଇ ଛାତ୍ର ଜୀବନର ପୁରୁଣାସ୍ମୃତିକୁ ମନେ ପକାଇବା ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ନୃତ୍ୟ, ସଂଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁକାନ୍ତ ନାୟକ, ରଣଜିତ ସାମନ୍ତରାୟ, ବିକଳ ଗୋଛାୟତ, ପ୍ରଶାନ୍ତ ରାଉତ, କବିଚନ୍ଦ୍ର ସାହୁ, ବୈକୁଣ୍ଠ ସାହୁ, ପ୍ରସନ୍ନ ପ୍ରଧାନ, ଫଗୁ ଦଳାଇ, ଚିତ୍ରଲେଖା ସ୍ୱାଇଁ, ସର୍ମିଳା ଶତପଥୀ, ସତ୍ୟଭାମା ସାହୁ, ଉର୍ବଶୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

# ସମ୍ବଲପୁରୀ ନୃତ୍ୟରେ ତାଳେ ତାଳେ ଝୁମିଲେ ଦର୍ଶକ

ରମ୍ଭା, ନ୍ୟୁଜ୍‌ବ୍ୟୁରୋ

କନକା ପଞ୍ଚାୟତ ଅଧିନସ୍ତ ଆର ବାହାଡ଼ାପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏସଏମସିର ସଭାପତି ବି. ଅଭି ପ୍ରଧାନଙ୍କ ସଭାପତିତ୍ୱରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସୂଚୀ ପ୍ରକାରେ ଅନୁଷ୍ଠିତ ହେବା ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ଣ୍ଣ ଚନ୍ଦ୍ର ସେଠି (ବିଧାୟକ ଖଲ୍ଲିକୋଟ) କରିଥିବା ବେଳେ ମନ୍ତ୍ର ପାଠ ସଚ୍ଚିଦାନନ୍ଦ ବେହେରା (ବି ଗଣ୍ଡାପଲ୍ଲୀ ହେଡ.ଏମ୍) କରିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ରବୀନ୍ଦ୍ର କୁମାର ନାୟକ (ସିଆରସିସି ସାବୁଳିଆ କ୍ଲଷ୍ଟର) ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଗଣେଶ ଚନ୍ଦ୍ର ଦଳବେହେରା (ପ୍ରଧାନ ଶିକ୍ଷକ ଆଲୋପୁର) ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମଞ୍ଚାସୀନ ବ୍ୟକ୍ତିମାନଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ଫୁଲତୋଡ଼ା ସହ



ଉପଢୌକନ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ପଣ୍ଡା (ସମାଜସେବୀ ରମ୍ଭା), ସୁଦାମ ନାୟକ (ପୂର୍ବତନ ସରପଞ୍ଚ କନକା), ଇନ୍ଦୁଶ୍ରୀ ଶର୍ମା (ଷ୍ଟୁଡେଣ୍ଟସ୍ ହାଇସ୍କୁଲ ସାବୁଳିଆ), ସନ୍ୟାସୀ ଲେଙ୍କା (ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ), ଲକ୍ଷ୍ମୀଧର ପ୍ରହରାଜ (ଏକ୍ସ ଏଚ୍‌ଏମ୍), ପ୍ରଫୁଲ୍ଲ ଚନ୍ଦ୍ର ଦାସ (ଏକ୍ସ ସିଆରସିସି), ରୋଜାଲିନ ମହାପାତ୍ର (ବିଜ୍ଞାନ ଶିକ୍ଷୟିତ୍ରୀ ରମ୍ଭା ହାଇସ୍କୁଲ), ଡଃ ଦ୍ୱାରିକା ନାଥ ମହାରଣା (ସିଆରସିସି କନକା), ଟୁନି ପ୍ରଧାନ (ଏସଏମସି ଉପସଭାପତି), ବି ଲକ୍ଷ୍ମଣ ପ୍ରଧାନ (ଗ୍ରାମ୍ୟ ସଭାପତି) ପ୍ରମୁଖ ସମ୍ମାନୀତ ଅତିଥି ରୂପେ ମଞ୍ଚାସୀନ ହୋଇଥିଲେ। ଉପସ୍ଥିତ ଦର୍ଶକ, ଗ୍ରାମବାସୀ, ଆଗନ୍ତୁକ, ଅଭିଭାବକ/ଅଭିଭାବିକାମାନଙ୍କୁ ଅଭିଭାଷଣ ମାଧ୍ୟମରେ ବିଧାୟକ ଶ୍ରୀ ସେଠି ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପରିବେଶ ପରିବେଷ୍ଟନି ତଦାରଖ କରିବା ସହ ଦୀର୍ଘ ୧୨ ବର୍ଷ ତଳେ ବିଗତ ସରକାରରେ ବିଧାୟକ ରହିଥିବା ବେଳେ ବନ ମହୋତ୍ସବ ସମୟରେ କଦମ୍ବ ବୃକ୍ଷ ରୋପଣ କରି ଗଛର ଛାଇ ତଳେ ଉପସ୍ଥିତ ହୋଇ ମନେ ପକାଇଥିଲେ। ତତ୍‌ସହିତ ବିଦ୍ୟାଳୟର ଅଭାବ/ଅସୁବିଧା ହୃଦ୍‌ବୋଧ କରି ପାନୀୟ ଜଳର ସ୍ଥାୟୀ ବନ୍ଦୋବସ୍ତ, ବିଦ୍ୟାଳୟରେ ଲାଇବ୍ରେରୀ କମ୍ ସଭାଗୃହ ରୁମ୍, ଷ୍ଟାଫ ୱାସ ରୁମ୍ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡା ଶିକ୍ଷାନୁଷ୍ଠାନ ପରିସରରେ ୩ଗୋଟି ବରପୁତ୍ର ସ୍ଥାପନ ପାଇଁ ସହମତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ସଞ୍ଚାଳନରେ ୩ଗୋଟି ଗ୍ରାମବାସୀ ମର୍ଦ୍ଦରାଜପୁର, ହେଚ ବାହାଡ଼ାପଲ୍ଲୀ, ଆର ବାହାଡ଼ାପଲ୍ଲୀ ପରିଚାଳନା କମିଟି, ପିଟିଏ, ଏମଟିଏ, ଆଗ୍ରହୀ ଯୁବ ଗୋଷ୍ଠୀ ସହିତ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ ପଟ୍ଟନାୟକ, ଅଂଶୁମାଳୀ ବେହେରା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ମଙ୍ଗରାଜ, ଉପାସନା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଏଥିସହିତ ପୂର୍ବରୁ ଅନୁଷ୍ଠିତ ଖେଳକୁଦ, ବକ୍ତୃତା, କୁଇଜ, କବିତା, ଗୀତରେ କୃତକାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ବ୍ୟକ୍ତିମାନଙ୍କ ଦ୍ୱାରା ମାନପତ୍ର ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ କୁନାକୁନି କଳାକାରମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସମ୍ବଲପୁରୀ ନୃତ୍ୟରେ ତାଳେ ତାଳେ ଝୁମିଥିଲେ ଦର୍ଶକ।

# ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ଜୟନ୍ତୀ ପାଳିତ

ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ

ବିଶିଷ୍ଟ ଶିକ୍ଷାବିତ୍, ରାଜନେତା, ସମାଜ ସେବୀ ତଥା ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିରର ପ୍ରାକ୍ତନ ସଭାପତି ସ୍ୱର୍ଗତ କୈଳାସ ଚନ୍ଦ୍ର ବରାଳଙ୍କ ୮୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି। ବିଦ୍ୟା ମନ୍ଦିରର ସମ୍ପାଦକ ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାଯ୍ୟକ୍ରମରେ ଶିକ୍ଷାବିତ୍ ହରେକୃଷ୍ଣ ସାହୁ ଓ ଦୂରଦର୍ଶନ ବେତାର ମଞ୍ଚ ନିର୍ଦ୍ଦେଶକ ଅକ୍ଷୟ ନାୟକ ସ୍ୱର୍ଗତ ବରାଳଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିବା ସହିତ ଅଞ୍ଚଳରେ ଶିକ୍ଷାର ବିକାଶ ଦିଗରେ ତାଙ୍କର ମହତ୍ ଅବଦାନ ଥିଲା ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁରାଧା ଭଟ୍ଟ, ସାଗରିକା ସିଂ, ପିଙ୍କି ସାହୁ, ଲକ୍ଷ୍ମୀ ନାଟିଆ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ପରିଚାଳକ ରାଜେଶ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।





# 'ଦୁର୍ନୀତି ମୂଳୋତ୍ପାଟନ ପାଇଁ ସାମ୍ବାଦିକମାନେ ନିରପେକ୍ଷ ସମ୍ବାଦ ପରିବେଷଣ କରନ୍ତୁ'



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ସାମ୍ବାଦିକଟିଏ ନିର୍ଭୀକ, ନିରପେକ୍ଷ ଓ ନିଷ୍ଠାବାନ୍ ହୋଇ କାର୍ଯ୍ୟ କଲେ, ସମାଜର ସାମଗ୍ରିକ ବିକାଶ ହେବ । ଦୁର୍ନୀତି ମଧ ହଟିବ । ତାସହ ସରକାର ମଧ ନିଷ୍ପେଷିତଙ୍କ ପାଖରେ ପହଞ୍ଚିବାରେ ସମର୍ଥ ହେବେ । ଏହାସହ ତାଙ୍କର ଭୁଲ୍ ଓ ତ୍ରୁଟିକୁ ସବୁବେଳେ ସାମ୍ନାକୁ ଆଣିବା ଲାଗି ସବୁ ସାମ୍ବାଦିକଙ୍କୁ ନିବେଦନ କରିଛନ୍ତି । ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ଧାମନଗରର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଧାମନଗର ପ୍ରେସ୍ କ୍ଲବ ପଡ଼ିଆରେ ଧାମନଗର ପ୍ରେସ୍ କ୍ଲବ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଆହୁରି କହିଛନ୍ତି ଯେ, କେଭିନ୍ କ୍ୟାଟରଙ୍କ ଭଳି ସାମ୍ବାଦିକ ହେବା ସହ ମାନବ ସମ୍ବେଦୀ ହେବା ଅତ୍ୟନ୍ତ ଜରୁରୀ । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଧାମନଗର ପ୍ରେସ୍ କ୍ଲବ ଆହୁରି ଆଗକୁ ବଢ଼ୁ । ତେବେ ସାମ୍ବାଦିକଟିଏ ଅନ୍ୟର ଭାଷାକୁ ନିଜର କରି ପରଖିବାକୁ ଆହ୍ୱାନ୍ ଦେଇଛନ୍ତି । ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ନାଟ୍ୟକାର ବିଜୟ କୁମାର ଦାସ କହିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଥିବା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ସାମ୍ବାଦିକତାକୁ ଭୁରି ଭୁରି ପ୍ରଶଂସା କରିଥିଲେ । ରାଜ୍ୟ ଯେଉଁ ବିକାଶ ଦେଖୁଛି, ତାହା ଏହି ସାମ୍ବାଦିକଙ୍କ କଲମରୁ ପରିସ୍ଫୁଟନ ହୋଇଛି ବୋଲି ସେ କହିଛନ୍ତି । ତେବେ ଏହି ସଭାରେ ଅନ୍ୟ ଅତିଥି ଭାବେ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଧାମନଗର ଏନ୍‌ଏସି ଚେୟାରମ୍ୟାନ୍ ନିବେଦିତା ଜେନା ଓ ଭଦ୍ରକ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଉପସ୍ଥିତ ଥିଲେ । ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବରେ ସଭାପତିତ୍ୱ କରିଥିଲେ। ସଭାପତି ବୈକୁଣ୍ଠନାଥ ସାହୁ ସଂପାଦକ ରଜତ ପଣ୍ଡା ବିବରଣୀ ପାଠ କରିଥିଲେ । ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ସାମ୍ବାଦିକ କିଶନ ରାଉତ, ସାମ୍ବାଦିକ ସୁଧାକର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଭା ଶେଷରେ ବରିଷ୍ଠ ସାମ୍ବାଦିକ, ବୁଦ୍ଧିଜୀବୀଙ୍କୁ ସମ୍ମାନିତ କରାଯାଇଥିଲା । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଳିକା ହଷ୍ଟେଲ୍‌ରେ ନିମ୍ନମାନର ଖାଦ୍ୟ ପରିବେଷଣ

# ଥାନାରେ ଅଭିଯୋଗ କରିବା ପାଇଁ ୧୦ କି.ମି. ଚାଲିଲେ ୪୦ ଛାତ୍ରୀ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ୮ ମାସ ହେଲା ନିମ୍ନମାନର ଖାଦ୍ୟ ଦିଆଯାଉଥିଲା । ଏପରିକି ଭାତରେ ଆଉ ତରକାରୀରେ ପୋକ ରହୁଥିଲା । ସ୍କୁଲ୍‌ର ପ୍ରଧାନ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲୁ । ହେଲେ କେହି ଆମ ଅଭିଯୋଗକୁ କର୍ଣ୍ଣପାତ କଲେନାହିଁ । ଶେଷରେ ନ୍ୟାୟ ପାଇବା ପାଇଁ ପ୍ରାୟ ୩୦ ରୁ ୪୦ ଜଣ ଝିଅ ଯେଉଁମାନେକି ଛାତ୍ରୀବାସରେ ରହୁଥିଲେ ପ୍ରାୟ ୧୦ କିଲୋମିଟର ଚାଲି ଚାଲି ଉମରକୋଟ ଆସି ଥାନାରେ ଅଭିଯୋଗ କରିବା ପାଇଁ ବାହାରିଥିଲେ । ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନ ବୁର୍ଜା ପଞ୍ଚାତ ଠାରେ । ମା' ପେଣ୍ଡରାଣୀ ଉଚ୍ଚ ବିଦ୍ୟାଳୟ, ବୁର୍ଜାରେ ଅଧ୍ୟୟନ କରୁଥିବା ଛାତ୍ରୀମାନେ ଉକ୍ତ ଗ୍ରାମର କସ୍ତୁରବା ବାଳିକା ହଷ୍ଟେଲ୍‌ରେ ରହୁଥିଲେ । ତେବେ ଦୀର୍ଘ ୮ ମାସ ହେଲା ଏହି ହଷ୍ଟେଲ୍‌ରେ ପରସା ଯାଉଥିବା ଖାଦ୍ୟ ଏତେ ନିମ୍ନମାନର ଯେ ଭାତ ଆଉ ତରକାରୀରେ ଖାଲି ପୋକ ଦେଖାଯାଉଥିଲା । ଏପରିକି ଏହି ସମସ୍ୟା ନେଇ ଛାତ୍ରୀମାନେ ହଷ୍ଟେଲ୍, ସ୍କୁଲ୍ କର୍ତ୍ତୃପକ୍ଷ ଓ ବିଭିନ୍ନ ସମୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଅତିଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସମସ୍ତେ ଆଶ୍ୱାସନ ଦେଉଥିଲେ । କିନ୍ତୁ କୌଣସି ସମାଧାନ ହେଲାନାହିଁ । ଶେଷରେ ପ୍ରାୟ ୩୦ ରୁ ୪୦ ଜଣ ଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇ ଘଟଣା ସମ୍ପର୍କରେ ଅଭିଯୋଗ କରିବା ପାଇଁ ଉମରକୋଟ ଥାନା ଅଭିମୁଖେ ବାହାରିଥିଲେ । ସ୍କୁଲ୍‌ର କିଛି ଶିକ୍ଷକ, ଶିକ୍ଷୟିତ୍ରୀ ଘଟଣା ସ୍ଥଳରେ ପହଞ୍ଚି ଉମରକୋଟ ଥାନାକୁ ନଯିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ । କିନ୍ତୁ ଏହି ଛାତ୍ରୀମାନେ ଭ୍ରୂକ୍ଷେପ ନକରି ଦୀର୍ଘ ୧୦ କିଲୋମିଟର ବାଟ ଚାଲି ଚାଲି ଉମରକୋଟରେ ପହଞ୍ଚିଯାଇଥିଲେ । ଘଟଣା ବିଷୟରେ ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାସୁଝା କରି ସ୍କୁଲ୍‌କୁ ଫେରାଇବାରେ ସଫଳ ହେଇଥିଲେ । ତେବେ ଏହି ଘଟଣାରେ ଯିଏବି ଦୋଷୀ ଥାଉ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କହିଥିଲେ । ତେବେ ତୁରନ୍ତ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଘଟଣାକୁ ଅତ୍ୟନ୍ତ ଗମ୍ଭିରତାର ସହ ନେଇ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାଧାରଣରେ ଦାବି ହେଉଛି ।





# ସଡ଼କ ସୁରକ୍ଷା ବାର୍ତ୍ତା ବାଣ୍ଟିଲା ସଚେତନତା ରଥ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ସଡ଼କ ସୁରକ୍ଷା ସମିତି, କେନ୍ଦ୍ରାପଡ଼ା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଜାନୁଆରୀ ୧ ତାରିଖ ୨୦୨୫ ଠାରୁ ଆରମ୍ଭ କରାଯାଇଥିବା ସଚେତନତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ମ୍ୟୁନିସିପାଲିଟି ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ତପନ କୁମାର ପତି ଯୋଗଦେଇଥିଲେ । ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଏକ ମାସ ଧରି ଏକ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକରେ ସଚେତନତା ବାର୍ତ୍ତା ବାଣ୍ଟିଥିଲା । ସଡ଼କ ସୁରକ୍ଷା ପରିବାର ରକ୍ଷା ବିଷୟକୁ ଧ୍ୟାନ ଦେବା ସହ ସଡ଼କ ସୁରକ୍ଷାର ସମସ୍ତ ନିୟମକୁ ସମସ୍ତେ ମାନିବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉପଲକ୍ଷେ ବିଭାଗ ପକ୍ଷରୁ ବିଭିନ୍ନ ସ୍କୁଲ୍ ଓ କଲେଜର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ନେଇ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରା ତିନିମୁହାଣୀ ରାମ ମନ୍ଦିର ଠାରୁ ସହର ମଧ ଦେଇ ମ୍ୟୁନିସିପାଲିଟି ଟାଉନ୍ ହଲ୍ ଠାରେ ପହଞ୍ଚିଥିଲା । ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ସକାଳ ସମୟରେ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ସ୍କୁଲ୍ ଓ କଲେଜର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କରାଯାଇଥିବା ଚିତ୍ରାଙ୍କନ, କୁଇଜ୍, ବକ୍ତୃତ, ରଚନା ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ଏବଂ ୪ ଜଣ ଗୁଡ ସମାରିଟିୟାନ୍‌ଙ୍କୁ ପ୍ରମାଣପତ୍ର ଓ ୨୦୦୦ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ସଞ୍ଜୟ ନାୟକ ଓ ବିଭାଗୀୟ କର୍ମଚାରୀମାନେ ଉତ୍ସବ ଆୟୋଜନରେ ସହାୟତା କରିଥିଲେ ।

# ଲକ୍ଷ୍ମୀ ଡୁଙ୍ଗୁରୀରେ ହେବ ପ୍ରକୃତି ଉଦ୍ୟାନ | ଭାରତୀ ସମାଜ ପକ୍ଷରୁ ଡିଏଫଓଙ୍କ ସହ ଆଲୋଚନା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଲକ୍ଷ୍ମୀ ଡୁଙ୍ଗୁରୀରେ ପ୍ରକୃତି ଉଦ୍ୟାନ ନିର୍ମାଣ କରିବା ଦାବି ନେଇ ସାମାଜିକ ସାଂସ୍କୃତିକ ସଂଗଠନ ଭାରତୀ ସମାଜର ରାଜ୍ୟ ସଂଯୋଜକ ଡ଼ ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ବଲପୁର ଡିଏଫ୍‌ଓ ଗୋରେଖ ସ୍ୱାମୋନ୍ କାଲୁଙ୍ଗ୍‌ଙ୍କୁ ସାକ୍ଷାତ କରିଥିଲା । ୨୦୧୪ ମସିହାରୁ ଭାରତୀ ସମାଜ ଲକ୍ଷ୍ମୀ ଡୁଙ୍ଗୁରୀରେ ପ୍ରକୃତି ଉଦ୍ୟାନ ନିର୍ମାଣ କରିବା ପାଇଁ ଦାବି କରିଆସୁଥିବା ସମ୍ପର୍କରେ ତାଙ୍କ ସହ ଆଲୋଚନା କରାଯାଇଥିଲା । ଏହି ଲକ୍ଷ୍ମୀ ଡୁଙ୍ଗୁରୀ ବୌଦ୍ଧ ଧର୍ମରେ ସହଜଯାନ ବା ତନ୍ତ୍ରଯାନର ପ୍ରବରିକା ଲକ୍ଷ୍ମୀକରାଙ୍କ ସାଧନା କ୍ଷେତ୍ର ଭାବେ ରହିଥିବା ଖ୍ୟାତି ବିଷୟରେ ଭାରତୀ ସମାଜର ସଞ୍ଚାଳକ ଭବାନୀଶ ଭୋଇ ଡିଏଫଓଙ୍କୁ ଅବଗତ କରାଇଥିଲେ । ଏହାସହ ହୀରାକୁଦ ବନ୍ଧ ନିର୍ମାଣ ସମୟର ଅନେକ ସ୍ମୃତି ଚିହ୍ନ ରହିଥିବା ବେଳେ ଏଠାକାର ପରିବେଶ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବାକୁ ଉତ୍କୃଷ୍ଟ ସ୍ଥାନ ବୋଲି ଭାରତୀ ସମାଜ ପକ୍ଷରୁ ଡିଏଫଓଙ୍କୁ ଅବଗତ କରାଯାଇଥିଲା । ଡିଏଫଓଙ୍କୁ ଲକ୍ଷ୍ମୀ ଡୁଙ୍ଗୁରୀ ପାଦ ଦେଶରେ ସମ୍ବଲପୁର ଇତିହାସ ସହିତ ଜଡିତ ବ୍ୟକ୍ତି ବିଶେଷଙ୍କ ନାମରେ ପ୍ରାକୃତିକ କେନ୍ଦ୍ର ବିକାଶ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ତେବେ ଡିଏଫଓ ଆଲୋଚନା ସମୟରେ ଖୁବ୍‌ଶିଘ୍ର ଲକ୍ଷ୍ମୀ ଡୁଙ୍ଗୁରୀ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ନେଇ ପ୍ରତିଶ୍ରୁତି ଦେଇଥିଲେ । ସମ୍ବଲପୁରରେ ପ୍ରାକୃତିକ ପରିବେଶର ବିକାଶ ନେଇ ପଦକ୍ଷେପ ନିଆଯାଉଥିବା ବେଳେ ଲକ୍ଷ୍ମୀଡୁଙ୍ଗୁରୀ ସମ୍ବଲପୁର ମଧ୍ୟସ୍ଥଳରେ ରହିଥିବାରୁ ଏହାର ମଧ ବିକାଶ ନେଇ ପଦକ୍ଷେପ ନିଆଯିବ ବୋଲି ଡିଏଫଓ ସୂଚନା ଦେଇଛନ୍ତି । ଡିଏସ୍‌ଫଙ୍କ ସହ ସାକ୍ଷାତ ସମୟରେ ମାନସ ରଞ୍ଜନ ବକ୍ସୀ, କିଶୋର ଧରେଇ, ଭାରତୀ ସମାଜର ମହାସଚିବ ଦେବୀ ପ୍ରସାଦ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ବେଖାତିର୍:ବଦଳି ପରେ ଗାଦି ମୋହ ଛାଡୁନି

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟରତ ଜଣେ ସହକାରୀ ଯନ୍ତ୍ରୀଙ୍କ ଗତ ୪ ମାସ ପୂର୍ବେ ବଦଳି ହୋଇଥିଲା କିନ୍ତୁ ସହକାରୀ ଯନ୍ତ୍ରୀ ବଦଳି ହୋଇଥିବା ନୂତନ ଜାଗାରେ ଯୋଗଦେବା ପରିବର୍ତ୍ତେ ସେହି ପୁରୁଣା ଜାଗାରେ କାର୍ଯ୍ୟ କରୁଛନ୍ତି । ଏପରିକି ସହକାରୀ ଯନ୍ତ୍ରୀଙ୍କ ବଦଳି ଆଦେଶ ପରେ ବି ଦୁଇଟି ସବ୍‌ଡିଭିଜନ୍‌ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଫଳରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ହେଉଥିବା କାର୍ଯ୍ୟର ମାନ ଓ ସ୍ଥାୟିତ୍ୱକୁ ନେଇ ଉଠିଛି ପ୍ରଶ୍ନ । ନବରଙ୍ଗପୁର ଜିଲ୍ଲା ଉମରକୋଟ ଡିଭିଜନ୍ ଅନ୍ତର୍ଗତ ରାଇଘର ସବ୍‌ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ଗଣେଶ ଚନ୍ଦ୍ର ହେମ୍ବ୍ରମ୍‌ଙ୍କୁ ଗତବର୍ଷ ସେପ୍ଟେମ୍ବର ମାସରେ କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ୍‌କୁ ବଦଳି ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଇତି ମଧ୍ୟରେ ବଦଳି ବିଜ୍ଞପ୍ତି ପ୍ରକାଶ ପାଇ ୪ ମାସ ବିତିଲାଣି କିନ୍ତୁ ସେ ରିଲିଭ ହୋଇନଥିବା ବେଳେ ତାଙ୍କୁ ନବରଙ୍ଗପୁର ଡିଭିଜନ୍‌ର ଡାବୁଗାଁ ଓ କୋଷାଗୁମୁଡା ସବ୍‌ଡିଭିଜନ୍‌ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସରକାରଙ୍କ ନିୟମ ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରତି ବ୍ଲକ୍‌କୁ ସବ୍‌ଡିଭିଜନ୍ କରାଯାଇଛି । ପ୍ରତି ସବ୍‌ଡିଭିଜନ୍‌ରେ ଜଣେ କନିଷ୍ଠ ଯନ୍ତ୍ରୀ ଓ ଜଣେ ସହକାରୀ ଯନ୍ତ୍ରୀ, ଅବସ୍ଥାପିତ ହେବେ । ତେବେ ନବରଙ୍ଗପୁର ଡିଭିଜନ୍‌ରେ ନବରଙ୍ଗପୁର, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ପାପଡ଼ାହାଣ୍ଡି ଓ ଡାବୁଗାଁ ଏଭଳି ୬ଟି ସବ୍‌ଡିଭିଜନ୍ ରହିଛି । ତେବେ ନବରଙ୍ଗପୁର ଡିଭିଜନ୍‌ର ୪ଟି ସବ୍‌ଡିଭିଜନ୍ ଦାୟିତ୍ୱରେ ୨ ଜଣ ସହକାରୀ ଯନ୍ତ୍ରୀ ରହିଥିବା ବେଳେ ରାଇଘର ସକହାରୀ ଯନ୍ତ୍ରୀଙ୍କୁ ଡାବୁଗାଁ ଓ କୋଷାଗୁମୁଡ଼ା ସବ୍‌ଡିଭିଜନ୍‌ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଏପରି ସ୍ଥଳେ ଜଣେ ସହକାରୀ ଯନ୍ତ୍ରୀ ୩ଟି ସବ୍‌ଡିଭିଜନ୍‌ର କାମ କିପରି ଦେଖିବେ ଏବଂ କାମର ମାନ ଓ ସ୍ଥାୟିତ୍ୱକୁ ନେଇ ବିଭିନ୍ନ ମହଲରେ ଅଭିଯୋଗ ହୋଇଛି । ଏନେଇ ନବରଙ୍ଗପୁର ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ନବରଙ୍ଗପୁର ଡିଭିଜନ୍‌ରେ ଆବଶ୍ୟକ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ଖାଲିପଡ଼ିଥିବାରୁ ରାଇଘର ସହକାରୀ ଯନ୍ତ୍ରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେ ଉମରକୋଟ ଡିଭିଜନ୍‌ରେ କାର୍ଯ୍ୟ କରୁଛନ୍ତି । ତେଣୁ ଉମରକୋଟ କାର୍ଯ୍ୟାଳୟ ହିଁ ତାଙ୍କୁ ରିଲିଭ୍ କରିପାରିବ ବୋଲି କହିଛନ୍ତି । ସେହିପରି ଉମରକୋଟ ନିର୍ବାହୀ ଯନ୍ତ୍ରୀ କହିଛନ୍ତି ଯେ ତାଙ୍କ ସ୍ଥାନରେ ରିଲିଭର ଆସିନଥିବାରୁ ରିଲିଭ୍ କରାଯାଇନାହିଁ ।

# ସ୍ପର୍ଶ କୁଷ୍ଠ ସଚେତନତା ପାଇଁ ଶପଥ ପାଠ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ସ୍ପର୍ଶ କୁଷ୍ଠ ସଚେତନତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ରୁପକ୍ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । କୁଷ୍ଠ ରୋଗକୁ ବୌଦ୍ଧ ଜିଲ୍ଲାରୁ କିଭଳି ନିରାକରଣ କରାଯାଇପାରିବ ସେ ସମ୍ପର୍କରେ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରାମର୍ଶଦାତା ଡାକ୍ତର ଅମରେନ୍ଦ୍ର ମହାପାତ୍ର ଜିଲ୍ଲାରେ ଚାଲିଥିବା କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଉକ୍ତ ଅବସରରେ ଯେଉଁ କର୍ମଚାରୀ ଓ ଆଶାକର୍ମୀ କୁଷ୍ଠ ନିରାକରଣ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ ।





# ପାତାଳୀ ମହୋତ୍ସବ ଆଧ୍ୟାତ୍ମିକ-ସାଂସ୍କୃତିକର ମହାମିଳନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ପ୍ରସିଦ୍ଧ ପବିତ୍ର ପୀଠ ଶ୍ରୀପାତାଳୀ କ୍ଷେତ୍ର କୋଟସମଲାଇରେ ୨୦ତମ ପାତାଳୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅନ୍ୟା ଦାଶ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ନିଜର ସାଂସ୍କୃତିକ ବାର୍ତ୍ତା ରଖିଥିଲେ । ଜିଲ୍ଲାପାଳ ଶ୍ରୀମତୀ ଦାସ ତାଙ୍କ ବକ୍ତବ୍ୟରେ ଖୁବ୍‌ଶୀଘ୍ର ଏଠାରେ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିବା ସହ ସମସ୍ତଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ । ସମସ୍ତ ଭକ୍ତ ତଥା ଜନସାଧାରଣ କାୟେ। ମନୋ ବାକ୍ୟରେ ନିଜର ସହଯୋଗ ସହ ଏହି ମହତ ତଥା ପବିତ୍ର ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଗେଇ ଆସିବାକୁ କହିଥିଲେ । ସେ ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ରରେ ଅନ୍‌ଲାଇନ୍ ପେମେଣ୍ଟ ସିଷ୍ଟମ୍‌ର ଶୁଭାରମ୍ଭ ମଧ କରିଥିଲେ । ପାତଳୀ ଶ୍ରୀକ୍ଷେତ୍ର ଟ୍ରଷ୍ଟ ସମ୍ପାଦକ ଉତ୍ତର ପାତ୍ରଙ୍କ ସଭାପତିତ୍ୱରେ ସମ୍ମାନୀତ ଅତିଥି ଭାବେ ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଂ, ଉଲୁଣ୍ଡା ତହସିଲଦାର ପ୍ରଶାନ୍ତ ମହାରଣା, ଉଲୁଣ୍ଡା ବିଡ଼ିଓ କରିସ୍ମା ବେଶ୍ରା, ବୀରମହାରାଜପୁର ବିଡ଼ିଓ ରାଜୀବ ହାଁସଦା ଯୋଗଦେଇଥିଲେ । ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସଭା ପରିଚାଳନା କରିଥିବା ବେଳେ ମକୁନ୍ଦ ଧରୁଆ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଥମ ଦିନରେ ସ୍ଥାନୀୟ କଳାକାର ତଥା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ତଥା ଉଚ୍ଚକୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ୫୬ ପ୍ରହରୀ ନାମଯଜ୍ଞ, ଘୃତ ଯଜ୍ଞ, ଭାଗବତ ସପ୍ତାହ ପାରାୟଣ, ମହାପ୍ରଭୁଙ୍କ ୩୨ବେଶ ପ୍ରଦର୍ଶନ ଆଦିର ଶୁଭାରମ୍ଭ ହୋଇଯାଇଛି । ନୃତ୍ୟ, ଗୀତ, ପାରାୟଣ, ପ୍ରବଚନ, ଯଜ୍ଞ, ନାମ ସଂକୀର୍ତ୍ତନର ମହାନ୍ ପାର୍ବଣର ସାଂସ୍କୃତିକ ଓ ଆଧାତ୍ମିକ ମହାମିଳନର ପାତାଳୀ ମହୋତ୍ସବ ୩୦ ଜାନୁୟାରୀରୁ ଆରମ୍ଭ ହୋଇ ଫେବୃୟାରୀ ୬ ତାରିଖ ପର୍ଯ୍ୟନ୍ତ ୮ ଦିନ ବ୍ୟାପି ମହାସମାରୋହରେ ଅନୁଷ୍ଠିତ ହେବ । ଶ୍ରୀକ୍ଷେତ୍ର ପୁରୀର ପବିତ୍ର ରାମଜୀ ମଠ ମହନ୍ତ ଶ୍ରୀ ଶ୍ରୀ ବଂଶୀଧର ଦାଶ ମହାରାଜଙ୍କ ନେତୃତ୍ୱରେ ୫୬ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଯାଇଛି । ପ୍ରଥମ ଦିନ ଅବସରରେ ମହାପ୍ରଭୁଙ୍କ ପ୍ରଭୁକୃପା ତଥା ଆଶୀର୍ବାଦ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

# ରାଣୀପୁର-ଝରିଆଲ୍‌ର ସମସ୍ୟା ଅନୁଧ୍ୟାନ କଲେ ଏନ୍‌ଏମ୍‌ଏ ଅଧ୍ୟକ୍ଷ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲାରେ ଅବସ୍ଥିତ ଦେଶର ପ୍ରାଚୀନ ଐତିହାସିକ ସ୍ଥଳୀ ରାଣୀପୁର ଝରିଆଲ୍ ପରିଦର୍ଶନରେ ନ୍ୟାସ୍‌ନାଲ୍ ମନୁମେଣ୍ଟ ଅଥୋରିଟୀ ଅଧ୍ୟକ୍ଷ କିଶୋର କୁମାର ବସା ଏବଂ ପୁରାତନ□ ସର୍ବେକ୍ଷଣ ବିଭାଗ ଓଡ଼ିଶାର ସୁପରିଟେଣ୍ଡେଣ୍ଟ ଡ଼ଃ ଏନ୍‌କେ ସ୍ୱାଇଁ ଆସି ବିସ୍ତିର୍ଣ୍ଣ ପାହାଡ ଉପରେ ଥିବା ସମସ୍ତ ମନ୍ଦିର ବୁଲି ଦେଖିଥିଲେ । ୬୪ ଯୋଗିନୀ ମନ୍ଦିର ତଥା ବିଭିନ୍ନ ଦିଗକୁ ମୁହଁ କରିଥିବା ଛୋଟ ବଡ଼ ମନ୍ଦିର ମାନଙ୍କ ଇତିହାସ ବିଷୟରେ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ ଏବଂ ସମଗ୍ର ଭାରତ ବର୍ଷରେ ଥିବା ପ୍ରମୁଖ ପ୍ରାଚୀନ ଐତିହ୍ୟ ସ୍ଥଳୀ ମାନଙ୍କ ମଧ୍ୟରୁ ଏହି ପୀଠ ଏକ ଅନନ୍ୟ ଅଭୂତ ସ୍ଥାପତ୍ୟର ଧରୋହର । ମୁଁ ଏଠାକୁ ଆସି ନିଜେ ଦେଖିପାରିଥିବାରୁ ନିଜକୁ ଧନ୍ୟ ମନେକରୁଛି ବୋଲି ଏନ୍‌ଏମ୍‌ଏ ଅଧ୍ୟକ୍ଷ ଶ୍ରୀ ବସା କହିଥିଲେ । ଏହି ଅବସରରେ ରାଣୀପୁର ଝରିଆଲ୍ ମନ୍ଦିର ଟ୍ରଷ୍ଟ କମିଟିର ଆବାହକ ଅନିଲ୍ କୁମାର ତ୍ରିପାଠୀ ଏଏସ୍‌ଆଇର ବିଭିନ୍ନ କଟକଣା ଯୋଗୁଁ ପୀଠକୁ ଆସୁଥିବା ଭକ୍ତ, ଶ୍ରଦ୍ଧାଳୁ, ମାନସିକଧାରୀ, ପର୍ଯ୍ୟଟକ, କବି, ଗବେଷକ, କଳାକାର, ଐତିହାସିକ ବୃଦ୍ଧ, ବୃଦ୍ଧା ବିଶେଷ କରି ଦିବ୍ୟାଙ୍ଗ ମାନଙ୍କୁ ବେଶ୍ ହଇରାଣ ହର୍‌କତ୍ ହେଉଥିବା ସୁପରିଟେଣ୍ଡେଣ୍ଟ ଶ୍ରୀ ସ୍ୱାଇଁଙ୍କୁ ଜଣାଇଥିଲେ ଏବଂ ପୀଠକୁ ଆସୁଥିବା ଲୋକଙ୍କୁ ବହୁ ଦୂରରେ ଅଟକାଇ ଚାଲି ଚାଲି ମନ୍ଦିର ଯିବାକୁ ବାଧ କରାଯାଉଥିବାରୁ ସ୍ଥାନୀୟ ଲୋକଙ୍କ ସହ ଭକ୍ତ ଓ ଶ୍ରଦ୍ଧାଳୁ ବହୁ ହଇରାଣ ହରକତ ହେଉଥିବା ଯୋଗୁଁ ତାହା ବନ୍ଦ କରି ପଥର ଚଟାଣ ଆରମ୍ଭ ପର୍ଯ୍ୟନ୍ତ ଲୋକଙ୍କୁ ଛାଡିବା ପାଇଁ ଅନୁରୋଧ କରାଯାଇଥିଲା । ଟ୍ରଷ୍ଟ କମିଟିର ସଭାପତି ମାଣିକ ଚନ୍ଦ ଜୈନ, ସମ୍ପାଦକ ରସିନ୍ଧୁ ଭୋଇ, ମଞ୍ଜେସ ମେହେର, ଗୋପୀନାଥ ସାହୁ, କଣ୍ଟାବାଞ୍ଜି ବିଧାୟକଙ୍କ ପୁତୁରା ମୁକେଶ ବାଗ, ଯୌବନ ବାଗ, ଝରିଆଲ ସରପଞ୍ଚ ଭରଦ୍ୱାଜ୍ ଗହୀର, ସମିତି ସଭ୍ୟ ରାଜୁ ହାତୀ, ମନ୍ଦିର ପୂଜକ ଜଗମୋହନ ତ୍ରିପାଠୀ, ନିତ୍ୟାନନ୍ଦ ପୃଷ୍ଟେ, ହେମନ୍ତ ସାହୁ, ଯୁବରାଜ ବାଗ, ସୁଶାନ୍ତ ଥନାପତୀ ପ୍ରମୁଖ ରାଣୀପୁର ଝରିଆଲ୍ ପୀଠରେ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଶୀଘ୍ର ମୌଳିକ ସୁବିଧା ଯୋଗାଇଦେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଏବଂ ସୋମ ପୁଷ୍କରିଣୀର ପଙ୍କୋଦ୍ଧାର ପାଇଁ ମଧ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ । ତେବେ ସମସ୍ତ ବିଷୟରେ ଅବଗତ ହେବା ସହ ନିଜେ ସ୍ଥିତି ଅନୁଧ୍ୟାନ କରି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ଏବଂ ପୀଠକୁ ଆସୁଥିବା ଲୋକଙ୍କୁ ଯେମିତି ଅସୁବିଧା ନହେବ ସେଭଳି ଦୂରତାରେ ଅଟକାଇବା ପାଇଁ ଜଗୁଆଳି ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସରକାର ପ୍ରସାଦ ସ୍କିମ୍‌ରେ ରାଣୀପୁର ଝରିଆଲ୍‌କୁ ନେଇଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପୀଠର ଉନ୍ନତି ଓ ବିକାଶ କାମ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨।୨।୨୦୨୫, ମାଘ ଦି୨୦ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୬।୨୨।୧୮ **ଚନ୍ଦ୍ରୋଦୟ-** ଦିଘ ୮।୫୯।୫୮

**ଚତୁର୍ଥୀ-** ଦିଘ ୯।୧୫ ପର୍ଯ୍ୟନ୍ତ । **ଉତ୍ତରଭାଦ୍ର ନକ୍ଷତ୍ର-** ରାଘ ୧୨।୫୩ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୯।୧୫ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୫ ଗତେ ଘ ୧୦।୦୯ ମଧ୍ୟେ, ଦିଘ ୧।୨୪ ଗତେ ଘ ୧।୫୨ ମଧ୍ୟେ । **ପର୍ବୋତ୍ସବ-** ବସନ୍ତ ପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀପଞ୍ଚମୀ ।



**ମେଷ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ । ଶତ୍ରୁ ସୁଯୋଗ ଅପେକ୍ଷାରେ ରହିବେ । ହେଲେ କ୍ଷତିରେ ପଡ଼ିବେନାହିଁ । ଦେହ ଭଲ ରହିବ ନାହିଁ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ।



**ବୃଷ:** କର୍ମକ୍ଷେତ୍ରରେ ସାମାନ୍ୟ ସମସ୍ୟା ଦେଖାଦେବ । ଯାନବାହାନ କ୍ରୟ କରିପାରନ୍ତି । ବନ୍ଧୁଙ୍କ ସହ ଝଗଡ଼ା ହୋଇପାରେ । ପ୍ରବାସୀ ଜୀବନ ଅତିବାହିତ କରିବେ । ଆୟର ପରିମାଣ ବଢ଼ିବ । ପରିବାରରେ ଶାନ୍ତି ଲାଭ।



**ମିଥୁନ:** ଦୂର ସ୍ଥାନକୁ ଯାତ୍ରା କରିବେ । ବ୍ୟବସାୟରେ ଲାଭ ମିଳିବ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ପାରିବାରିକ ଆଶ୍ୱସ୍ତି ଲାଭ । ଅନ୍ୟର ଦୋଷ ନିମନ୍ତେ ଆପଣ ସମାଲୋଚିତ ହେବେ ।




**କର୍କଟ:** ଅତୀତର ଘଟଣାକୁ ନେଇ ମନ ଉଦାସ ରହିବ । ଅନ୍ୟମନସ୍କ ଯୋଗୁ କେତେକ ଭୁଲ୍ କରିବେ । ରୋଜଗାରର ପରିମାଣ ବଢ଼ିବ । ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସପକ୍ଷରେ ଯିବାର ସମ୍ଭାବନା ।



**ସିଂହ:** ଆପଣ ଯଶସ୍ୱୀ ହେବେ । ଅଟକି ରହିଥିବା କାମଟି ପୂରଣ ହେବ । ଯାତ୍ରାରେ ସଫଳତା ମିଳିବ। ମହିଳାମାନେ ଅସୁସ୍ଥ ଅନୁଭବ କରିବେ । ଗୃହେ ସୁଖ ଶାନ୍ତି ଲାଭ କରିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।




**କନ୍ୟା:** ଆଧାତ୍ମିକ ଦିଗରେ ମନ ବଳିବ । ସେବା ପୂଜା ପ୍ରତି ଆଗ୍ରହ ପ୍ରକାଶ ପାଇବ । କୌଣସି ସାମାଜିକ କାର୍ଯ୍ୟରେ ଯୋଗଦେବେ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।




**ତୁଳା:** ପରୋପକାରୀ ହେବେ । ସମସ୍ତଙ୍କ ପ୍ରିୟପାତ୍ର ହେବେ। ସତ୍‌ସଙ୍ଗରୁ ଆନନ୍ଦ ଅନୁଭବ କରିବେ । ରୋଜଗାର ମଧ୍ୟମ ଧରଣର ହେବ । ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ । ଶରୀର ସୁସ୍ଥ ରହିବ ।



**ବିଛା:** ମନରେ ଦ୍ୱିଧା ଓ ବିରକ୍ତି ଉପୁଜିବ । ବନ୍ଧୁମାନେ ସହଯୋଗ କରିବେ । ଭ୍ରମଣ ସୁଖ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ବ୍ୟବସାୟ ମଧ୍ୟମ ଧରଣର ହେବ । ଗୃହରେ ଶାନ୍ତି ଲାଭ ।



**ଧନୁ:** ଯାନବାହାନ କ୍ରୟ କରିବେ । କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି । କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବେ । ରୋଜଗାର ସ୍ଥିର ରହିବ । ଗୃହେ ଶାନ୍ତି ବଜାୟ ରହିବ ।



**ମକର:** ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ । ଶତ୍ରୁମାନେ ପରାଜିତ ହେବେ । ଆୟ ବୃଦ୍ଧି ଘଟିବ । ଭାଇ ଭାଇ ମଧ୍ୟରେ ବିବାଦ ଯୋଗୁ ପରିବାରରେ କଳହ ସୃଷ୍ଟି ହେବ । କୌଣସି କାର୍ଯ୍ୟରେ ମନ ଲାଗିବନାହିଁ ।



**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବେ । ଚଞ୍ଚଳମନା ହେବେ । ପରିବାରରେ କଳହ । ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ । ତ୍ୟାଗଶୀଳ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ ।



**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ । ପରିବାରରୁ ସାହାଯ୍ୟ ସହଯୋଗ ମିଳିବ । ଦୁଃସାହସିକ କାର୍ଯ୍ୟ କରି ପ୍ରଶଂସା ଲାଭ ହେବ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବାର ସୂଚନା ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩।୨।୨୦୨୫, ମାଘ ଦି୨୧ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୬।୨୧।୫୮ **ଚନ୍ଦ୍ରୋଦୟ-** ଦିଘ ୯।୩୮।୧୩


**ପଞ୍ଚମୀ-** ପ୍ରାଘ ୬।୫୩ ପର୍ଯ୍ୟନ୍ତ । ଷଷ୍ଠୀ କ୍ଷ ଦିଘ ୪।୩୮ ପର୍ଯ୍ୟନ୍ତ । **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ରାଘ ୧୧।୧୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୧୧।୧୭ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । ରାଘ ୧୧।୧୭ ଗତେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ପ୍ରାଘ ୬।୫୩ ପରେ ନିମ ଦିଘ ୪।୩୮ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୫ ଗତେ ଦିଘ ୭।୪୮ ମଧ୍ୟେ, ଦିଘ ୧୦।୫୫ ଗତେ ଘ ୧୧।୦୭ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରେ ଶ୍ରୀପଞ୍ଚମୀ, ରଥକାଠ ଅନୁକୂଳ, ପ୍ରୟାଗରେ କୁମ୍ଭ ମହାସ୍ନାନ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦ୍ରୁତ ଭାବେ ହ୍ରାସ

ଆର୍ଥିକ ବର୍ଷ ୨୦୨୩-୨୪ରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦ୍ରୁତ ଭାବେ ହ୍ରାସ ହୋଇଛି । ଏହା ପ୍ରଥମ ଥର ଲାଗି ୫%ରୁ ନିମ୍ନରେ ରହିଛି। ୨୦୨୨-୨୩ରେ ଏହା ୭.୩% ରହିଥିବା ବେଳେ ଗତ ଆର୍ଥିକ ବର୍ଷ ୪.୮%କୁ ଖସି ଆସିଥିବା ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି । ୨୦୧୨ରେ ଏହି ହାର ୨୫.୭% ସ୍ତରରେ ଥିଲା । ସହରାଞ୍ଚଳରେ ଦାରିଦ୍ର୍ୟ ହାର ୪.୬% ରୁ ୪.୦୯%କୁ ଖସିଛି । ଆର୍ଥିକ ବର୍ଷ ୨୦୧୨- ୧୩ରେ ଏହା ୧୩.୭% ଥିଲା । ୨୦୧୨ ତୁଳନାରେ ଦାରିଦ୍ର୍ୟ ହାରରେ ବଡ ପରିବର୍ତ୍ତନ ଆସିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଗତ ୧୦ ବର୍ଷରେ ୨୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ କବଳରୁ ବାହାରକୁ ଆସିଛନ୍ତି । ଆଗାମୀ ବର୍ଷଗୁଡିକରେ ସହରାଞ୍ଚଳ ଦାରିଦ୍ର୍ୟ ହାର ଆହୁରି ହ୍ରାସ ହୋଇପାରେ । ୨୦୨୧ ଜନଗଣନା ସମ୍ପୂର୍ଣ୍ଣ ହେଲେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଦାରିଦ୍ର୍ୟ ହାରରେ କିଛିଟା ସଂଶୋଧନ ହେବ । ଗ୍ରାମାଞ୍ଚଳରେ ଚାହିଦା ଉନ୍ନତ ହେବାରୁ ଏହା ଲୋକଙ୍କ ଆର୍ଥିକ ସ୍ଥିତିରେ ମଧ୍ୟ ଭଲ ପ୍ରଭାବ ପକାଇଛି। ସଦ୍ୟତମ ପାରିବାରିକ ଚାହିଦା ସର୍ଭେ (ଏଚ୍‌ସିଇଏସ) ମୁତାବକ, ଭିତ୍ତିଭୂମି ଦୃଢ଼ୀକରଣ ହେବା ଯୋଗୁ ଏହା ଗ୍ରାମାଞ୍ଚଳରେ ଯାନବାହନ ଗ୍ରହଣୀୟତା ବଢ଼ାଇଛି । ଏହା ରୋଜଗାର କ୍ଷେତ୍ରରେ ମଧ୍ୟ ସକରାତ୍ମକ ପରିବର୍ତ୍ତନ ସହ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଆୟ ଅସମାନତା ହ୍ରାସ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହାବାଦ କେନ୍ଦ୍ର ସରକାର ବିଭିନ୍ନ ଯୋଜନାର ଅର୍ଥ ବାଟମାରଣା ରୋକିବା ଲାଗି ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର (ଡିବିଟି) ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ ବ୍ୟାଙ୍କ ଖାତାରେ ଆର୍ଥିକ ସହାୟତା ଦେଉଛନ୍ତି । ଏହା ମଧ୍ୟ ଗ୍ରାମାଞ୍ଚଳର ସ୍ଥିତି ଉନ୍ନତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସରକାର ଗ୍ରହଣ କରୁଥିବା ଡିବିଟି, ଗ୍ରାମୀଣ ଭିତ୍ତିଭୂମି ଦୃଢ଼ୀକରଣ, କୃଷି ଆୟ ବୃଦ୍ଧି ପଦକ୍ଷେପ ଭଳି ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ପରିବାର ଗୁଡିକର ଉନ୍ନତି ଦିଗରେ କାର୍ଯ୍ୟ କରୁଛି । ମୁଦ୍ରାସ୍ଫୀତି ଆଧାରରେ ୨୦୨୩-୨୪ ଲାଗି ଏସ୍‌ବିଆଇ ରିସର୍ଚ୍ଚ ଯଥାକ୍ରମେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ଯଥାକ୍ରମେ ୧୬୩୨ ଟଙ୍କା ଏବଂ ୧୯୪୪ ଟଙ୍କା ଧାର୍ଯ୍ୟ କରିଛି । ୨୦୧୧-୧୨ ଲାଗି ସୁରେଶ ତେନ୍ଦୁଲକର କମିଟି ଏହାକୁ ଯଥାକ୍ରମେ ୮୧୬ ଏବଂ ୧୦୦୦ ଟଙ୍କା ରଖିଥିଲେ।

# ବାଗ-ବାଦିନୀବତୀ ମାତା - 'ଦେବୀ ସରସ୍ୱତୀ'



କୁନଲତା ତ୍ରିପାଠୀ
ଜଗତସିଂହପୁର
ମୋ-୮୩୩୯୦୫୧୧୭୩

ପ୍ରଭୁ ଇଚ୍ଛାମୟ ପରମେଶ୍ୱରଙ୍କ ଅବ୍ୟକ୍ତ ଲୀଳାରୁ ଏ ସୃଷ୍ଟି ସମ୍ଭବ ହୋଇପାରିଛି । ପର୍ଯ୍ୟାୟକ୍ରମେ ଏ ସୃଷ୍ଟିକୁ ସରସ ସୁନ୍ଦର ଏବଂ ଆନନ୍ଦମୟ କରିବା ପାଇଁ ସୃଷ୍ଟି, ସ୍ଥିତି(ପାଳନ) ଓ ପ୍ରଳୟ କର୍ତ୍ତା ତ୍ରିଦେବ( ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର)ଙ୍କର ଆବିର୍ଭାବ ଘଟିଛି । ସମାନ ଭାବେ ଏ ସୃଷ୍ଟି ପ୍ରକ୍ରିୟାରେ ତ୍ରିଦେବୀ -ମାତା ଲକ୍ଷ୍ମୀ, ମାତା ସରସ୍ୱତୀ ଓ ମାତା ପାର୍ବତୀଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

କେବଳ ପୁରାଣ ପୃଷ୍ଠାମଣ୍ଡନକରି ନୁହେଁ ବୈଦିକ ଯୁଗରୁ ମଧ୍ୟ - ଋକବେଦରେ ମାତା ସରସ୍ୱତୀଙ୍କର ବର୍ଣ୍ଣନାରହିଛି । ତାଙ୍କର ଅନ୍ୟ ନାମଗୁଡିକ ହେଉଛି ବାଗଦେବୀ, ଭାରତୀ, ବାଣୀ, ଶାରଦା, ସାବିତ୍ରୀ ଏବଂ ବ୍ରହ୍ମାଣୀ ଇତ୍ୟାଦି । ବୌଦ୍ଧ ଏବଂ ଜୈନ ଧର୍ମାବଲମ୍ବିମାନେ ମଧ୍ୟ ମାତାଙ୍କୁ ଦେବୀସ୍ୱରୂପେ ଗ୍ରହଣକରି ସେମାନଙ୍କର ତନ୍ତ୍ର ସାଧନା କରନ୍ତି । ଅସମ୍ପୂର୍ଣ୍ଣ ସୃଷ୍ଟିକୁ ପୂର୍ଣ୍ଣତା ଆଣିଦେବା ପାଇଁ ବାଣୀର ଆବଶ୍ୟକତାକୁ ଅନୁଭବକରି ସୃଷ୍ଟିକର୍ତ୍ତା ବ୍ରହ୍ମା, ମାତା ସରସ୍ୱତୀଙ୍କୁ ପ୍ରକଟିତ କରାଇଥିଲେ । ତେଣୁ ମାତାଙ୍କର ନାମ ବାଗଦେବୀ । ମାଘ ଶୁକ୍ଳ ପଞ୍ଚମୀ ତିଥିରେ ମାତାଙ୍କର ଆବିର୍ଭାବ ଘଟିଥିବାରୁ ଏହାକୁ ବସନ୍ତ ପଞ୍ଚମୀ କୁହାଯାଏ । ବିଶେଷ ଭାବେ ଏହି ଦିନ ମାତାଙ୍କର ପୁଜା- ଉପାସନା ଅତ୍ୟନ୍ତ ଶୁଭପ୍ରଦ । ବିଦ୍ୟାର୍ଥୀମାନଙ୍କ ପାଇଁ ଏହି ପବିତ୍ର ଦିନଟି କଲ୍ୟାଣକାରୀ। ମନ୍ତ୍ରିତ ଚିନ୍ତା - ଚେତନାରେ ତାଙ୍କ ସ୍ୱରୂପକୁ ଅବଧାରଣ କଲେ ଆମ ଭିତରୁ ଅବିଦ୍ୟା ଦୂରାଇ ବିଦ୍ୟା ଓ ବିନୟଭାବ ସୃଷ୍ଟି ହୁଏ । ଏକ ଆଧ୍ୟାତ୍ମିକ ଭାବଧାରା ସୃଷ୍ଟିହୋଇ କର୍ମ- ଧର୍ମର ଏକ ମଧୁର ସମିଶ୍ରଣରେ ଆମେ ଜୀବନ ଯାତ୍ରାରେ ସଫଳ ମଣିଷହୋଇ ପାରିବା, ଯାହା ଆମକୁ ସତ୍ୟ-ସନାତନ ପଥରେ ଅଗ୍ରସର କରାଏ।

ମାତା ସରସ୍ୱତୀ ଧବଳ ବର୍ଣ୍ଣା ଓ ତେଜସ୍ୱୀନି । ଶୁଭ୍ରବସ୍ତ୍ର ପରିହିତା । ଶ୍ୱେତ ପଦ୍ମାସନା । ହଂସବାହିନୀ । ମାତା ଚତୁର୍ଭୁଜା। ସେ ଏକ ହସ୍ତରେ ମାଳା, ଅନ୍ୟ ହସ୍ତରେ କମଣ୍ଡଳୁ , ଅନ୍ୟ ଏକ ହସ୍ତରେ ବୀଣା ଓ ଚତୁର୍ଥ ହସ୍ତରେ ପୁସ୍ତକ ଧାରଣକରିଥାନ୍ତି । ବିଦ୍ୟା ଏବଂ ଜ୍ଞାନର ମୂର୍ତ୍ତିମନ୍ତ ସ୍ୱରୂପା ମାତା ସରସ୍ୱତୀ ତାଙ୍କ ଭକ୍ତମାନଙ୍କର ଏକନିଷ୍ଠ ପୂଜା, ଉପାସନା ଗ୍ରହଣକରି କାମ୍ୟଫଳ ପ୍ରଦାନ କରି ମୂର୍ଖକୁ ପଣ୍ଡିତ କରାଇଦେଇପାରନ୍ତି । ଓଡିଶାର ଆଦି କବି ସାରଳା ଦାସ ଯେ କି ସର୍ବ ପ୍ରଥମ ପ୍ରାନ୍ତିୟ ଭାଷାରେ ଓଡିଆରେ, ସଂସ୍କୃତ ମହାଭାରତର କଥା - କଙ୍କାଳ ଉପରେ ସ୍ୱୀୟ କବିତ୍ୱ ଓ କଳ୍ପନାର ପୁଟ ଓ ରଙ୍ଗ ମାଖି ଏକ ସ୍ୱତନ୍ତ୍ର ମହାଭାରତ ରଚନାକରିବାକୁ ସକ୍ଷମ ହୋଇ ଏ ଭାଷା - ସାହିତ୍ୟର ଅନନ୍ୟ ରୂପକାର ସାଜି ଏ ଜାତିକୁ, ଏ ମାଟିକୁ ଗୌରବାନ୍ୱିତ କରିଛନ୍ତି । ସେ ଅନୁଭବକରିଛନ୍ତି କି ମା ଶାରଦାଙ୍କର ଏହା ତାଙ୍କ ପ୍ରତି ବରଦାନ । ମାତାଙ୍କ କରୁଣାର କୈବଲ୍ୟ ପ୍ରାପ୍ତ ହେବାକୁ ହେଲେ ତାଙ୍କ ପ୍ରତି ଏକ ସମର୍ପିତ ଚେତନା ଜାଗ୍ରତକରିବା ସର୍ବାଦୌ ବାଞ୍ଛନୀୟ। ବିଦ୍ୟା, ବୁଦ୍ଧି ଓ ଜ୍ଞାନ ପ୍ରଦାୟିନୀ ମାତା ସରସ୍ୱତୀଙ୍କୁ ବେଦମାତା ମଧ୍ୟ କୁହାଯାଏ । ଏକ ହସ୍ତରେ ଜପାମାଳା ଧାରଣକରି ମାତା ପରମହଂସରେ ବିଚରଣ କରନ୍ତି । ଅନ୍ୟ ହସ୍ତରେ ଜଳଭରା କମଣ୍ଡଳୁ ଧାରଣକରି ଏକ ସନ୍ୟାସିନୀ ସ୍ୱରୂପା ସୃଷ୍ଟିର ଅମଙ୍ଗଳ କାଳିମାକୁ ଧୋଇ-ଧାଇ ପବିତ୍ର କରିଦେବାର ପ୍ରୟାସ ରଖନ୍ତି। ଅନୁପମା ବୀଣାଧାରିଣୀ ମାତା ଭଗବତୀ ବାଣୀ, ଏ ସୃଷ୍ଟିର ଆଦ୍ୟ ସ୍ୱର । ତାଙ୍କର ମଧୁର ବୀଣା ବାଦନରେ ଆଦ୍ୟସୃଷ୍ଟିର ବୃକ୍ଷରେ ପତ୍ର ପଲ୍ଲବିତ ହୋଇଛି, ପୁଷ୍ପ ସମ୍ଭାରରେ ପରିପ୍ରକାଶିତ ହୋଇଛି ସୃଷ୍ଟିର ଲାବଣ୍ୟ । ସ୍ୱୟଂ ମାତା ସରସ୍ୱତୀ ଶତରୂପା ପାଲଟି ଯାଇଛନ୍ତି । ଜୀବ ଜଗତରେ ତାଙ୍କ ପ୍ରତିଛବି ପ୍ରତିବିମ୍ବିତ ହୋଇଛି । ସେ ସ୍ୱର, ତାଳ ଆମୋଦିତ କରିଛି ସକଳ ସୃଷ୍ଟିକୁ, ବିମୋଦିତ ହୋଇଛି ଅନ୍ତର ଆତ୍ମା । ନାଦ ବ୍ରହ୍ମ ସେ ଧ୍ୱନି ବିଶ୍ୱରେ ପ୍ରାଣ ସଂଚାର କରିଛି । ସେଇ ମାର୍ମିକ ଅନୁଭବରେ ପ୍ରତି ବାହ୍ୟ - ଅନ୍ତର ପରିପ୍ରକାଶ ରସସିକ୍ତ ହୋଇଛି । ଆନନ୍ଦର ଘନ ପ୍ରାବଲ୍ୟ ଗଗନ- ପବନରେ ପ୍ରବାହିତ ହୋଇଛି । ଗାୟତ୍ରୀ ମାତା ମଧ୍ୟ ମାତା ସରସ୍ୱତୀଙ୍କର ଅନ୍ୟ ଏକ ସ୍ୱରୂପ।

ମାତାଙ୍କ ବାହନ ହଂସ । ଜଳମିଶ୍ରିତ କ୍ଷୀରରୁ ହଂସ ଯେପରି କ୍ଷୀର ଶୋଷିନେଇ ଜଳକୁ ଅଲଗାକରିଦିଏ, ଆମେ ସେମିତି ସତ୍ୟକୁ ଗ୍ରହଣକରିବା, ଅସତ୍ୟକୁ ପ୍ରଶୟ ଦେବା ନାହିଁ । ସତରେ ମାତାଙ୍କ ସ୍ୱରୂପ ଅନନ୍ୟ ଭାବବିମଣ୍ଡିତ । ତାଙ୍କ ଚାରଣାଶ୍ରିତହେଲେ ମୂର୍ଖ ବିଦ୍ୱାନ ହୁଏ, ବିଦ୍ୱାନ ହେଲେ ବିନୟ ଭାବ ଆସେ। ଆମ ଭିତରୁ ସବୁ ଅବଗୁଣ ଦୂରାଇଯାଏ । ଅବଗୁଣ ଦୂରାଇଗଲେ ମନୁଷ୍ୟ କର୍ମଠ ହୁଏ। ମନୁଷ୍ୟ କର୍ମଠ ହେଲେ ଧନ- ସମ୍ପତ୍ତି ପ୍ରାପ୍ତ ହୁଏ । ଧର୍ମ- ସମ୍ପତ୍ତି ଅର୍ଜନ କଲେ ଧର୍ମାଚରଣ ପାଇଁ ମାର୍ଗ ସୁଗମ ହୋଇଯାଏ । ' ମା' ବାଗବାଦିନୀବତୀ କୃପାପ୍ରାପ୍ତ ହେଲେ ମୁକ- ବାଚାଳ ହୋଇଯାଏ । ଏଇ ବସନ୍ତ ପଞ୍ଚମୀ ସମସ୍ତଙ୍କ ପାଇଁ ଶୁଭ-ପ୍ରଦ ହେଉ। ଗଗନରେ-ପବନରେ ପୂତ- ପବିତ୍ର ଗନ୍ଧ-ଚନ୍ଦନର ଛିଟା ବର୍ଷା ହେଉ । ବିଷାଦିତ ଭାବ ଦୂରାଇଯାଉ। ସମସ୍ତଙ୍କ ମନରେ ସନ୍ତୋଷ ଆସୁ । ଯୁଦ୍ଧର ବିଭୀଷିକା ପ୍ରଶମିତ ହେଉ । ଶାନ୍ତି -ସୌହାର୍ଦ୍ଦ୍ୟ ଓ ଭାତୃତ୍ୱ ବାତାବରଣ ଖେଳିଯାଉ । ଏହା ହିଁ କାମନା ।



# ମାଘ ଶୁକ୍ଳ ପଞ୍ଚମୀ



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪



ଈଶ୍ୱରଙ୍କ ଇଚ୍ଛାରେ ସୃଷ୍ଟିର ପ୍ରାରମ୍ଭରୁ ଆଦିଶକ୍ତି ନିଜକୁ ପାଞ୍ଚ ଭାଗରେ ବିଭକ୍ତ କରିଥିଲେ। ରାଧା, ପଦ୍ମା, ଦୁର୍ଗା, ସାବିତ୍ରୀ ଓ ସରସ୍ୱତୀ ଭଗବାନ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଅଂଗରୁ ଜାତ ହୋଇଛନ୍ତି । ମାଆ ସରସ୍ୱତୀ ହେଉଛନ୍ତି ଶବ୍ଦ, ଜ୍ଞାନ, ବିଦ୍ୟା, ସଙ୍ଗୀତ, କଳା, ସ୍ୱରର ଦେବୀ । ମାଆ ସରସ୍ୱତୀଙ୍କୁ ସମସ୍ତେ ବିଦ୍ୟାଦାତ୍ରୀ ବୋଲି କହିଥାନ୍ତି । ବ୍ରହ୍ମା ଯେତେବେଳେ ଏ ସୃଷ୍ଟିକୁ ରଚନା କରିଥିଲେ ଦିନେ ପୃଥିବୀକୁ ଆସି ଭ୍ରମଣ କରି ଦେଖିଲେ ସୃଷ୍ଟି ନୀରବ। କିଛି ଶବ୍ଦ ବା ଧ୍ୱନି ଶୁଭୁନାହିଁ ତେଣୁ ସେ ସନ୍ତୁଷ୍ଟ ହେଲେନି ଏପରି ସୃଷ୍ଟିକୁ ଦେଖି । ବ୍ରହ୍ମା ଦିନେ ବିଷ୍ଣୁଙ୍କର ଅନୁମତି ନେଇ ନିଜ କମଣ୍ଡଳୁରେ ପାଣି ଭୂଇଁରେ ସିଞ୍ଚିଲା ପରେ ପୃଥିବୀରେ କମ୍ପନ ସୃଷ୍ଟି ହୋଇ ଏକ ଅଦ୍ଭୂତ ଶକ୍ତ ସମ୍ପନ୍ନା ଚତୁର୍ଭୂଜା ସୁନ୍ଦର ସ୍ତ୍ରୀ ପ୍ରକଟ ହୋଇଥିଲେ । ତାଙ୍କର ଗୋଟିଏ ହାତରେ ବୀଣା, ଅନ୍ୟ ହାତ ବରଦା ମୁଦ୍ରା ବାକି ହାତ ଦୁଇଟିରେ ପୁସ୍ତକ ଏବଂ ମାଳା ଥିଲା । ବ୍ରହ୍ମାଙ୍କ କହିବାପରେ ଦେବୀ ବୀଣା ବଜାଇବାକୁ ଆରମ୍ଭ କଲାପରେ ସଂସାରର ସବୁ ଜୀବଜନ୍ତୁ ବାଣୀଶକ୍ତି ପ୍ରାପ୍ତ କରିଲେ । ପକ୍ଷୀ ରାବିଲେ, ଭ୍ରମର ଗୁଣୁ ଗୁଣୁ ଶବ୍ଦ କଲେ, ନଦୀ କଳ କଳ ନାଦରେ ବହିବାରେ ଲାଗିଲା । ମାଘ ଶୁକ୍ଳ ପଞ୍ଚମୀ ଦିନ ଦେବୀ ପ୍ରକଟ ହୋଇଥିବାରୁ ତାଙ୍କ ନାମ ହେଲା ସରସ୍ୱତୀ । ଏହି ପଞ୍ଚମୀର ଅନ୍ୟ ନାମ ହେଲା ବସନ୍ତ ପଞ୍ଚମୀ । ପୁରାଣ ଅନୁସାରେ ଭଗବାନ କୃଷ୍ଣ ମା'ଙ୍କ ଉପରେ ପ୍ରସନ୍ନ ହୋଇ ବରଦାନ ଦେଲେ କି ଭକ୍ତମାନଙ୍କ ଦ୍ୱାରା ଏହିଦିନ ତାଙ୍କର ଆରାଧନା କରାଯିବା ସରସ୍ୱତୀଙ୍କୁ ଶାରଦା, ଭଗବତୀ, ବୀଣାବାଦିନୀ, ହଂସବାହିନୀ ଦେବୀ ବୋଲି ମଧ୍ୟ କୁହାଯାଏ । ଶକ୍ତି ଉପାସନା ଭାରତୀୟ ସଂସ୍କୃତିରେ ବହୁ ପ୍ରାଚୀନ ଅଟେ । ମାତୃଶକ୍ତି ପୂଜା ବୈଦିକ ଯୁଗରୁ ଆରମ୍ଭ ହୋଇ ଆସୁଅଛି। ମାତୃଶକ୍ତି ହିଁ ସୃଷ୍ଟି, ସ୍ଥିତି, ପ୍ରଳୟର ମୂଳ ଉତ୍ସ । ଭାରତୀୟ ଶକ୍ତିତନ୍ତ୍ରର ବିଚାରଧାରା ଅନୁଯାୟୀ ଯେଉଁ ତ୍ରିଶକ୍ତିର ପରିକଳ୍ପନା କରାଯାଇଛି ସେମାନେ ହେଲେ ୧.ମହାଶକ୍ତି ୨. ମହାଲକ୍ଷ୍ମୀ ୩. ମହା ସରସ୍ୱତୀ। ଦୁର୍ଗା ମହାଶକ୍ତି, ମହାଲକ୍ଷ୍ମୀ ଧନ ଓ ଐଶ୍ୱର୍ଯ୍ୟର ଦେବୀ ଏବଂ ମହା ସରସ୍ୱତୀ ବିଦ୍ୟାର ଦାତ୍ରୀ । ଏହି ତ୍ରି ମହାଶକ୍ତି ଭିତରେ ମହାସରସ୍ୱତୀ ସର୍ବ କନିଷ୍ଠା । ସମସ୍ତ କଳା ସାହିତ୍ୟ, ସଙ୍ଗୀତ, ନାଟ୍ୟ, ନୃତ୍ୟ, କଳା, ଭାସ୍କର୍ଯ୍ୟ ଭିତରେ ମହା ସରସ୍ୱତୀ ହିଁ ଆନନ୍ଦମୟ ସ୍ୱରୂପରେ ବିଦ୍ୟମାନ ରହିଥାନ୍ତି । ତାଙ୍କୁ ବାକ୍‌ଦେବୀ ମଧ୍ୟ କୁହାଯାଏ । ସେ ହେଉଛନ୍ତି ଜ୍ଞାନର ଦେବୀ । ସେ ହେଉଛନ୍ତି ସର୍ବବ୍ରହ୍ମ । ସମସ୍ତ ଶିଳ୍ପ କଳା ଭାସ୍କର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ । ଅତିମାନସ ଶକ୍ତିକୁ ସାଧାରଣତଃ ଆମେ ଜାଗତିକ ପୃଥିବୀ ଉପରେ ମହା ସରସ୍ୱତୀଙ୍କ କୃପାରୁ ଦେଖିଥାଉ । ଯା ଫଳରେ ମାନବ ଏକ ସାଧାରଣ ମାନବରୁ ଦିବ୍ୟମାନବରେ ରୂପାନ୍ତରିତ ହୋଇଥାଏ । ଆମକୁ ଏକ କ୍ଷୁଦ୍ରତର ଚେତନାରୁ ଶାଶ୍ୱତ ଆନନ୍ଦ ଦେବାପାଇଁ ମହା ସରସ୍ୱତୀ ବୃହତର ଚେତନା ଭିତରକୁ ନେଇଯାନ୍ତି । ସେ ସକଳ ସୃଜନର ଅଧିକାରିଣୀ । ଲେଖକ, କବି, କଳାକାର, ନାଟ୍ୟକାର, ଗିତିକାର, ଅଭିନେତା ନେତା, କଥାକାର ସମସ୍ତଙ୍କର ଆରାଧ୍ୟ ଦେବୀ ହେଉଛନ୍ତି ମା' ସରସ୍ୱତୀ। ପୃଥିବୀ ପୃଷ୍ଠରେ ଶୀତର ବିଦାୟ ଏବଂ ବସନ୍ତର ଆଗମନରେ ଆମ୍ବଡାଳରେ ବସି କୋକିଳ ଆମନ୍ତ୍ରଣ କରେ ଋତୁରାଜ ବସନ୍ତକୁ । ପ୍ରକୃତି ହୋଇପଡେ ଆତ୍ମହରା, ମଧୁପର ମଧୁଗୁଂଜନ ପବନରେ ଶୁଭୁଥାଏ । ପଲ୍ଲବିତ ହୋଇପଡନ୍ତି ବୃକ୍ଷଲତା ନବପଲ୍ଲବରେ। ପୁଷ୍ପିତ ହୋଇପଡେ ବୃକ୍ଷରାଜି ମଲ୍ଲୀ ମାଳତୀ, ଜୁଇ ହେନା ଟଗର, କନିଅର, କରବୀର ମନ୍ଦାରଙ୍କ ରଙ୍ଗ ରଙ୍ଗର ପୁଷ୍ପହାଟରେ । ଧରାକୁ ଆସେ ବସନ୍ତ । ପବିତ୍ର ମାଘ ଶୁକ୍ଳପକ୍ଷ ଶ୍ରୀ ପଞ୍ଚମୀ ତିଥିରେ ତା ସହିତ ଧରାବତରଣ କରନ୍ତି ଶୁକ୍ଳବର୍ଣ୍ଣା, ଶ୍ୱେତ ପଦ୍ମାସନା ହଂସବାହିନୀ, ବୀଣାବାଦିନୀ, ଜ୍ଞାନ ପ୍ରଦାୟିନୀ ମା ସରସ୍ୱତୀ । ସେ ବିଦ୍ୟା ବୁଦ୍ଧି ପ୍ରଦାୟିନୀ ତାଙ୍କ ଦୟା ହେଲେ ମୂର୍ଖ ବି ହୁଏ ପଣ୍ଡିତ, ମୁକ କଥା କୁହେ । ପଙ୍ଗୁ ଲଂଘେ ଗିରି । ପୁରାଣ କହେ ଶ୍ରୀକୃଷ୍ଣଙ୍କ ଆଦେଶ କ୍ରମେ ସରସ୍ୱତୀ ବୈକୁଣ୍ଠପୁରକୁ ଯାଇ ବିଷ୍ଣୁଙ୍କ ମନୋହାରିଣୀ ହେଲେ । ପୁରାଣରେ କୁହାଯାଏ ସେ ହେଉଛନ୍ତି ବ୍ରହ୍ମାଙ୍କ ପତ୍ନୀ। ମାଘ ଶୁକ୍ଳ ପଞ୍ଚମୀରେ ମର୍ତ୍ତ୍ୟରେ କୃଷ୍ଣଙ୍କ ଦ୍ୱାରା ସରସ୍ୱତୀ ପୂଜା ଆରମ୍ଭ ହୋଇଥିଲା । ଏହିଦିନ ଦେବୀ ଜନ୍ମ ହୋଇଥିଲେ । ସେ ଶୁଭ୍ର ବସ୍ତ୍ର ପରିହିତା, ଚତୁର୍ଭୂଜା ଦେବୀ । ତାଙ୍କର ଦକ୍ଷିଣ ହସ୍ତରେ ବୀଣା ନାଦଶକ୍ତିର ପ୍ରତୀକ, ପୁସ୍ତକ ଜ୍ଞାନଶକ୍ତିର ପ୍ରତୀକ ବାମହସ୍ତରେ । ସେ ହଂସବାହିନୀ । ବୀଣାବାଦିନୀ । ବିଦ୍ୟାଦାୟିନୀ ମା । ତେଣୁ ଶ୍ରୀ ପଞ୍ଚମୀ ଦିନ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କରେ ଦେବୀଙ୍କର ମୃଣ୍ମୟୀ ପ୍ରତିମା ପୂଜାପାଏ । ହଂସ ଯେପରି କ୍ଷୀରରୁ ପାଣି ଅଲଗା କରି କ୍ଷୀର ପାନକରେ ସେହିପରି ଦେବୀଙ୍କୁ ଆରାଧନା ବା ଉପାସନା କଲେ ଦେବୀ ମନ୍ଦବୁଦ୍ଧିକୁ ପରିତ୍ୟାଗ କରି ସଦ୍ ବୁଦ୍ଧି ଦିଅନ୍ତି । ଏହିଦିନ ବିଦ୍ୟାରମ୍ଭ କଲେ ବହୁତ ଶୁଭ ହୋଇଥାଏ । ବିଦ୍ୟାର୍ଥୀ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ସଂଗୀତ, ବାଦ୍ୟ, ନୃତ୍ୟ, ସାହିତ୍ୟିକ, ଗିତିକାର, ନାଟ୍ୟକାର ସମସ୍ତଙ୍କ ପାଇଁ ଶ୍ରୀପଞ୍ଚମୀ ଉପାସନାର ଦିନ । କୁହାଯାଏ ଯେ ବ୍ୟାସଦେବ ସରସ୍ୱତୀଙ୍କୁ ବନ୍ଦନା କରି ମହାଭାରତ ସମାପ୍ତ କରିଥିଲେ । ଋଷି ଯାଜ୍ଞବଳ୍କ୍ୟ, ପ୍ରଜାପତି ବ୍ରହ୍ମା, ମହର୍ଷି ବାଲ୍ମିକି ଦେବଗୁରୁ ବୃହସ୍ପତି ଆସି ମା ସରସ୍ୱତୀଙ୍କୁ ପୂଜାକରି ଦିବ୍ୟଜ୍ଞାନ ଲାଭ କରିଥିଲେ । ଜୈନ ମାନେ ଶ୍ରୁତବିଦ୍ୟା ରୂପରେ ଦେବୀଙ୍କୁ ଆରାଧନା କରନ୍ତି । ସମସ୍ତ ପ୍ରକାର ଅଜ୍ଞାନତା, ଦୁଃଖ ଦୂରକରିବା ଲାଗି ଜୈନ ଧର୍ମରେ ଦେବୀଙ୍କୁ ନଦୀ ଦେବୀ ଭାବରେ ଏବଂ ଜ୍ଞାନ, ପ୍ରଜ୍ଞା ବିଦ୍ୟା ନିମନ୍ତେ କାର୍ତ୍ତିକ ମାସ ଶୁକ୍ଳ ପଞ୍ଚମୀ ତଥା ଜ୍ଞାନ ପଞ୍ଚମୀରେ ପୂଜା କରନ୍ତି । ବୌଦ୍ଧ ଶାସ୍ତ୍ର ସାଧନାମାଳାରେ ମା ସରସ୍ୱତୀ ଜ୍ଞାନ ବୁଦ୍ଧି ପ୍ରଦାୟିନୀ ଦେବୀ ରୂପେ ପୂଜା କରାଯାଏ । ସରସ୍ୱତୀଙ୍କ ଦୟାରୁ କବି କାଳିଦାସ ପଣ୍ଡିତ ହୋଇଥିଲେ । ତାଙ୍କ ଦୟାରୁ ସାରଳା ଦାସ ଜଣେ ବଡ କବି ହୋଇଥିଲେ । ତେଣୁ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀ ମାନେ ଖୁବ ପବିତ୍ରତାର ସହିତ ସରସ୍ୱତୀ ମୂର୍ତ୍ତି ବସାଇ ମେଢ଼ ସଜାଇ ପୂଜା କରିଥାନ୍ତି ଏବଂ ପୁଷ୍ପାଞ୍ଜଳି ପ୍ରଦାନ କରି ଶୁଦ୍ଧ ବୁଦ୍ଧି ଦେବା ପାଇଁ ସାଷ୍ଟାଙ୍ଗ ପ୍ରଣାମ କରିଥାନ୍ତି । କୋଉ କୋଉ ସ୍କୁଲରେ ଭୋଜିଭାତର ଆୟୋଜନ ମଧ୍ୟ ହୋଇଥାଏ । ସେ ଜ୍ଞାନ ଓ ଚେତନାର ଦେବୀ । ବେଦମନ୍ତ୍ରର ଜନନୀ ଅଟନ୍ତି ତେଣୁ ତାଙ୍କ ମନ୍ତ୍ରକୁ ସରସ୍ୱତୀ ବନ୍ଦନା କୁହାଯାଏ । ସରସ୍ୱତୀ ବିଦ୍ୟା ବୁଦ୍ଧି ବାଣୀର ଦେବୀ । ମନ, ବୁଦ୍ଧିକୁ ପରିଚାଳିତ କରନ୍ତି । ତାଙ୍କର ଗୋଟିଏ ହାତରେ ଗ୍ରନ୍ଥ ଯାହା ବେଦର ପ୍ରତୀକ । ଅନ୍ୟ ହାତରେ ପଦ୍ମ ଯାହା ଜ୍ଞାନର ପ୍ରତୀକ । ଅନ୍ୟ ଦୁଇ ହାତରେ ବୀଣା ଧାରଣ କରିଥାନ୍ତି । ସେ ଶୁଭ୍ର ବସ୍ତ୍ର ପରିହିତା । ଯାହା ପବିତ୍ରତାର ସୂଚକ । ହଂସବାହିନୀ ଭାବରେ ଦେବୀ ସଦ୍‌ଗତି ପ୍ରଦାନ କରନ୍ତି । ଏହିଦିନ ବିବାହ, ବ୍ରତ, ଗୃହପ୍ରତିଷ୍ଠା, ବିଦ୍ୟାରମ୍ଭ, ସଙ୍ଗୀତଶିକ୍ଷାର ମଧ୍ୟ ଶୁଭାନୁକୂଳ ହୁଏ । ସରସ୍ୱତୀ ନାରାୟଣଙ୍କ ପତ୍ନୀ ହୋଇ ମଧ୍ୟ ସେ ଗଙ୍ଗାଙ୍କ ଅଭିଶାପରୁ ଅନ୍ତଃସଲୀଳା ନଦୀ ରୂପେ ପ୍ରବହମାନ । ଜଗନ୍ନାଥଙ୍କ ଘୋଡଲାଗି ବେଶ ଅନୁଷ୍ଠିତ ହୁଏ ମାର୍ଗଶିର ମାସ ଶୁକ୍ଳପକ୍ଷ ଓଢ଼ଣ ଷଷ୍ଠୀରୁ ଏବଂ ଶ୍ରୀ ପଞ୍ଚମୀ ଦିନ ଏହିବେଶର ପରିସମାପ୍ତି ଘଟେ । ସରସ୍ୱତୀଙ୍କୁ ପୂଜା କରାଯାଇ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ କରାଯାଏ । ଶ୍ରୀପଞ୍ଚମୀ ଦିନଠାରୁ ନବକଳେବର ସମୟରେ ବନଯୋଗ ଯାତ୍ରା ଆରମ୍ଭ ହୁଏ । ଛୋଟ ପିଲାଙ୍କ ବିଦ୍ୟାରମ୍ଭ ମଧ୍ୟ ଏହିଦିନ କରାଯାଏ । ତେଣୁ ମାତୃ ଉପାସନାରେ ସରସ୍ୱତୀଙ୍କୁ ପୂଜା କରାଯାଇ ତାଙ୍କର ଆଶିଷ ଲାଭ କରିବା ଦ୍ୱାରା ଅହଂକାର ଦୂରେଇଯାଇ ଜ୍ଞାନ ବିକଶିତ ହୁଏ ।

# ଆଫ୍ରିକାରେ ଭାଷା

ଭାଷା ଭାବନା



ଡଃ. ଦେବାଶିଷ ମହାପାତ୍ର
ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,
ଏନ୍.ସି.ଇ.ଆର୍.ଟି,
ଭୁବନେଶ୍ୱର-୨୨
ମୋ- ୬୩୭୨୦୮୨୬୯୦

ଆଫ୍ରିକା ପ୍ରକୃତିର ବିସ୍ମୟ। ଭାଷା ଓ ଭୂଗୋଳର ବିସ୍ମୟ। ଆଫ୍ରିକା ମହାଦେଶକୁ ସମଗ୍ର ବିଶ୍ୱରେ ଉଭୟ ଭାଷା ଓ ଭୂଗୋଳର ବୈଚିତ୍ର୍ୟ ଦୃଷ୍ଟିରୁ ଉଚ୍ଚ ଆସନ ମିଳୁଛି। ଆଫ୍ରିକାକୁ ଭୂଗୋଳ ଦୃଷ୍ଟିରୁ ସାଧାରଣତଃ ପୂର୍ବ ଆଫ୍ରିକା, ପଶ୍ଚିମ ଆଫ୍ରିକା, କେନ୍ଦ୍ର ଆଫ୍ରିକା, ଉତ୍ତର ଆଫ୍ରିକା ଓଦକ୍ଷିଣ ଆଫ୍ରିକା କ୍ରମରେ ବିଭକ୍ତ କରାଯାଇଥାଏ। ପ୍ରାୟ ପ୍ରତ୍ୟେକ ଭାଗରେ ଭାଷାର ଭୂମିକା ବର୍ଣ୍ଣାଢ଼୍ୟ। ଆଫ୍ରିକାର ପାଞ୍ଚଟିଯାକ ଭାଗରେ ଭୂଗୋଳ ଓ ଭାଷାର ଅପୂର୍ବ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ। ଭାଷାର ବ୍ୟବହାରିକ ବୈଚିତ୍ର୍ୟ ଆଫ୍ରିକା ମହାଦେଶକୁ କରିଛି ଅନନ୍ୟ। ଆଫ୍ରିକାର ପ୍ରତ୍ୟେକ ଭାଗରେ ଦେଶ ଓ ସହରଗୁଡ଼ିକର ନାମକରଣରୁ ଆରମ୍ଭକରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଭାଷାଶିକ୍ଷା, ଭାଷାର ବିଭିନ୍ନ ପରିବେଶରେ ବ୍ୟବହାର, ଭାଷା ପରିବାର ଆଦି ପ୍ରତି କ୍ଷେତ୍ର ଆକର୍ଷଣ। ଏକଦା ଏହି ବୈଚିତ୍ର୍ୟକୁ ଆଧାର କରି ୟୁନାଇଟେଡ୍ ଷ୍ଟେଟ୍‌ସ ଅଫ୍ ଆଫ୍ରିକା ବା ଯୁକ୍ତରାଷ୍ଟ୍ର ଆଫ୍ରିକା ଗଠନର ପ୍ରୟାସ ହୋଇଥିଲା। ତେବେ ଏହାର ବ୍ୟବହାରରେ ବାଧା ଉପୁଜିବାର ଆଶଙ୍କା ଥିବାରୁ ସେହି ପ୍ରୟାସରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଆଫ୍ରିକୀୟ ନାମକରଣରେ ବୈଶିଷ୍ଟ୍ୟକୁ ଦେଖିବା, ଆଫ୍ରିକାରେ ଅଛି ନାଇଜେରିଆ। ଏହି ଦେଶ ଏକଦା ଥିଲା ବୋକୋହରାମ ଆତଙ୍କବାଦୀ ସଙ୍ଗଠନ ପାଇଁ ବିଶ୍ୱରେ ଚର୍ଚ୍ଚିତ। ଆଫ୍ରିକାରେ ଆଉ ଗୋଟେ ଦେଶ ଅଛି ନାଇଜେର। ନାଇଜେର ଓ ନାଇଜେରିଆ ଦୁଇଟି ଆଫ୍ରିକୀୟ ନାମ। ଏକାପରି ଲାଗୁଥିଲେ ମଧ୍ୟ ଉଭୟର ଅଲଗା ଅବସ୍ଥାନ। ଆଫ୍ରିକାର ଗୋଟିଏ ଭାଗ କେନ୍ଦ୍ର ଆଫ୍ରିକା। ଏହାର ଇଂରାଜୀ ନାମକରଣ Central African Republic। ସଂକ୍ଷେପରେ ଉଇଜ ବା କାର୍। ଏହା କିନ୍ତୁ ଚାରିଚକିଆ ଯାନ ନୁହେଁ ବରଂ ଗୋଟିଏ ଦେଶ। ଆଉ ଗୋଟିଏ ଦେଶର ନାମକୁ ଦେଖନ୍ତୁ DR Congo। ଦୂରରୁ ହେଉ କି ପାଖରୁ ହେଉ ଦେଶର ଏହି ନାମକରଣର ଇଂରାଜୀ ବନାନକୁ ଦେଖିଲେ ଆମର ଭ୍ରମ ହୁଏ ଯେ, ଡକ୍ଟର କଙ୍ଗୋ କିନ୍ତୁ ତା'ନୁହେଁ। ଦେଶର ପ୍ରକୃତ ନାମଟି ହେଉଛି Democratic Republic Congo ବା DR Congo। ଆଉ ଗୋଟିଏ ଦେଶ ଦେଖନ୍ତୁ ଘାନା Ghana। ଏହାର ଉଚ୍ଚାରଣ ଦୁଇ ପ୍ରକାର ଗାନା ଓ ଘାନା। ଅଞ୍ଚଳ ନିର୍ବିଶେଷରେ ଏହି ଉଚ୍ଚାରଣରେ ବିବିଧତା ଦେଖାଯାଏ। ଘାନା ଛୋଟିଆ ଦେଶଟିଏ। ଘଞ୍ଚ ଜଙ୍ଗଲ ଏହି ଦେଶକୁ ଆକର୍ଷଣୀୟ କରିଛି। ତେବେ ଘାନାର ଆଉଗୋଟିଏ ସୁନାମ ରହିଛି। ଖାଲି ଆଫ୍ରିକା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ନୁହେଁ, ବିଶ୍ୱ କପ୍ ଫୁଟବଲ୍‌ରେ ବି ଘାନା ଅନ୍ୟ ବଡ଼ ବଡ଼ ଦେଶକୁ ପାଣି ପିଆଇ ଦେବାର ନଜିର ଅଛି। ଆଉ ଗୋଟିଏ ଦେଶର ନାମ ଚାଡ୍। ଓଡ଼ିଆରେ ବନାନ ଦୃଷ୍ଟିରୁ ବେଳେବେଳେ ଏହା 'ଛାଡ଼' ଭଳି ଭ୍ରମ ସୃଷ୍ଟି କରେ। ନାମକରଣର ଭାଷାଗତ ବୈଚିତ୍ର୍ୟର ଗୋଟିଏ ଚମତ୍କାର ଉଦାହରଣ- ଇଜିପ୍ଟ। ଏହା କିନ୍ତୁ କେବଳ ଇଂରାଜୀ ଭାଷାରେ ସୀମିତ। ପ୍ରକୃତରେ ଏହା ମିଶର, ଏବେ ବି ଆରବ ଓ ଆଫ୍ରିକା ଦୁନିଆରେ ଏହା ମିଶର ଭାବେ ପ୍ରସିଦ୍ଧ। ଇଜିପ୍ଟ ଅଧିବାସୀଙ୍କୁ 'ମସରୀ' କୁହାଯାଇଥାଏ। ମିଶର ଶବ୍ଦରୁ ଏହା ଆସିଛି। ମିଶର ବା ମିସର ଅଧିବାସୀଙ୍କୁ 'ମସରୀ' କୁହାଯାଇଥାଏ। ଇଜିପ୍ଟର ରାଜଧାନୀ 'କାଇରୋ' ବି ସେହିଭଳି କୌତୂହଳପ୍ରଦ। 'କାଇରୋ' ନାମଟି ବି ଇଂରାଜୀ ଭାଷାରେ ସୀମିତ। ଏହାର ନାମ 'କହୋରା' ବା କାହିରା। ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବିଶ୍ୱର ଭାଷା ସାହିତ୍ୟକୁ ଇଜିପ୍ଟ ବା ମିସରର ଏକ ଅନନ୍ୟ ଅବଦାନ ରହିଛି। ପାପିରସ ନାମକ ଏକ ଜାତୀୟ ଘାସରୁ ହୋଇଛି ପେପର ବା କାଗଜ। ବିଶ୍ୱକୁ ପ୍ରଥମ କରି ଲେଖିବାର ସାମଗ୍ରୀ କାଗଜ ଯୋଗାଇଛି ଇଜିପ୍ଟ। ଆଫ୍ରିକା ମହାଦେଶର ବିଶ୍ୱକୁ ଏହା ଏକ ଅଭୁଲାଦାନ। ଆଉ କିଛି ନାମକରଣ ଲକ୍ଷ୍ୟ କରାଯାଉ। ଟ୍ୟୁନିସିଆ ଦେଶ, ଏହାର ରାଜଧାନୀ ଟ୍ୟୁନିସ୍। ଗୋଟିଏ 'ଆ' ବିଲୋପରେ ଦେଶ ଓ ରାଜଧାନୀ ମଧ୍ୟରେ ପାର୍ଥକ୍ୟ। ଇଂରାଜୀ ବନାନରେ ବି ସେମିତି ଦେଶର ନାମ Tunisia, ରାଜଧାନୀର ନାମ Tunis ମଜାକଥା ହେଉଛି, ଦେଶର ସରକାରୀ ବିମାନ ସଂସ୍ଥା 'Air TUNIS'! ସତରେ ବିଚିତ୍ର ନାମକରଣ! ଭାଷାର ବ୍ୟବହାରକୁ ଦେଖିଲେ ଆମେ ଦେଖିବା, ଆଫ୍ରିକାର ଅଧିକାଂଶ ଅଞ୍ଚଳରେ ଇଂରାଜୀ ଭାଷାର ପ୍ରଭାବ ଅନୁଭୂତ। ତେବେ ଆଫ୍ରିକାର କେତୋଟି ନିଜସ୍ୱ ଭାଷା ରହିଛି। ଏହି ଭାଷା ସମୂହ ବା ଭାଷା ଗୁଚ୍ଛକୁ ଆଫ୍ରିକୀୟ ଭାଷା କୁହାଯାଏ। ଝୁଲୁ ଏହି ଭାଷା ସମୂହର ଏକ ପ୍ରମୁଖ ଭାଷା। ନିଗ୍ରୋ ଭାଷା ବି ଏକ ପ୍ରମୁଖ ଆଫ୍ରିକୀୟ ଭାଷା। ଆଫ୍ରିକାର ଉତ୍ତର ଭାଗ ବା ଉତ୍ତର ଆଫ୍ରିକାର ଭାଷାର ବିବିଧତା ଗବେଷଣା ସାପେକ୍ଷ। ଏହି ଅଞ୍ଚଳରେ ବିଦ୍ୟାଳୟ ସ୍ତରରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ତିନୋଟି ଭାଷାର ବିଶେଷ ବ୍ୟବହାର ଦେଖାଯାଏ। ଫରାସୀ ଭାଷା, ଆରବୀ ଭାଷା ଓ ଇଂରାଜୀ ଭାଷା। ଏସବୁ ଅଞ୍ଚଳରେ ଫରାସୀ ଉପନିବେଶ ପ୍ରଭାବ ନାହିଁ। ଅଥଚ ଫରାସୀ ଭାଷା ଶିକ୍ଷା ଏଠାରେ ଅଧିକ। ଉତ୍ତର ଆଫ୍ରିକାର ଗୋଟିଏ ପ୍ରମୁଖ ଦେଶ ଲିବ୍ୟାକୁ ଦେଖାଯାଉ। ଏହା ଇଟାଲୀ ଉପନିବେଶବାଦର ଉଦାହରଣ। ଅଥଚ ଲିବ୍ୟାରେ ଇଟାଲିୟ ଭାଷା ଶିକ୍ଷା ନେଇ ସରକାରୀ ବା ବେସରକାରୀ କିଛି ଆଗ୍ରହ କି ଉଦ୍ୟମ ଦେଖାଯାଏନି। ଅବଶ୍ୟ କୁଜିନା (ରୋଷେଇଘର), ହମାମ୍ (ଗାଧୁଆଘର), ଲାମ୍ପା (ବଲ୍‌ବ) ଇଟାଲୀୟ ଶବ୍ଦ। ଏହାର ବ୍ୟବହାର ଏଠି ଏବେ ବି ଅଛି। ଉତ୍ତର ଆଫ୍ରିକାର ସପ୍ତାହର ନାମକରଣରେ ବି ଭାଷାର ବୈଚିତ୍ର୍ୟ ଦେଖାଯାଏ। ଖମିଜ୍ (ଗୁରୁବାର) ଜୁମା (ଶୁକ୍ରବାର) ଓ ସାବେତ୍ (ଶନିବାର) ଛାଡ଼ିଦେଲେ ଆଉ ସବୁ ସଂଖ୍ୟାଯୁକ୍ତ ନାମ ବିଶିଷ୍ଟ। ଆହାଦ୍ (ରବିବାର), ଇତ୍‌ନେନ୍ (ସୋମବାର), ତଲାତା (ମଙ୍ଗଳବାର) ଓ ଆର୍‌ବା (ବୁଧବାର), ଆହାଦ୍ ବା ୱାହେଦ୍ ଅର୍ଥ ଏକ, ଇତ୍‌ନେନ୍ ବା ତାନିମାନେ ଦୁଇ, ତଲାତାମାନେ ତିନି ଏବଂ ରାବା ବା ଆର୍‌ବା ଅର୍ଥ ଚାରି। ଆଫ୍ରିକୀୟ ଶାସକ ଓ କିଛି ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ନାମକରଣରେ ବି ଭାଷାର ବିଶେଷତା ବା ସୌନ୍ଦର୍ଯ୍ୟ ଲକ୍ଷ୍ୟଣୀୟ। ଯେମିତିକି ନାଇଜେରିଆର ରାଷ୍ଟ୍ରପତି ଜୋନାଥନ୍ ଗୁଡ଼ଲକ, ଜିମ୍ବାୱେର ଦିବଙ୍ଗତ ନେତା ରବର୍ଟ ମୁଗାବେ, ଇଜିପ୍ଟର ପ୍ରାକ୍ତନ ରାଷ୍ଟପତି ଆଲସିସି। ସେହିପରି ଲିବ୍ୟାର ଦିବଙ୍ଗତ ନେତା ମୁଆମର ଗଦ୍ଦାଫି, ଟେନିସ୍‌ର ଦୁଇନାମୀ ଖେଳାଳି ସେରେନା ୱିଲିୟମସ୍ ଓ ଭେନସ ୱିଲିୟମସ୍। ବର୍ଣ୍ଣବୈଷମ୍ୟବାଦର ବିରୋଧ କରି ଦକ୍ଷିଣ ଆଫ୍ରିକାକୁ ମାନବବାଦର ନୂଆମବ ଦେଇଥିବା ନେଲ୍‌ସନ୍ ମାଣ୍ଡେଲା ଏମିତି ଏକ ନାମ। ସେହିସବୁ ନାମର ସୌନ୍ଦର୍ଯ୍ୟ ରହିଛି। ବନାନ୍ ଦୃଷ୍ଟିରୁ ନାମର ମହତ୍ତ୍ୱ ଦୃଷ୍ଟିରୁ ଓ ଉଚ୍ଚାରଣ ଦୃଷ୍ଟିରୁ ଏସବୁ ନାମ ଆକର୍ଷଣୀୟ। ଆଉ ଗୋଟିଏ ଉଦାହରଣ ଦେଖାଯାଉ। ଆଫ୍ରିକାର ଦୁଇଟି ପ୍ରମୁଖ ନଦୀ ନୀଳନଦୀ (Nil) ଏବଂ ଇବୋଲା। ନୀଳନଦୀ ଆଫ୍ରିକୀୟ ଦେଶଗୁଡ଼ିକୁ ଖାଦ୍ୟଶସ୍ୟ, ପନିପରିବା, ଫଳମୂଳ ଓ ପିଇବା ପାଣି ଯୋଗାଇବାର ପ୍ରମୁଖ ମାଧ୍ୟମ ହୋଇଥିବା, ଇବୋଲା ଏକ ନଦୀର ନାମ ପରିବର୍ତ୍ତେ ଗୋଟିଏ ଭୟଙ୍କର ରୋଗରେ ରୂପାନ୍ତରିତ ହୋଇଛି। ଇବୋଲା ରୋଗର ଇତିହାସରୁ ଦେଖାଯାଏ ଯେ ଇବୋଲା ନଦୀର ଅବବାହିକାରେ ଜଣେ ମହିଳାଙ୍କୁ ଏହି ରୋଗ ପ୍ରଥମେ ହୋଇଥିଲା। ଏହି ରୋଗର ଲକ୍ଷଣ ଇତ୍ୟାଦି ଅଜଣା ଏବଂ ନୂଆ ହୋଇଥିବାରୁ ନଦୀର ନାମ ଅନୁସାରେ ନାମ ଦିଆଯାଇଥିଲା। ଆଫ୍ରିକାରେ ଭାଷାକୁ ଅନେକାଂଶରେ ଧର୍ମ ପ୍ରଭାବିତ କରିଥିବାର ଲକ୍ଷ୍ୟ କରାଯାଏ। ଯେମିତିକି ଉତ୍ତର ଆଫ୍ରିକାର ଅଧିକାଂଶ ଦେଶ ଯଥା- ଲିବ୍ୟା, ଇଜିପ୍ଟ, ଚାଡ୍, ଟ୍ୟୁନିସିଆ, ନାଇଜେରରେ ଇସ୍‌ଲାମ ଧର୍ମ ପ୍ରଭାବରେ ଆରବୀ ଭାଷା ପ୍ରମୁଖ ଭାଷାର ମାନ୍ୟତା ପାଇଥିବାବେଳେ ଦକ୍ଷିଣ ଆଫ୍ରିକାରେ ଖ୍ରୀଷ୍ଟିଆନମାନଙ୍କ ବ୍ୟବହାରରେ ଇଂରାଜୀ ଭାଷା ମୁଖ୍ୟ ଭାଷା। ଭାଷା ଦୃଷ୍ଟିରୁ ଗୋଟିଏ ଉଲ୍ଲେଖନୀୟ ଉଦାହରଣ ସୁଦାନ। ଉତ୍ତର ଆଫ୍ରିକାର ଦେଶ ସୁଦାନ, ଇତିହାସ ଓ ସଂସ୍କୃତି ଦୃଷ୍ଟିରୁ ସୁଦାନର ନାମ ବି ସ୍ୱତବ। ଏବେ ସୁଦାନ ଦୁଇ ଭାଗରେ ବିଭକ୍ତ। ସୁଦାନ ଓ ସାଉଥ (ଦକ୍ଷିଣ) ସୁଦାନ। ସୁଦାନ ମୁସଲମାନବହୁଳ ଦେଶ, ସେଠାରେ ମୁଖ୍ୟ ଭାଷା ଆରବୀ, ଅନ୍ୟପକ୍ଷରେ ନୂଆ କରି ଜନ୍ମ ଲାଭକରିଥିବା ସାଉଥ ସୁଦାନ ଖ୍ରୀଷ୍ଟଧର୍ମାବଲମ୍ବୀ ବହୁଳ ଦେଶ, ଇଂରାଜୀ ଭାଷା ଏଠି ପ୍ରଥମ ଭାଷା ଆଫ୍ରିକାରେ ଭାଷାର ବ୍ୟବହାରିକ ବୈଚିତ୍ର୍ୟ ପରିଲକ୍ଷିତ। ଶବ୍ଦର ବ୍ୟବହାର ଅଞ୍ଚଳ ଅନୁସାରେ ବଦଳିଯାଏ। ଶବ୍ଦର ଉଚ୍ଚାରଣ ବି ବଦଳିଯାଏ। ଏହା ଭୌଗଳିକ ସ୍ଥିତି ଓ ଜଳବାୟୁ ଆଧାରିତ। ଦେଖାଯାଏ ଯେ ଆଫ୍ରିକା ମହାଦେଶର ଅଧିକାଂଶ ଦେଶର ଇଂରାଜୀ ଭାଷା ମୁଖ୍ୟ ଯୋଗାଯୋଗ ଭାଷା। ଏହାପରେ ଆରବୀ ଭାଷା। ଫରାସୀ ଭାଷାର ସ୍ଥାନ ତୃତୀୟ। ତେବେ ଭାଷାର ବ୍ୟାକରଣ, ଶବ୍ଦଗଠନ ଓ ଶବ୍ଦଚୟନ, ବାକ୍ୟ ବ୍ୟବହାର ଆଦି ଅନେକ ଭାଷାଗତ ଆବଶ୍ୟକତାକୁ ବିଚାର କଲେ। ଆଫ୍ରିକାରେ ଭାଷା ଓ ଭୂଗୋଳ ଅଙ୍ଗାଙ୍ଗୀ ଜଡ଼ିତ। ଅନେକ ଅଂଚଳରେ ଦେଖାଯାଏ ଉଭୟ ଭାଷା ଓ ଭୂଗୋଳ ପରସ୍ପରର ପରିପୂରକ। ଭାଷା, ଭୂଗୋଳକୁ ପ୍ରଭାବିତ କରିଥାଏ ଏବଂ ଭୂଗୋଳ ବି ଭାଷାକୁ ପ୍ରଭାବିତ କରିଥାଏ। ଆଫ୍ରିକା ମହାଦେଶରେ ଆଠବର୍ଷ ଭାଷାବିଜ୍ଞାନ ପଢ଼ାଇବା ସହ ଅନେକ ଅଞ୍ଚଳକୁ ଭ୍ରମଣ ଓ ଗବେଷଣା ପାଇଁ ଯାଇ ଏହି ଅନୁଭବ ମୋର ହୋଇଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ:ସମିତି ବୈଠକରେ ପ୍ରବଳ ହଟ୍ଟଗୋଳ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ପଞ୍ଚାୟତ ସମିତି ବୈଠକ କରାଯାଇଛି । ବ୍ଲକ ଅଧକ୍ଷା ସୁଶୀଳା ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଝରିଗାଁ ବିଧାୟକ ନରସିଂହ ଭତ୍ରା ମୁଖ୍ୟ ଅତିଥି, ନବରଙ୍ଗପୁର ଏମ୍‌ପି ପ୍ରତିନିଧ ରାମ ନାୟକ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଏମ୍‌ପି ପ୍ରତିନିଧ ବାସନ୍ତୀ ମାଝୀ, ଝରିଗାଁ ବିଧାୟକ ପ୍ରତିନିଧି ସୋନା ମାଝୀ, ଉପାଧକ୍ଷ ଶ୍ୟାମଳ ସରକାର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦନ ରାୟ, ସଭ୍ୟା ଡାଳିମ୍ବ ଭତ୍ରା, ଡାବୁଗାଁ ବିଡିଓ ଶରତ ଚନ୍ଦ୍ର ମାଝୀ ଉପସ୍ଥିତ ଥିଲେ । ୧୮ ବିଭାଗର ଅଧିକାରୀମାନେ ଉପସ୍ଥାପନ କରିଥିଲେ । ଅଘୋଷିତ ବିଦ୍ୟୁତ୍ କାଟ୍, ଶିକ୍ଷା ଓ ପାନୀୟ ଜଳ ଯୋଗାଣ ବିଭାଗରେ ଚାଲିଥିବା ଅବ୍ୟବସ୍ଥାକୁ ନେଇ ସମିତି ସଭ୍ୟମାନେ ହଟ୍ଟଗୋଳ କରିଥିଲେ । ଗ୍ରାହକଙ୍କ ଠାରୁ ଜୋର୍ ଜବରଦସ୍ତି ବିଦ୍ୟୁତ୍ ବିଲ୍ ଆଦାୟ, ସ୍କୁଲ୍ ପିଲାଙ୍କୁ ୟୁନିଫର୍ମ ନମିଳିବା, ମଧ୍ୟାହ୍ନ ଭୋଜନରେ ନିମ୍ନମାନର ତେଲ ବ୍ୟବହାର, ପାଣିଆ ଡାଲମା ଦିଆଯାଉଥିବା, ମନଇଚ୍ଛା ଡେପୁଟେସନ୍ କରାଯାଉଥିବା ନେଇ ସମିତିସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଜଣେ ସରକାରୀ ଅଧିକାରୀଙ୍କୁ ମଞ୍ଚର ପଛ ଧାଡ଼ିରେ ବସାଇବା ନେଇ ସମିତିସଭ୍ୟ ଓ ସରପଞ୍ଚମାନେ ପ୍ରବଳ ହଟ୍ଟଗୋଳ କରିଥିଲେ । ଉମରକୋଟରେ ସ୍ଥାୟୀ ବିଡିଓ ନଥିବାରୁ ଡାବୁଗାଁ ବିଡିଓ ଭାରାପ୍ରାପ୍ତ ଦାୟିତ୍ୱରେ ଅଛନ୍ତି । ମଞ୍ଚରେ ଆବଶ୍ୟକ ସଂଖ୍ୟାଠାରୁ ଅଧିକ ଲୋକ ପ୍ରତିନିଧି ବସିବାରୁ ବିଡିଓଙ୍କୁ ପଛ ଧାଡିରେ ବସିବାକୁ ପଡିଥିଲା । ବିଡିଓ ପଛରେ ବସିବା ପରେ ଅସହ୍ୟ ଅନୁଭବ କରିବାରୁ ମଞ୍ଚ ତଳେ ଥିବା ଲୋକ ପ୍ରତିନିଧିଙ୍କ ନିକଟରେ ଆସି ବସିଥିଲେ । ଏହାକୁ ନେଇ ସମିତି ସଭ୍ୟମାନେ ଆପତି ଉଠାଇବା ସହ ପ୍ରବଳ ଅସନ୍ତୋଷ ପ୍ରକାଶ କରିଥିଲେ । ଜଣେ ବିଡିଓ ବ୍ଲକର ମୁଖ୍ୟ ସରକାରୀ ଅଧିକାରୀ ହୋଇଥିବାବେଳେ ପଛରେ ବସିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ସମିତି ସଭ୍ୟ ଯୁକ୍ତି କରିଥିଲେ । ବୈଠକ ବର୍ଜନ ପାଇଁ ଧମକ ଦେବା ପରେ ବିଡିଓଙ୍କୁ ଷ୍ଟେଜ୍ ଆଗ ଧାଡିରେ ବସାଯାଇଥିଲା । ସହକାରୀ ନିର୍ବାହୀ ଯନ୍ତ୍ରୀ ସଙ୍କେତ ନାୟକ ସଭା ପରିଚାଳନା କରିଥିଲେ ।

## ବିଶ୍ୱଶାନ୍ତି ଓ ବିଶ୍ୱ ଭାଇଚାରା ପାଇଁ ସାଇକେଲ୍ ଶୋଭାଯାତ୍ରା

**ସାଲେପୁର, ନ୍ୟୁଜ୍**

ରାଇସୁଙ୍ଗୁଡା ସ୍ଥିତ କୁସୁମ୍ବି ଅହମଦୀୟା ମୁସ୍‌ଲିମ୍ ସଂଗଠନ ପକ୍ଷରୁ ବିଶ୍ୱଶାନ୍ତି ଓ ବିଶ୍ୱ ଭାଇଚାରା ତଥା ତୃତୀୟ ବିଶ୍ୱଯୁଦ୍ଧ ନହେବା ପାଇଁ ଏକ ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଶୋଭାଯାତ୍ରା ସାମୂହିକ ନିରବ ପ୍ରାର୍ଥନା ସହ ଆରମ୍ଭ କରାଯାଇଥିଲା । ଏହି ଶୋଭାଯାତ୍ରା କୁସୁମ୍ବିରୁ ଆରମ୍ଭ ହୋଇ କେନ୍ଦୁ ପାଟଣା, ସିମିଳପଡା, ସାଲେପୁର ଏବଂ କୁଦିଆ ରାସ୍ତା ଦେଇ ଫେରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଇମ ଅନସାର ସେକ୍ ଅବ୍‌ଦୁଲ୍ ଓ୍ୱାସେ, ସମ୍ମାନିତ ଅତିଥି ଭାବେ ଯୁବ ସଂଗଠନର ସଭାପତି ମୁଖତାର ଅହମଦ ଏବଂ ମୌଲାନା ମକସୁଦ ଅଲ୍ଲି ଖାଁ ଯୋଗ ଦେଇଥିଲେ । ଏହି ଶୋଭାଯାତ୍ରାର ଆଭିମୁଖ୍ୟ ହେଲା ବିଶ୍ୱରେ ସ୍ଥାୟୀ ଶାନ୍ତି ସ୍ଥାପନା କରିବା, ବିଶ୍ୱ ଭାଇଚାରା ପ୍ରତିଷ୍ଠା କରିବା ଏବଂ ବିଶ୍ୱ ଯୁଦ୍ଧ ଜନିତ ଭୟାବହ ଧ୍ୱଂସଲୀଳାରୁ ମାନବ ସମାଜକୁ ବର୍ତ୍ତିବା ପାଇଁ ଜନ ସଚେତନ ସୃଷ୍ଟି କରିବା ।

# ଆଦିବାସୀ ମାନଙ୍କ ସମସ୍ୟା ସରକାରଙ୍କ ଠାରେ ପହଞ୍ଚାଇବାକୁ ଆହ୍ୱାନ୍

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଆନ୍ଥ୍ରୋପୋଲୋଜି ବିଭାଗ ଆନୁକୂଲ୍ୟରେ ଦୁଇଦିନିଆ ଜାତୀୟ ସେମିନାର ଆରମ୍ଭ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଏହି ସେମିନାରର ମୂଳପ୍ରସଙ୍ଗ ସ୍ୱାସ୍ଥ୍ୟ ସମାନତା, ସ୍ଥିରତା ଏବଂ ବିକାଶକୁ ନେଭିଗେଟ କରିବା: ସ୍ଥାୟୀ ବିକାଶ ଲକ୍ଷ୍ୟଗୁଡିକର ସମାଧାନ ପାଇଁ ପଥକୁ ନେଇ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ବୈଠକରେ ପ୍ରମୁଖ ଉପଦେଷ୍ଟା ଭାବେ ଯୋଗଦେଇ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ ନୀଳଗିରି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନଙ୍କ ପାଖରେ ପହଞ୍ଚି, ସେମାନଙ୍କର ବିଭିନ୍ନ ସମସ୍ୟାକୁ ସର୍ବେକ୍ଷଣ ମାଧ୍ୟମରେ ସଂଗ୍ରହ କରି ସେଗୁଡିକୁ ରାଜ୍ୟ ସରକାରଙ୍କ ପାଖରେ



ପହଞ୍ଚାଇବାର ପ୍ରୟାସ କରିବାକୁ ଛାତ୍ରଛାତ୍ରୀ ଓ ଗବେଷକଗଣଙ୍କୁ ଆହ୍ୱାନ ଦେଇଥିଲେ । ଏଥିସହିତ ଏହି ଦୁଇଦିନିଆ ସେମିନାରରେ ଅନୁଷ୍ଠିତ ହେବାକୁ ଥିବା ଛଅ ଗୋଟି ବୈଷୟିକ ଅଧିବେଶନରେ ପ୍ରମୁଖ ପ୍ରସଙ୍ଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକର ଆଲୋଚନା କରାଯାଇ ଏକ ଫଳପ୍ରଦ ନିଷ୍କର୍ଷ ଆଣିବାର ସମ୍ଭାବନା ପ୍ରତି ଆଶାବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ସ୍ଥିତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଅନୁସନ୍ଧାନ ଏବଂ ତାଲିମ୍ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ଯୋଗଦେଇ ନିଜର ମୂଲ୍ୟବାନ ଉଦ୍‌ବୋଧନରେ ଆଦିବାସୀ ଜନଜାତିଙ୍କ ସ୍ଥାୟୀ ବିକାଶ ନିମିତ୍ତ ବିଭିନ୍ନ ଲକ୍ଷ୍ୟଗୁଡିକ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଭାବେ ଜାତୀୟ ସ୍ମାରକୀ ପ୍ରାଧିକରଣ, ଭାରତର ଚେୟାରମ୍ୟାନ ପ୍ରଫେସର କିଶୋର ବାସା ଯୋଗଦେଇ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବିକାର ସଠିକ୍ ବିକାଶ ହିଁ ଜୀବନ ଗଠନର ମୂଳ ଉପାଦାନ ଓ ଏହାର ସ୍ଥାୟୀ ଭବିଷ୍ୟତ ଦିଗରେ ଯଥେଷ୍ଟ ଧ୍ୟାନ ଦେବାକୁ ତଥା ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ । ଏଥିସହ ପ୍ରାଚୀନ ତଥା ପାରମ୍ପରିକ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ଉନ୍ନତ କରିବା ସହିତ ଉତ୍ସାହିତ କରାଯିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ନିଜର ଉଦ୍‌ବୋଧନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଆବାହକ ଡକ୍ଟର ସଚ୍ଚିଦାନନ୍ଦ ସା ସେମିନାରର ଉଦ୍ଦେଶ୍ୟ ନେଇ ଆଲୋକପାତ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଆକାଶ ମଲ୍ଲିକ ସଂଚଳନ କରିଥିଲେ ଓ ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ବିଶ୍ୱଜିତ୍ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

## କଣ୍ଟାବାଞ୍ଜିରେ ବିଜେପି ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପ୍ରେସ୍‌କ୍ଲବ ଓ ଓ୍ୟୁଜେ କଣ୍ଟାବାଞ୍ଜି ୟୁନିଟ୍ ପକ୍ଷରୁ ନୂତନ ଭାବେ ନିର୍ବାଚିତ ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏ ନେଇ ଏକ ପ୍ରେସ୍ କ୍ଲବରେ ଅଫିସରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରେସ୍ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ଓ୍ୟୁଜେ କଣ୍ଟାବାଞ୍ଜି ୟୁନିଟ୍ ସମ୍ପାଦକ ଦୁର୍ଗାପ୍ରସାଦ ଗୁପ୍ତା ମଞ୍ଚାସିନ ଥିଲେ। ପ୍ରେସ୍ କ୍ଲବ ସଂପାଦକ ସୂରଦାସ ବାଗ ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲା ସଭାପତି ଶ୍ରୀ ବେହେରା ଫୁଲତୋଡ଼ା ଏବଂ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଆଗାମୀ ଦିନରେ ସାମ୍ବାଦିକ ସୁରକ୍ଷା ଆଇନ୍ ସହ କଣ୍ଟାବାଞ୍ଜିରେ ସାମ୍ବାଦିକ ମାନଙ୍କ ପାଇଁ ନିର୍ବାଚନ ସ୍ତରୀୟ କାର୍ଯ୍ୟାଳୟ ତିଆରି ଉପରେ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଏହି ବୈଠକରେ ପ୍ରେସ୍ କ୍ଲବ ପରାମର୍ଶଦାତା ଆଶିଷ ଖଇତାନ, ଅଫିସ ସମ୍ପାଦକ ବିଶିକେଶନ ମାଝୀ, ସଦସ୍ୟ ଜଗମୋହନ ତାଣ୍ଡି, ଓ୍ୟୁଜେ ସଦସ୍ୟ ପୁଷ୍ପକେତୁ ବେହେରା, ପ୍ରମୋଦ ବେହେରା, ଅମିତ ଶର୍ମା, ହନି ସିଂହ, ସୁବ୍ରତ ମହାକୁର, କେଦାର ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ଠାରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଯୁଧିଷ୍ଠିର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।



## ଶହୀଦ ଦିବସ ଉପଲକ୍ଷେ ସରକାରୀ କାର୍ଯ୍ୟାଳୟରେ ନୀରବ ପ୍ରାର୍ଥନା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସମଗ୍ର ଦେଶରେ ପାଳିତ ହେଉଥିବା ଶହୀଦ ଦିବସ ଉପଲକ୍ଷେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ନତମସ୍ତକ ହୋଇ ଦେଶର ମୁକ୍ତି ଆନ୍ଦୋଳନରେ ଝାସ ଦେଇ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିବା ସମସ୍ତ ଦିବଂଗତ ସଂଗ୍ରାମୀ ମାନଙ୍କୁ ସଶ୍ରଦ୍ଧ ସମ୍ମାନ ପ୍ରଦର୍ଶନ କରିଥିଲେ । କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ନୀରବ ପ୍ରାର୍ଥନା ସଭାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଡ଼େପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, ଫିରୋଜ ଖାଁ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ କୁମାର ନାଏକ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ଜେନା, ସରୋଜ କୁମାର ମଲ୍ଲିକ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ଙ୍କ ସମେତ ସମସ୍ତ ବିଭାଗର କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ । ୧୦:୫୯ ସମୟରେ ସାଇରନ୍ ବାଜିବାକ୍ଷଣି ସମସ୍ତେ ସ୍ଥିର ହୋଇ ୧୧:୦୦ ରୁ ୧୧:୦୨ ସମୟ ଯାଏଁ ପ୍ରାର୍ଥନା କରିଥିଲେ । ଅନୁ୍ୟନ ଭାବେ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକରଙ୍କ ଉପସ୍ଥିତିରେ ସମ୍ମିଳନୀ କକ୍ଷରେ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଏହି ସମୟରେ କଚେରୀ ଛକ ଟ୍ରାଫିକ୍ ପୋଷ୍ଟରେ ଉପସ୍ଥିତ ପଥଚାରୀ ଏବଂ ଗାଡ଼ି ଚାଳକମାନେ ମଧ୍ୟ ସ୍ଥିର ଭାବେ ନିଜ ସ୍ଥାନରେ ରହି ଶହୀଦଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ପରିଚାଳନା କରିଥିଲେ।

# ମହିଳାଙ୍କ ଗର୍ଭାଶୟ କ୍ୟାନ୍ସର ନିରାକରଣ ପାଇଁ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ କଲ୍‌ପୋସ୍କୋପି କର୍ମଶାଳା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ମହିଳାଙ୍କ କ୍ଷେତ୍ରରେ ଗର୍ଭାଶୟ କ୍ୟାନ୍ସର ଏକ ଚିନ୍ତାର ପ୍ରସଙ୍ଗ ଭାବେ ବଢ଼ିଚାଲିଥିବା ବେଳେ ଏହି ରୋଗକୁ ଚିହ୍ନଟ କରିବା ନିମନ୍ତେ କଲ୍‌ପୋସ୍କୋପି ପଦ୍ଧତି ଖୁବ୍ ଫଳପ୍ରଦ ହୋଇଥାଏ। ଏହି ପ୍ରସଙ୍ଗକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ ଫୁଲନଖରା କ୍ୟାମ୍ପସରେ ବୁଧବାର ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସେନ୍‌ଜିତ ମହାନ୍ତି ଏବଂ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ରାଜେଶ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୧ର ପୂର୍ବତନ ଡିନ୍ ପ୍ରଫେସର (ଡାକ୍ତର) ଗଙ୍ଗାଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପଦ୍ଧତି କିଭଳି ରୋଗ ଚିହ୍ନଟ କରିବାରେ ଉପକାରୀ ସେ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱାଗତ ଭାଷଣ ଦେବା ପ୍ରସଙ୍ଗରେ ହସ୍ପିଟାଲ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ତାପସୀ ପତି କହିଥିଲେ ଯେ କଲ୍‌ପୋସ୍କୋପି ଦ୍ୱାରା କ୍ୟାନ୍ସରର ସେଲ୍ କେଉଁ ସ୍ଥାନରେ ରହିଛି ତାହା ଚିହ୍ନଟ କରି ସେହିସ୍ଥାନରୁ ହିଁ ବାୟୋପ୍ସି କରାଯାଇଥାଏ। ଏହି ଅବସରରେ ପ୍ରଫେସର ଲେଙ୍କା କହିଥିଲେ ଯେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ ତା'ର ଏକ ବର୍ଷ ପୂରଣ କରିସାରିଥିବା ବେଳେ ରୋଗୀ ସେବା କ୍ଷେତ୍ରରେ ଅନେକ ସଫଳତା ହାସଲ କରିଛି। ଏହି ହସ୍ପିଟାଲ୍‌ରେ କ୍ୟାନ୍ସର ଚିକିତ୍ସା ନେଇ ଉତ୍କୃଷ୍ଟ ସେବା ପ୍ରଦାନ କରାଯିବାର ଯୋଜନା ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମ ଶେଷରେ ପ୍ରଫେସର ସୁନୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# 'ମାଗେ ପରବ'ରେ ଝୁମିଲା ସିଲୁଆଁ ମୁଣ୍ଡା ହୋ ଆଦିବାସୀ ସମାଜ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ସହର ଉପଖଣ୍ଡର ସିଲୁଆଁ ମୁଣ୍ଡା ସାହିରେ ମାଗେ ପରବ ମହା ଆଡମ୍ବର ସହକାରେ ପାଳିତ ହୋଇଛି। ଏହି ମାଗେ ପରବ ମୁଣ୍ଡା ଓ ହୋ ଆଦିବାସୀ ସମାଜର



ସବୁଠାରୁ ବଡ଼ ପର୍ବ ଭାବେ ପାଳିତ ହୋଇଥାଏ। ବହୁ ଉତ୍ସାହର ସହ ସମ୍ପ୍ରଦାୟର ଲୋକେ ଏହାକୁ ପ୍ରତିବର୍ଷ ବହୁ ଆନନ୍ଦ ଉଲ୍ଲାସର ସହ ବିଭିନ୍ନ ସ୍ଥାନରେ ମକର ପରଠାରୁ ପାଳନ କରୁଛନ୍ତି। ଏହି ଅବସରରେ ଗ୍ରାମର ଯୁବକ ଯୁବତିଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଜିତ୍ ହାସଲ କରୁଥିବା ଧାଙ୍ଗଡ଼ା ଧାଙ୍ଗିଡି ଏକାଠି ହାତ ଧାରାଧରି ହୋଇ ମୁଣ୍ଡା ଗୀତର ତାଳେ ତାଳେ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଅନେକ ନିଜ ନିଜର ଜୀବନ ସାଥି ଚୟନ କରୁଥିବା ପ୍ରକାଶ କରିଥିଲେ। ମୁଣ୍ଡା ଓ ହୋ ଆଦିବାସୀ ପରିବାରର ଲୋକେ ବର୍ଷ ସାରା କଠିନ ପରିଶ୍ରମ କରି ଚାଷ କାମ ସରିଲା ପରେ ବର୍ଷର ଏହି ସମୟରେ ସଭିଏଁ ଏକାଠି ହୋଇ ଏହାକୁ ପାଳନ କରିଥାନ୍ତି । ଏହାକୁ ଆଗରୁ ୭ ଦିନ ଧରି ପାଳନ କରାଯାଉଥିବା ବେଳେ ଏବେ ଏହା ୩ ଦିନ ମଧ୍ୟରେ ପାଳନ କରାଯାଉଛି। ଏହି ମାଗେ ପରବରେ ମୁଖ୍ୟ ପର୍ବ, ଯାତାରା ପରବ ଏବଂ ତୃତୀୟ ଦିନକୁ ହାରମାଗେୟା ପରବ କୁହାଯାଏ। ଗୁରୁବାର ସିଲୁଆଁ ଗ୍ରାମର ପ୍ରତି ମୁଣ୍ଡା ଓ ହୋ ପରିବାରର ଲୋକେ ଖଳିୟାନ ଏବଂ ଗୁହାଳ ପୂଜା କରିଥିଲେ। ପର୍ବ ପାଳନ ଅବସରରେ ସମ୍ପ୍ରଦାୟର ଲୋକେ ମରାଙ୍ଗବୁରୁ ଓ ଦେଶାଉଲିଙ୍କୁ ପୂଜା କରିବା ସହିତ ପୂର୍ବ ପୁରୁଷ ମାନଙ୍କୁ ପବିତ୍ର ଓ ନିର୍ମଳ ମନରେ ଏହି ଅବସରରେ ପୂଜାର୍ଚ୍ଚନା କରିଥିଲେ। ଶୁକ୍ରବାର ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଭୋଜିଭାତ ମାଧ୍ୟମରେ ଖୁସି ମନାଇ ମାଗେ ପରବ ସମାପନ କରିଥିଲେ।





## ଶୁଖିଲା ଗଛର ବଡ଼ ଡାଳ ପଡି ଓକିଲ ଗୁରୁତର

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ସହର ମଧ୍ୟରେ ରହିଥିବା କୋର୍ଟ ମାର୍କେଟ୍‌ରେ ଶୁଖିଲା ଆମ୍ବ ଗଛ ଡାଳ ପଡି ଜଣେ ବରିଷ୍ଠ ଓକିଲ ଗୁରୁତର ହେବାଭଳି ଏକ ଅଭାବନୀୟ ଘଟଣା ଘଟିଛି । ଘଟଣାରୁ ପ୍ରକାଶ ଯେ, ପଣସପଡି ସାହିରୁ କୋର୍ଟକୁ ଯିବା ପାଇଁ ନିଜ ବାଇକ୍‌ରେ ବାହାରିଥିଲେ ବରିଷ୍ଠ ଓକିଲ ରାମ କୃଷ୍ଣ ଦାସ । କୋର୍ଟ ମାର୍କେଟ୍ ହୋଇ ଯାଉଥିବା ବେଳେ ହଠାତ୍ ରାସ୍ତା ପାର୍ଶ୍ୱରେ ଦୀର୍ଘ ଦିନ ହେବ ରହିଥିବା ବିରାଟ ଶୁଖିଲା ଆମ୍ବ ଗଛର ଡାଳଟି ଭାଙ୍ଗିଯାଇ ଚଳନ୍ତା ବାଇକ୍‌ରେ ଥିବା ଶ୍ରୀ ଦାସଙ୍କ ଉପରେ ଛିଡି ପଡିଥିଲା । କିଛି ଜାଣିବା ଆଗରୁ ଶୁଖିଲା ଡାଳ ଶ୍ରୀଦାସ ଓ ବାଇକ୍ ଉପରେ ପଡିବାରୁ ତଳେ ଚାପି ହୋଇଯାଇଥିଲେ । ଜୀବନ ବଞ୍ଚାଇବା ପାଇଁ ଚିତ୍କାର କରିବା ପରେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉପଖଣ୍ଡ ଡାକ୍ତର ଖାନାକୁ ନେଇଥିଲେ । ସେଠାରେ ଅଧିକ ଗୁରତର ହେବାରୁ ଫୁଲବାଣୀ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ତାଙ୍କର ମୁଣ୍ଡରେ ଶକ୍ତ ଆଘାତ ଲାଗିବା ଫଳରେ ରକ୍ତ ଜୁଡୁବୁଡୁ ହୋଇଯାଇଥିଲେ ଶ୍ରୀ ଦାସ । ତେବେ ଦୀର୍ଘ ଦିନ ହେବ ସେହି ମାର୍କେଟ୍‌ରେ ଦୁଇଟି ଶୁଖିଲା ଗଛ ଥିବା ସତ୍ତ୍ୱେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ତାହାକୁ କଟାନଯାଇ ରଖାଯିବା ଫଳରେ ନିଶ୍ଚିତ ମୃତ୍ୟୁ ମୁଖରୁ ଜଣେ ଓକିଲ ବଞ୍ଚିଯାଇଥିବା ଅଭିଯୋଗ କରିଛନ୍ତି ଦୋକାନୀ ଓ ସ୍ଥାନୀୟ ଲୋକେ । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଟ୍ରାଫିକ୍ ନିୟମ ମାନି ଗାଡ଼ି ଚାଳନା ଦୁର୍ଘଟଣାକୁ ରୋକିବ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ ସମାରୋହ ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ଯାଜପୁର ଜିଲ୍ଲା ସଡ଼କ ସୁରକ୍ଷା ସମିତିର ଅଧକ୍ଷ୍ୟା ତଥା ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଯାଜପୁର ଉପ ଜିଲ୍ଲାପାଳ ଅଂଶୁମାନ ଶତପଥି ଓ ଛତିଆ ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରିନ୍‌ସିପାଲ୍ ସାଦିଆ ସଏଦ, ବଡ଼ଚଣା ଆରକ୍ଷୀ ନିରୀକ୍ଷକ ଅସିତ୍ ବଳବନ୍ତ ରାୟ ଯୋଗଦେଇଥିଲେ । ଏଥିରେ ସଡ଼କ ଦୁର୍ଘଟଣାର ନିରାକରଣ ପାଇଁ ସମସ୍ତେ ଆଲୋକପାତ କରିଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ସ୍କୁଲ୍ ଓ କଲେଜ୍‌ର ପିଲାମାନଙ୍କୁ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେବା ସହ ଟ୍ରାଫିକ୍ ନିୟମ ମାନି ଗାଡି ଚଳାଇଲେ ଦୁର୍ଘଟଣାର ନିରାକରଣ ହୋଇପାରିବ ବୋଲି ମତ ପୋଷଣ କରିଥିଲେ । ଏହି ସଭାରେ ଡେପୁଟି କମିଶନର ତଥା ଆର୍‌ଟିଓ, ଯାଜପୁର ନୀଳକଣ୍ଠ ପ୍ରଧାନ ଓ ଆର୍‌ଟିଓ, ଚଣ୍ଡିଖୋଲ, ସମ୍ବିତ କୁମାରଙ୍କ ମିଳିତ



ଉଦ୍ୟମରେ ଜିଲ୍ଲାର ଟ୍ରକ୍ ମାଲିକ ସଂଘ ଓ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା, ଏସ୍‌ପି ଓ ମାନଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ରୋଡ ସେଫ୍ଟି ସମ୍ବନ୍ଧୀୟ ବିଦ୍ୟାଳୟ ସ୍ତରୀୟ ଅନୁଷ୍ଠିତ ହୋଇଥିବା ପେଣ୍ଟିଙ୍ଗ, ଚିତ୍ରାଙ୍କନ ଓ ସ୍ଲୋଗାନ୍ ପ୍ରତିଯୋଗିତାର ବିଜେତା ହୋଇଥିବା ପ୍ରାର୍ଥୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସରକାରଙ୍କ ଦ୍ୱାରା ପ୍ରଚଳିତ ଗୁଡ ସମରିଟାନ୍ ଓ ସୋଲାସିଆମ୍ ଫଣ୍ଡ ବାବଦରେ ଆଲୋକପାତ କରିବା ସହ ଏ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ବ୍ଲକ ସ୍ତରରେ ଶୋଭାଯାତ୍ରା, ସ୍ଲୋଗାନ୍, ରଥ ପରିକ୍ରମା, ହେଲ୍‌ମେଟ୍ ଓ ସିଟ୍ ବେଲ୍ଟ ଚେକିଂ, ଚକ୍ଷୁ ଚିକିତ୍ସା ଶିବିର, ନାବାଳକ ଗାଡିଚଳନା ଚେକିଂ, ସ୍କୁଲ୍ ଓ କଲେଜ୍‌ରେ ସଚେତନତା କାର୍ଯ୍ୟକ୍ରମ ଆଦି ଆୟୋଜିତ ହୋଇଥିଲା । ଅନ୍ୱେଷଣ ଥିଏଟର ଗ୍ରୁପର ଅଭିମନ୍ୟୁ ମିଶ୍ର, ଅଭୟ ଦାସ ଟ୍ରୁପ୍ ଓ ସ୍କାଉଟ୍ ପିଲାମାନଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଉକ୍ତ ଉତ୍ସବରେ ଯାଜପୁର ମୋଟର ଯାନ ନିରୀକ୍ଷକ ଦୀପକ କୁମାର ସେଠୀ କାର୍ଯ୍ୟକ୍ରମକୁ ପ୍ରତ୍ୟେକ୍ଷ ଭାବେ ପରିଚାଳନା କରିଥିଲେ । ଖଗେଶ୍ୱର ମୁର୍ମୁ, ପ୍ରଦୀପ୍ତ କିଶୋର ବେହେରା, ଯୁଗଳ କିଶୋର ତିରିୟା ଓ ଉଭୟ ଯାଜପୁର ଓ ଚଣ୍ଡିଖୋଲ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

## ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଗାନ୍ଧି ତିରୋଧାମ ଦିବସ ପାଳିତ

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲା କଂଗ୍ରେସ ତରଫରୁ ଗାନ୍ଧିଜୀଙ୍କ ତିରୋଧାମ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଜିଲ୍ଲା ଅଧକ୍ଷ ବିକାଶ କୁମାର ଦାସଙ୍କ ପରିଚାଳନାରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବରିଷ୍ଠ କଂଗ୍ରେସ ନେତା ତଥା ବାଲେଶ୍ୱର ମ୍ୟୁନିସିପାଲିଟିର ବରିଷ୍ଠ କାଉନ୍‌ସିଲର ପଦ୍ମଲୋଚନ ଲେଙ୍କା, ଯୁବନେତା ସରୋଜ ଲେଙ୍କା, ବିଦ୍ୟାଧର ମହାନ୍ତି, ସୂର୍ଯ୍ୟ କୁମାର ସେନ୍, ସନ୍ତୋଷ କୁମାର ଦାସ, ସେକ୍ ଆଦିଲ୍ ପ୍ରମୁଖ ପ୍ରଥମେ ସ୍ଥାନୀୟ ସିନେମା ଛକ ସହିଦ୍ ପାର୍କକୁ ଯାଇ ସେଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟକୁ ଆସି ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପୂର୍ବତନ ବିଧାୟକ ଶ୍ରୀ ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ ଗାନ୍ଧୀଜୀଙ୍କ ଆଦର୍ଶରେ ସମସ୍ତ କଂଗ୍ରେସ କର୍ମୀ ନେତାମାନେ କୌଣସି ବି ପରିସ୍ଥିତିରେ ପରିବର୍ତ୍ତନ ନହୋଇ ଅହିଂସା ସତ୍ୟ ନ୍ୟାୟ ଦ୍ୱାରା ନିଷ୍ପେସିତ ନିଃସ୍ୱ ବ୍ୟକ୍ତିମାନଙ୍କ ପାଇଁ ଲଢ଼ିବା ଉଚିତ୍ । ସବୁ ଧର୍ମ ସବୁ ଜାତିକୁ ସମାନ ଅଧିକାର ମିଳିବା ଉଚିତ୍ ଏଥିପାଇଁ ସମସ୍ତ କଂଗ୍ରେସ କର୍ମୀ ଲଢ଼ିବା ପାଇଁ ଏହି ଦିନରେ ଶପଥ ନେବା ଉପସ୍ଥିତ ସମସ୍ତେ ମହାତ୍ମା ଗାନ୍ଧୀ ଅମର ରହେ ଧ୍ୱନି ଦେଇ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।



# ବାପୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ:ଚରଖା ପ୍ରତିଷ୍ଠା ସମ୍ପନ୍ନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ ଅଳକା ଆଶ୍ରମର ୧୦୩ ତମ ପ୍ରତିଷ୍ଠା ଦିବସ ପାଳନ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସ ଠାରୁ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଏକ ଚାରିଦିନିଆ କର୍ମଶାଳା "ମହାତ୍ମାଙ୍କ ମାହାତ୍ମ୍ୟ" କର୍ମଶାଳା ଓଡ଼ିଶା ସରକାରଙ୍କ ଶିଳ୍ପ, ବୈଷୟିକ ଶିକ୍ଷା ଏବଂ କୌଶଳ ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଓ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି ଚାରିଦିନିଆ କର୍ମଶାଳାର ପ୍ରଥମ ଦିନରେ ଅତିଥିଙ୍କ ଦ୍ୱାରା ଅଳକା ଆଶ୍ରମ ପରିସରରେ ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଓ ଚରଖା ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି। ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଉତ୍କଳ ଖଦୀ ମଣ୍ଡଳର ଅଧ୍ୟକ୍ଷ ବୈଷ୍ଣବ ଚରଣ ଦାସ, ଜଗତସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂ, ଉପାଧ୍ୟକ୍ଷ ରାଜେଶ କୁମାର ବିଷୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ସୀମା ଜେନା, ସମାଜସେବୀ ବିନାୟକ ପଟ୍ଟନାୟକ, ଅଳକା ଆଶ୍ରମର



ଉପସଭାପତି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ପ୍ରଶାନ୍ତ ଦାସ, ଡଃ ସୁରେନ୍ଦ୍ରନାଥ ତ୍ରିପାଠୀ, ବିଜୟ କୁମାର ରଥ, ନେହେରୁ ଯୁବକେନ୍ଦ୍ରର କାର୍ଯ୍ୟନିର୍ବାହୀ ଅଧିକାରୀ ନିଖିଳ କୋକିଳା ବରେଣ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ସମ୍ପୂର୍ଣ୍ଣ ଓଡ଼ିଶାରେ ଗାନ୍ଧୀବାଦର ମନ୍ତ୍ର ପ୍ରଦାନ କରିବା ସହିତ ସ୍ୱାଧୀନତା ସଂଗ୍ରାମକୁ ପୁରପଲ୍ଲୀରେ ପହଞ୍ଚାଇବାର ଅବିସ୍ମରଣୀୟ କାର୍ଯ୍ୟ କରିଥିବା ଅଳକା ଆଶ୍ରମର ଭବ୍ୟ କଳେବରକୁ ଜାତୀୟ ମାନଚିତ୍ରରେ ପହଞ୍ଚାଇବା ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି ଉଭୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓ ବିଧାୟକ ଶ୍ରୀ ଦାସ ପ୍ରକାଶ କରିଥିଲେ। ବ୍ରିଟିଶ ଶାସନରେ ଉତ୍କଳ ଗାନ୍ଧୀ ଗୋପବନ୍ଧୁ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅଳକା ଆଶ୍ରମରେ ପ୍ରଥମେ ଉତ୍କଳ ଖଦୀ ମଣ୍ଡଳ କାର୍ଯ୍ୟ ଆରମ୍ଭ ହୋଇଥିଲା । ତାହାର ୧୦୦ ବର୍ଷ ପରେ ପୁଣିଥରେ ସେହି ଅଳକା ଆଶ୍ରମ ପରିସରରେ ଉତ୍କଳ ଖଦୀ ମଣ୍ଡଳ ଦ୍ୱାରା ଚରଖା ପ୍ରତିଷ୍ଠା ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ସହିତ ଉପସ୍ଥିତ ଅତିଥିମାନେ ମହାତ୍ମା ଗାନ୍ଧୀଙ୍କ ତ୍ୟାଗ ଓ ବଳୀଦାନର ଗାଥାକୁ ଉପସ୍ଥାପନ କରି ସେମାନଙ୍କ ସାମାଜିକ ପ୍ରତିବଦ୍ଧତା ଓ ଜାତୀୟତା ଭାବ ବୃଦ୍ଧି ପାଇଁ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଣବ ଦେ, ସ୍ନେହମୟୀ ଆଚାର୍ଯ୍ୟ, ଲୋଚନା ଦେଇ, ତିଲୋତ୍ତମା ଦାସ ପ୍ରମୁଖ ବାପୁଙ୍କ ଉଦ୍ଦେଶ୍ୟରେ ନିଜର ଶବ୍ଦ ଶ୍ରଦ୍ଧାଞ୍ଜଳି ରଖିଥିଲେ। ଏହି ଚାରିଦିନିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଜାନୁଆରୀ ୩୧ ତାରିଖରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟରେ ଓ ଫେବୃଆରୀ ୧ ତାରିଖରେ ଜଗନ୍ନାଥ ସରକାରୀ ଉଚ୍ଚବିଦ୍ୟାଳୟ, ମଧୁସୂଦନପୁର ଶାସନରେ ଛାତ୍ରଛାତ୍ରୀଙ୍କ ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ୨ ଫେବୃଆରୀ ଶ୍ରୀପଞ୍ଚମୀ ଦିନ ଅଳକା ଆଶ୍ରମ ପରିସରରେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ "ଗ୍ରାମାଞ୍ଚଳ ଶିକ୍ଷା ବ୍ୟବସ୍ଥାରେ ସମସ୍ୟା ଓ ତାର ସମାଧାନ" ଶୀର୍ଷକ ଗୋଲ୍‌ଟେବୁଲ୍ ବୈଠକ ଅନୁଷ୍ଠିତ ହେବ । ଯାହା ପ୍ରଥମ ଥର ପାଇଁ ଶିକ୍ଷା ବ୍ୟବସ୍ଥାରେ ଏକ ଗୁଣାତ୍ମକ ପରିବର୍ତ୍ତନ ପାଇଁ ଚିଠା ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ଆବାହକ ଶ୍ରୀ ରାଉତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ପ୍ରଧାନ, ସୁଭାଷ ଚନ୍ଦ୍ର ରାଉତ, ଜ୍ଞାନରଞ୍ଜନ ଆଚାର୍ଯ୍ୟ, ନଗେନ୍ଦ୍ର ନାଥ ସ୍ୱାଇଁ, ନିରଞ୍ଜନ ବିଶ୍ୱାଳ, ଜିତୁ ପ୍ରସାଦ ମଲ୍ଲିକ, ଶରତ ଚନ୍ଦ୍ର ବେହେରା, ସୋମନାଥ ମହାରଣା ଏବଂ ଅଳକା ଆଶ୍ରମର ସମସ୍ତ କର୍ମକର୍ତ୍ତା ସୂଚାରୁରୂପେ ପରିଚାଳନା କରିଥିଲେ।

# କୁନା କୁନିଙ୍କ ନୃତ୍ୟ, ଗୀତର ତାଳେ ତାଳେ ଝୁମିଲେ ଦର୍ଶକ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ପ୍ରତିବର୍ଷ ପରିଚାଳିତ ବର୍ଷ ଦି ପ୍ଲାନେଟ୍ ପବ୍ଲିକ୍ ସ୍କୁଲ୍ ସପ୍ତମ ବାର୍ଷିକ ଉତ୍ସବ କୁନା କୁନିଙ୍କ ନୃତ୍ୟ ଗୀତରେ ଦର୍ଶକ ଝୁମିବା ସହ ଦାମୋଦର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନିମନ୍ତ୍ରଣ ପତ୍ର ସୂଚିତ ପ୍ରକାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ନାୟକ ଛତ୍ରପୁର ବିଧାୟକ (ମୁଖ୍ୟ ଅତିଥି), ଶର୍ମିଷ୍ଠା ପ୍ରଧାନ (ବିଶିଷ୍ଟ ଅତିଥି), ଅବସର ତଥା ରାଜ୍ୟପାଳ ପୁରସ୍କୃତ ପ୍ରଧାନ ଶିକ୍ଷକ ବିଜୟକୁମାର ବିଶ୍ୱାଳ (ମୁଖ୍ୟ ବକ୍ତା), ବିଜୟ ଚନ୍ଦ୍ର ବେହେରା ଏ.ବି.ଓ (ସମ୍ମାନୀତ ଅତିଥି), କୁନା ସୁର ଅଧ୍ୟକ୍ଷ, ବୃନ୍ଦାବନ ଆଚାର୍ଯ୍ୟ (ପରିଚାଳନା ନିର୍ଦ୍ଦେଶକ), ବୃନ୍ଦାବନ ବେହେରା, ସୁରତ ପ୍ରଧାନ, ସସ୍ମିତା ବେହେରା, ସୌମ୍ୟରଞ୍ଜନ ସାହୁ, ସୁବାସ ଚନ୍ଦ୍ର ପଲେଇ, ଅଶୋକ ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ରହିଥିଲେ । ଶ୍ରୀ ବିଧାୟକ ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ /ଅଭିଭାବିକା, କଳାକାର, ଦର୍ଶକ ମାନଙ୍କୁ ଅଭିଭାଷଣ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଜଣେ ଚିତ୍ରକାର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କୋଣ ଅନୁକୋଣେ ଚିତ୍ର ଆଙ୍କି ନିଜର ପରାକାଷ୍ଠ ଦେଖାଇଥିବା ଉପରେ ଆଲୋକପାତ କରିଥିଲେ। ତତ୍‌ସହିତ ବିଭିନ୍ନ ବିଷୟବସ୍ତୁ ନେଇ ପରିମାର୍ଜିତ କରି ଦର୍ଶକଙ୍କ ଆଗରେ ଚିତ୍ର ଆଙ୍କି ଥୋଇଥିବା ଯୋଗୁଁ ତୃଣମୂଳ ସ୍ତରରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ହୃଦୟ ଛୁଇଁ ପାରୁଥିବା ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ବିଶ୍ୱାଳ ଆମେରିକା ବୈଜ୍ଞାନିକ ଥୋମାସ୍ ଆଲଭା, ଶ୍ରୀ ମା ଅରବିନ୍ଦ ସରକାରୀ ଶିକ୍ଷାନୁଷ୍ଠାନ ଅପେକ୍ଷା ବେସରକାରୀ ଶିକ୍ଷାନୁଷ୍ଠାନ ଉପରେ ପାର୍ଥକ୍ୟ ଦର୍ଶାଇଥିଲେ। ଲକ୍ଷ୍ୟ ସ୍ଥିରକରି ଛାତ୍ରଛାତ୍ରୀମାନେ ଗଠନ ମୂଳକ ଶିକ୍ଷାର ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହିତ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତକାର୍ଯ୍ୟ ଛାତ୍ରଛାତ୍ରୀ ମାନଙ୍କୁ ମଞ୍ଚାସିନ ବ୍ୟକ୍ତିମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ତତ୍‌ସହିତ କାର୍ଯ୍ୟକ୍ରମ ଅୟମାରମ୍ଭ ପୂର୍ବରୁ ଆମନ୍ତ୍ରିତ/ନିମନ୍ତ୍ରିତ ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢ଼ୌକନ ସହ ଏକ ଜଗନ୍ନାଥ ଫଟୋ ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ମ୍ୟାଡ଼ାମ୍ ଜୟନ୍ତୀ, ସୁନିତା, ସଂଗୀତା, ତୃପ୍ତି, ମାମାଲି, ରେଶ୍ମା, କରିଶ୍ମା, ସୁନେଲି, ରଶ୍ମି, ଜ୍ୟୋତି ସଞ୍ଚଳନା କରିଥିଲେ। କୁନାକୁନିଙ୍କ ନୃତ୍ୟ ଗୀତର ତାଳେତଳେ ଦର୍ଶକ ଝୁମିବା ସହ ବିମୋହିତ ହୋଇ ଥିବା ଲକ୍ଷ୍ୟ କରାଯାଇଥିଲା।

## ଶହୀଦ ଦିବସ ଉପଲକ୍ଷେ ପ୍ରାର୍ଥନା ସଭା

**ବାଲେଶ୍ୱର, ନ୍ୟୁଜ୍**

ଗୁରୁବାର ସମଗ୍ର ଦେଶରେ ପାଳିତ ହେଉଥିବା ଶହୀଦ ଦିବସ ଉପଲକ୍ଷେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ନତମସ୍ତକ ହୋଇ ଦେଶର ମୁକ୍ତି ଆନ୍ଦୋଳନରେ ଝାସ ଦେଇ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିବା ସମସ୍ତ ଦିବଂଗତ ସଂଗ୍ରାମୀ ମାନଙ୍କୁ ସଶ୍ରଦ୍ଧ ସମ୍ମାନ ପ୍ରଦର୍ଶନ କରିଥିଲେ । ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ନୀରବ ପ୍ରାର୍ଥନା ସଭାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ସମେତ ସମସ୍ତ ବିଭାଗର କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ପରିଚାଳନା କରିଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ତୁଳସୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିଲୁ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି, ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ଡ଼ ମଥୁରୀ ଚରଣ ନାୟକ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପିକା ଜ୍ୟୋତ୍ସ୍ନାମୟୀ ପତି, କ୍ରୀଡା ପରିଷଦର ଉପସଭାପତି ଡ଼ ସୁଜାତା ମହାନ୍ତି ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ହୋଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ଦକ୍ଷତା ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

ଏହି କ୍ରୀଡା ପ୍ରତିଯୋଗିତାରେ ପ୍ରାୟ ତିନି ଶହରୁ ଉର୍ଦ୍ଧ ଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ +୨ ବିଭାଗରେ ଗାୟତ୍ରୀ ମଲ୍ଲିକ୍ ଓ +୩ ବିଭାଗରେ ପରୱାନା ବେଗମ୍ ଚମ୍ପିଅନ୍ ହୋଇଥିଲେ। କ୍ରୀଡା ପ୍ରଶିକ୍ଷିକା ସଂଯୁକ୍ତା ମହାନ୍ତି କ୍ରୀଡା ପରିଷଦର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ଡ଼ ଆଶୁତୋଷ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଗତ ବର୍ଷ ତୁଳନାରେ କ୍ରୀଡା ବଜେଟ୍‌ରେ ୩୫୨ କୋଟି ଟଙ୍କା ବୃଦ୍ଧି



**ନୂଆଦିଲ୍ଲୀ**

କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ୨୦୨୫-୨୬ ପାଇଁ ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି । ଏଥିରେ କ୍ରୀଡ଼ା ପାଇଁ ୩୭୯୪.୩୦ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି, ଯାହା ଗତ ବର୍ଷ ତୁଳନାରେ ୩୫୨ କୋଟି ଟଙ୍କା ଅଧିକ ରହିଛି। କ୍ରୀଡା ବଜେଟ୍‌ରେ ସରକାରଙ୍କ ପ୍ରମୁଖ ଯୋଜନା ଖେଲୋ ଇଣ୍ଡିଆକୁ ବେଶ ଫାଇଦା ମିଳିଛି। ତୃଣମୂଳସ୍ତରରେ କ୍ରୀଡାକୁ ପ୍ରୋତ୍ସାହନ ଦେଉଥିବା ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରୀୟ ବଜେଟ୍‌ରେ ସବୁଠୁ ଅଧିକ ଅର୍ଥରାଶି ଆବଣ୍ଟିତ କରାଯାଇଛି।

ଆସନ୍ତା ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସୀୟ କ୍ରୀଡ଼ାର ଆୟୋଜନ କରାଯିବ। ତେଣୁ କ୍ରୀଡ଼ା ମନ୍ତ୍ରଣାଳୟର ବଜେଟ୍‌ରେ ଗତ ବର୍ଷ ତୁଳନାରେ ୩୫୨ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଏଥର କ୍ରୀଡ଼ା ବଜେଟ୍ ୩୭୯୪.୩୦ କୋଟି ଟଙ୍କାର ରହିଛି, ଯାହା ଗତ ବର୍ଷ ୩,୪୪୨.୩୨ କୋଟି ଟଙ୍କା ରହିଥିଲା। କ୍ରୀଡା ମନ୍ତ୍ରଣାଳୟ ପାଇଁ ୨୦୨୩ରେ ବଜେଟ୍‌ରେ ୩,୩୯୬.୯୬ କୋଟି ଟଙ୍କାର ବ୍ୟବସ୍ଥା ରହିଥିଲା।

କ୍ରୀଡା ମନ୍ତ୍ରଣାଳୟ ଏଥର ବଜେଟ୍‌ରେ ଖେଲୋ ଇଣ୍ଡିଆ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ଗତ ବର୍ଷ ୨୦୨୪-୨୫ରେ ଖେଲୋ ଇଣ୍ଡିଆ ପାଇଁ ୯୦୦ କୋଟି ଟଙ୍କା ଆବଣ୍ଟିତ କରାଯାଇଥିଲା। ସରକାର ଗତ କିଛି ବର୍ଷ ହେବ ଖେଲୋ ଇଣ୍ଡିଆରେ ଅଧିକ ଅର୍ଥ ନିବେଶ କରୁଛନ୍ତି, ଯଦ୍ୱାରା ସମଗ୍ର ଦେଶର କୋଣ ଅନୁକୋଣରୁ ପ୍ରତିଭାଙ୍କ ଚିହ୍ନଟ କରାଯାଇ ସେମାନଙ୍କ କ୍ୟାରିୟର ଗଢା ଯାଇ ପାରିବ। ୨୦୨୩-୨୪ ବଜେଟରେ ପାଖାପାଖି ୪୦୦ କୋଟିରୁ ଅଧିକ ବଢାଯାଇ ଖେଲୋ ଇଣ୍ଡିଆ ପାଇଁ ୧୦୦୦ କୋଟି ବ୍ୟୟବରାଦ କରାଯାଇଥିଲା। କିନ୍ତୁ ପରେ ଏହାକୁ ସଂଶୋଧିତ କରାଯାଇ ୮୮୦ ଟଙ୍କା କରାଯାଇଥିଲା।

ଖେଲୋ ଇଣ୍ଡିଆ ୨୦୧୮ର ଆରମ୍ଭ ହେବା ପରେ ସରକାର ଏଥିରେ ଆହୁରି କ୍ରୀଡ଼ା କାର୍ଯ୍ୟକ୍ରମକୁ ଯୋଡ଼ିବା ଜାରି ରଖିଛନ୍ତି । ମନ୍ତ୍ରଣାଳୟ ସେହି ବର୍ଷ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡା ଓ ୨୦୨୩ରେ ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା ଆରମ୍ଭ କରିବା ସହିତ ୨୦୨୦ରେ ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ ଆରମ୍ଭ କରିଥିଲେ। ସମଗ୍ର ଦେଶରେ ଶତାଧିକ ଖେଲୋ ଇଣ୍ଡିଆ ରାଜ୍ୟ ଉତ୍କୃଷ୍ଟତା କେନ୍ଦ୍ର ସ୍ଥାପନ କରାଯାଇଛି । ଏହାର ଉଦ୍ଦେଶ୍ୟ ପ୍ରତିଭାଶାଳୀ ଉଦୀୟମାନ ଖେଳାଳିଙ୍କୁ ଆନୁସଙ୍ଗିକ ସୁବିଧା ପ୍ରଦାନ କରିବା ଖେଲୋ ଇଣ୍ଡିଆର ଅନେକ ଆଥଲେଟ ଅଲିମ୍ପିକ୍ସ ଦଳରେ ମଧ ସାମିଲ ହୋଇଛନ୍ତି।

# ମାଁ ଭଗବତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୋର୍ଡିକୁ ହରାଇ ଅର୍ଶାତୁଲା ବିଜୟୀ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ନିକଟ କୁରସୁଡ଼ ଗ୍ରାମର ମାଁ ଭଗବତୀ ମିନି ଷ୍ଟାଡିୟମରେ ମାଁ ଭଗବତୀ କ୍ରିକେଟ କ୍ଲବ ଜିପି ଲେଭେଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ବୋର୍ଡ଼ି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୩୬ ରନ କରିଥିବା ବେଳେ ଜବାବରେ ଅର୍ଶାତୁଲା ଦଳ ୧୨ ଓଭର ରେ ୯ ୱିକେଟ ହରାଇ ୧୩୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସଞ୍ଜୀବ ଜୈନ, ସମ୍ମାନୀୟ ଅତିଥି ଭାବେ ସାମ୍ବାଦିକ ମନୋଜ ଜୈନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଆଦିତ୍ୟ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଯୁବରାଜ ସାହୁ ଓ ଭବସାଗର ସାହୁ ଖେଳ ପରିଚାଳନା କରିଥିବାବେଳେ ସଞ୍ଜୀବ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଏଥିରେ ନରେଶ, ସୁଭ୍ରାନ୍ତ, ପ୍ରଭାସ, ନିହାର, ରିଙ୍କୁ, ଟୁନୁ, ପ୍ରସାନ୍ତ, ପିତାମ୍ବର, ବିଶ୍ୱନାଥ, ଦେବା, ରଜନୀ, ଦୁର୍ବା, ପ୍ରବୀଣ, ସଚିନ, ରାଜୁ, ତଥା ଆୟୋଜକ କମିଟିର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

# ଡୁଲୁସର ବିନୋଦ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ ବଲାଙ୍ଗୀର



**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ବ୍ଲକ ସ୍ଥିତ ଡୁଲୁସର ଖେଳ ପଡିଆରେ ଜବାହାରଲାଲ ଫୁଟବଲ ଆସୋସିଏସନ ତରଫରୁ ଅନୁଷ୍ଠିତ ବିନୋଦ ସ୍ମାରକୀ ଫୁଟବଲ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ୩-୨ ଗୋଲରେ ଜେକେୱାଇଏସ୍ କାଲସାଏପାଲିକୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ବ୍ଲକ ପୂର୍ବତନ ଅଧକ୍ଷ ଘାସିରାମ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଖେଳାଳି କୂଳମଣି ମେହେର, କ୍ରୀଡା ସଂସଦର ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ପୂର୍ବତନ ଖେଳାଳି ବିଜୟ କୁମାର ନାହାକ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସ୍ୱର୍ଗତ ବିନୋଦ କୁମୁରାଙ୍କ ବାପା ରାମ କୁମାର କୁମୁରା, ଆୟୋଜନ କମିଟିର ଅଧକ୍ଷ ଶରତ କୁମାର ନନ୍ଦ, ପୂର୍ବତନ ଖେଳାଳି ନିଶାରକାନ୍ତ ନାଗ ଓ ମୋହନ ଧରୁଆ ମଞ୍ଚାସିନ ଥିଲେ । ଖେଳକୁ ସଂଜନ କୁଦେଇ, ସଞ୍ଜୀବ ମହାରଣା, ଜଳନ୍ଧର ସାହୁ ଓ ଅବଦୁଲ ମୁଜିବ ପରିଚାଳନା କରିଥିବା ବେଳେ ଦେବରାଜ ନାହାକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ। ନବକୁମାର ବେହେରା, ଦିଲିପ ମଲ୍ଲିକ, ବିମ୍ବାଧର ମହାଲିଙ୍ଗ, ସଞ୍ଜୟ ଥନାପତି, ପିଣ୍ଟୁ କୁଅଁର, କରନ ଦଣ୍ଡସେନା, ପ୍ରଶାନ୍ତ ମହାଲିଙ୍ଗ, ରାଜେଶ୍ୱର କୁମୁରା ପ୍ରମୁଖ ସହଯୋଗ କରିଥିଲେ । ୨ ତାରିଖ ରବିବାର ଜେଏଫ୍ଏ ଡୁଲୁସର ବନାମ ସ୍ପୋର୍ଟ୍ସ ହଷ୍ଟେଲ ବଲାଙ୍ଗୀର ମଧ୍ୟରେ ଗ୍ରାଣ୍ଡ ଫାଇନାଲ ଖେଳ ହେବ ବୋଲି ଆୟୋଜନ କମିଟି ଅଧକ୍ଷ ଶରତ କୁମାର ନନ୍ଦ ସୂଚନା ଦେଇଛନ୍ତି ।

## ସାକ୍ଷ୍ୟ ପ୍ରଦାନ ପାଇଁ ଅସୁସ୍ଥଙ୍କ ଘରେ ପହଞ୍ଚିଲେ କୋର୍ଟ କର୍ମଚାରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜଣେ ସାକ୍ଷ୍ୟ ଦୀର୍ଘ ୧୨ ବର୍ଷ ଧରି ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିବାରୁ କୋର୍ଟରେ ସାକ୍ଷୀ ଦେବାକୁ ଆସିପାରୁ ନଥିଲେ । ଏହା ଜାଣିବା ପରେ ଏସଡିଜିଏମ କୋର୍ଟର ବିଚାରପତି ଶ୍ରୀମତୀ ଇରା ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କୋର୍ଟ କର୍ମଚାରୀ କମ୍ପ୍ୟୁଟର ସହ ସାକ୍ଷ୍ୟଙ୍କ ଘରେ ପହଞ୍ଚି ଭିସି ମାଧ୍ୟମରେ ସାକ୍ଷ୍ୟ ପ୍ରଦାନ କରାଇଥିଲେ । ଦୀର୍ଘ ୧୨ ବର୍ଷ ହେଲା ପୀଡିତା ନ୍ୟାୟ ନ ପାଇବାରୁ କୋର୍ଟରେ ନ୍ୟାୟ ପାଇବା ପାଇଁ ଆବେଦନ କରିବା ପରେ ବିଚାରପତି ଶ୍ରୀମତୀ ପଟ୍ଟନାୟକ ନ୍ୟାୟରେ ବିଳମ୍ବ ହେଉଥିବାରୁ ଏସଡିଜେଏମ କୋର୍ଟରେ ଚାଲିଥିବା ଜିଆର କେଶ ନଂ-୩୪୭୯/୨୦୧୨ ମାମଲାକୁ ତୁରନ୍ତ ବିଚାର କରିବା ପାଇଁ ପଦକ୍ଷେପ ନେଇଛନ୍ତି । ସାକ୍ଷ୍ୟ ଜଣକ କୁଦାନଗରୀ ଥାନା ଅନ୍ତର୍ଗତ ଅଗରବିନ୍ଧା ଗ୍ରାମର ହରେକୃଷ୍ଣ ଜେନାଙ୍କ ସ୍ତ୍ରୀ ଶ୍ରୀମତୀ ସତ୍ୟଭାମା ଜେନାଙ୍କ ଘରେ କୋର୍ଟର କର୍ମଚାରୀ ମନୋଜ କୁମାର ସ୍ୱାଇଁ, ଉତ୍ତମ ଜେନା କମ୍ପ୍ୟୁଟର ଏବଂ ଲ୍ୟାପଟପ ସହ ପହଞ୍ଚି ସାକ୍ଷୀଙ୍କୁ ଭିସି ମାଧ୍ୟମରେ ବିଚାରପତିଙ୍କ ସହ ସାକ୍ଷ୍ୟ ପ୍ରଦାନ କରାଇଥିଲେ । ମାମଲାକୁ ତୁରନ୍ତ ବିଚାର କରିବା ଉଦ୍ଦେଶ୍ୟରେ ଏହା କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଇଛି ।

# ଫେବୃୟାରୀ ୧୫ରୁ କଳିଙ୍ଗ ଷ୍ଟାଡ଼ିୟମରେ ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍

## ଭାରତୀୟ ହକି ଦଳରେ ୨ ଓଡ଼ିଆ ସାମିଲ



**ନୂଆଦିଲ୍ଲୀ**

ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍ ହକି ୨୦୨୪-୨୫ ଭୁବନେଶ୍ୱର ଲେଗ୍ ଲାଗି ହକି ଇଣ୍ଡିଆ ପକ୍ଷରୁ ୨୪ଜଣିଆ ଭାରତୀୟ ଦଳ ମନୋନୟନ କରାଯାଇଛି । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମରେ ଭାରତ ଆସନ୍ତା ଫେବୃଆରୀ ୧୫ରୁ ୨୬ ପର୍ଯ୍ୟନ୍ତ ଇଂଲଣ୍ଡ, ସ୍ପେନ, ଜର୍ମାନୀ, ନେଦରଲାଣ୍ଡ୍‌ସ, ମ୍ୟାଚ ଖେଳିବ। ସାଲିମା ଟେଟେ ଦଳର ଅଧିନାୟିକା ଓ ନବନୀତ କୌର ଉପ ଅଧିନାୟିକା ନିଯୁକ୍ତ ହୋଇଛନ୍ତି । ଦଳରେ ଗୋଲରକ୍ଷଭ ଭାବେ ବିଚୁ ଦେବୀ ଖାରିବାମ ରହିଥିବାବେଳେ ସୁଶିଳା ଚାନୁ ପୁଖାରବାମ, ନିକ୍କି ପ୍ରଧାନ, ଉଦିତା, ଜ୍ୟୋତି, ଇସିକା ଚୌଧୁରୀ ଓ ଜ୍ୟୋତି ଛେତ୍ରୀ ଡିଫେଣ୍ଡର ଭାବେ ଦଳରେ ସ୍ଥାନ ପାଇଛନ୍ତି । ମିଡ୍‌ଫିଲଡରରେ ବୈଷ୍ଣବୀ ବିଥାଲ ପାଖଲେ, ନେହା, ମନୀଷା ଚୌହ୍ୱାନ, ସାଲିମା ଟେଟେ, ସୁନେଲିତା ଟପ୍ପୋ, ଲାଲରିମସିଆମି, ବଲଜିତ କୌର ଓ ଶର୍ମିଳା ଦେବୀ ରହିଛନ୍ତି । ଫରୱାର୍ଡ ବିଭାଗରେ ନବନୀତ କୌର, ମୁମତାଜ ଖାନ, ପ୍ରୀତି ଦୁବେ, ଋତୁଜା ଦାଦାସୋ ପିସାଲ, ବିୟୁଟି ଡୁଙ୍ଗଡୁଙ୍ଗ, ସଙ୍ଗୀତା କୁମାରୀ, ଦୀପିକା ଓ ବନ୍ଦନା କଟାରିୟା ରହିଛନ୍ତି। ଦଳରେ ଓଡ଼ିଶାରୁ ଦୁଇ ଖେଳାଳି ସୁନେଲିତା ଟପ୍ପୋ ଓ ଜ୍ୟୋତି ଛେତ୍ରୀ ରହିଛନ୍ତି । ୨୪ଜଣିଆ ଦଳ ପ୍ରଥମ ୪ଟି ମ୍ୟାଚ୍ ଲାଗି ମନୋନୀତ ହୋଇଛନ୍ତି । ଏହା ପରେ ଦଳରେ ମଧ ପରିବର୍ତ୍ତନ କରାଯାଇପାରେ ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି । ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ କହିଛନ୍ତି ଯେ, ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ଲାଗି ମନୋନୀତ ଦଳରେ ଯୁବ ଓ ବରିଷ୍ଠ ଖେଳାଳି ରହିଛନ୍ତି । ଦଳ ଭୁବନେଶ୍ୱରରେ ଖେଳିବାକୁ ଥିବା ୮ଟି ମ୍ୟାଚରେ ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ ବୋଲି ହରେନ୍ଦ୍ର କହିଛନ୍ତି । ଭାରତ ଫେବୃଆରୀ ୧୫ରେ କଳିଙ୍ଗ ଷ୍ଟାଡ଼ିୟମରେ ଇଂଲଣ୍ଡ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

ଭାରତୀୟ ମହିଳା ହକି ଦଳ: ସବିତା ଓ ବିଚ୍ଛୁଦେବୀ ଖାରିବାମ୍ (ଉଭୟେ ଗୋଲରକ୍ଷକ), ସୁଶୀଳା ଚାନୁ ପୁଖାରବାମ, ନିକି ପ୍ରଧାନ, ଉଦିତା, ଜ୍ୟୋତି, ଇସିକା ଚୌଧୁରୀ, ଜ୍ୟୋତି ଛେତ୍ରୀ (ସମସ୍ତେ ଡିଫେଣ୍ଡର) ବୈଷ୍ଣବୀ ବିଥାଲ ପାଖଲେ, ନେହା, ମନୀଷା ଚୌହ୍ୱାନ, ସାଲିମା ଟେଟେ (ଅଧିନାୟିକା), ସୁନେଲିତା ଟପ୍ପୋ, ଲାଲରେମ୍‌ସିଆମି, ବଲଜିତ କୌର, ଶର୍ମିଳା ଦେବୀ (ସମସ୍ତେ ମିଡ୍‌ଫିଲ୍ଡର), ନବନୀତ କୌର, ମୁମତାଜ ଖାଁ, ପ୍ରୀତି ଦୁବେ, ଋତୁଜା ଦାଦାସୋ ପିସାଲ, ବିୟୁଟି ଡୁଙ୍ଗଡୁଙ୍ଗ, ସଙ୍ଗୀତା କୁମାରୀ, ଦୀପିକା, ବନ୍ଦନା କାଟାରିୟା (ସମସ୍ତେ ଫରୱାର୍ଡ)।

# ମେକ୍ ଇନ୍ ଓଡ଼ିଶାକୁ ସଫଳ କରିବା ପାଇଁ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ପ୍ରତିଶ୍ରୁତିବଦ୍ଧ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡିକ ଓଡ଼ିଶାର ଆର୍ଥିକ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ରାଜ୍ୟର ବିଦ୍ୟୁତ୍ ବଣ୍ଟନ କାର୍ଯ୍ୟକୁ ରୂପାନ୍ତରିତ କରିବା ପାଇଁ ୭୦୦୦ରୁ ଅଧିକ ସ୍ଥାନୀୟ ଠିକାଦାର ଏବଂ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରୁଛନ୍ତି । ଏହି ଚୁକ୍ତିନାମାଗୁଡ଼ିକ ଓଡ଼ିଶାର ଦ୍ରୁତ ଶିଳ୍ପାୟନ, ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ରାଜ୍ୟବ୍ୟାପୀ ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ସେମାନେ ସେମାନଙ୍କ ସଂସ୍ଥାରେ ମଧ ଶହ ଶହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି । ଓଡ଼ିଶା ଡିସକମ୍ - ଟିପି ସେଣ୍ଟ୍ରାଲ୍, ଟିପି ସଦର୍ନ, ଟିପି ନର୍ଦନ ଏବଂ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ୭,୦୦୦ ସ୍ଥାନୀୟ ଭେଣ୍ଡର ଏବଂ ଯୋଗାଣକାରୀଙ୍କ ସହ ସହଯୋଗିତା ସ୍ଥାପନ କରି ଦୈନନ୍ଦିନ କାର୍ଯ୍ୟ ଏବଂ ସେବା ସୁନିଶ୍ଚିତ କରୁଛନ୍ତି । ଏହି ସହଯୋଗିତା ମଧ୍ୟରୁ ଅନେକ ଟାଟା ପାୱାରର ଉତ୍କର୍ଷ ଓଡ଼ିଶା ପ୍ରତି ଯୋଗଦାନକୁ ସିଧାସଳଖ ସମର୍ଥନ କରିବା ସହିତ, ସ୍ଥାନୀୟ ଭେଣ୍ଡର ମାନଙ୍କୁ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ନିଯୁକ୍ତି ଦେବା ପାଇଁ ଉତ୍ସାହିତ କରୁଛି । ଏହି ସ୍ଥାନୀୟ ଭେଣ୍ଡର ମାନଙ୍କଠାରୁ ପ୍ରାପ୍ତ ସାମଗ୍ରୀ ମଧ ନିକଟରେ ହୋଇଥିବା ଦାନା ବାତ୍ୟା ସମୟରେ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କରିବାରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ଘୂର୍ଣ୍ଣିଝଡ଼ ଦାନା ସମୟରେ ସ୍ଥାନୀୟ ଭେଣ୍ଡର ମାନଙ୍କଠାରୁ ପ୍ରାପ୍ତ ସାମଗ୍ରୀ ସମସ୍ତ ପ୍ରଭାବିତ ଅଞ୍ଚଳରେ ୪୮ରୁ ୭୨ ଘଣ୍ଟାର ରେକର୍ଡ ସମୟ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ପୁନରୁଦ୍ଧାର ହୋଇପାରିଥିଲା। ଏହି ଭେଣ୍ଡରମାନେ ବିଦ୍ୟୁତ ଖୁଣ୍ଟ ନିର୍ମାଣ, ମିଟର ରିଡିଂ, ବିଲିଂ, ବିଲ ସଂଗ୍ରହ, ନେଟୱାର୍କ ରକ୍ଷଣାବେକ୍ଷଣ, କଲ୍ ସେଣ୍ଟର ପରିଚାଳନା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା' ଲକ୍ଷ୍ୟ ସହିତ ସମନ୍ୱୟ ରକ୍ଷାକରି, ସ୍ଥାନୀୟ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି । ସ୍ଥାନୀୟ ଅଞ୍ଚଳରୁ ସାମଗ୍ରୀ ସଂଗ୍ରହ କରି ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକ ସହିତ ସହଯୋଗିତାକୁ ପ୍ରୋତ୍ସାହିତ କରି, ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍ ଗୁଡିକ ସ୍ଥାନୀୟ ଅର୍ଥନୀତିକୁ ସମର୍ଥନ କରିବା ସହିତ ସେମାନେ ସେବା ଯୋଗାଉଥିବା ଅଞ୍ଚଳର ଦୀର୍ଘସ୍ଥାୟୀତ୍ୱ ଏବଂ ସମୃଦ୍ଧି ସୁନିଶ୍ଚିତ କରୁଛନ୍ତି । ଦୃଢ଼ ବଣ୍ଟନ ନେଟୱାର୍କ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିଛି । ରାଜ୍ୟର ଗ୍ରାମାଞ୍ଚଳରେ ୨୧ ଘଣ୍ଟା ଏବଂ ସହରାଞ୍ଚଳରେ ୨୩ ଘଣ୍ଟାର ବିଦ୍ୟୁତ ଯୋଗାଣ ଯାହାକି ଜାତୀୟ ହାର ତୁଳନାରେ ଉନ୍ନତ ଏବଂ ଏହି ପଦକ୍ଷେପ ଯୋଗୁଁ ୧୦ ଲକ୍ଷରୁ ଅଧିକ ନୂତନ ସଂଯୋଗ ସମ୍ଭବ ହୋଇପାରିଛି, ଯେଉଁଥିରେ ଅନେକ ଶିଳ୍ପ କ୍ଷେତ୍ର ମଧ ଅନ୍ତର୍ଭୁକ୍ତ।

# ରିମା ଓ ମହିଳା ରଗ୍‌ବି ଦଳ ଦେଲେ ସ୍ୱର୍ଣ୍ଣ: ପ୍ରତ୍ୟାଶା, ସ୍ୱସ୍ତି, ରିୟାଙ୍କୁ କାଂସ୍ୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡାରେ ଓଡ଼ିଶା ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି । ଶୁକ୍ରବାର ଓଡ଼ିଶା ଖେଳାଳି ୨ ସ୍ୱର୍ଣ୍ଣ ଓ ୪ କାଂସ୍ୟ ସହ ମୋଟ ୫ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଫଳରେ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୯ (୩ ସ୍ୱର୍ଣ୍ଣ, ୬ କାଂସ୍ୟ)ରେ ପହଞ୍ଚିଛି।

ଶୁକ୍ରବାର ସ୍ୱର୍ଣ୍ଣ ଦୁଇଟି ମହିଳା ଭାରୋତ୍ତୋଳନ ଓ ରଗ୍‌ବିରୁ ଆସିଛି। ୪୫ କେଜି ଭାରୋତ୍ତୋଳନରେ ରିମା ଭୋଇ ୮୪ କେଜି ସ୍ନାଚ୍ ଏବଂ ୧୦୫ କେଜି କ୍ଲିନ୍ ଓ ଜର୍କ ସହ ମୋଟ ୧୮୯ କେଜି ଉଠାଇ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଥିଲେ। ଏହା ଓଡ଼ିଶାର ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହରିୟାଣାର ସ୍ନେହା ୧୮୭ କେଜି (୮୩ କେଜି ସ୍ନାଚ୍ ଏବଂ ୧୦୪ କେଜି କ୍ଲିନ୍ ଓ ଜର୍କ) ରୌପ୍ୟ ଏବଂ ଅରୁଣାଚଳପ୍ରଦେଶର ବଲୋ ୟାଲାମ ୧୮୫ କେଜି (୮୧ କେଜି ସ୍ନାଚ୍ ଏବଂ ୧୦୪ କେଜି କ୍ଲିନ୍ ଓ ଜର୍କ) କାଂସ୍ୟ ପାଇଥିଲେ। ୫୫ କେଜି ମହିଳାରେ ମୀନା ସାନ୍ତା (ଏ) ୧୮୧ କେଜି ଉଠାଇ ଚତୁର୍ଥ ଏବଂ ସ୍ନେହା ସୋରେନ (୧୮୦ କେଜି) ପଞ୍ଚମ ସ୍ଥାନରେ ରହିଥିଲେ। ମୀନା କେବଳ ଗୋଟିଏ କେଜି ପାଇଁ କାଂସ୍ୟରୁ ବଞ୍ଚିତ ହୋଇଥିଲେ। ଏହି ପ୍ରଦର୍ଶନ ଲାଗି ଖେଳାଳିମାନଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଂଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।



ମହିଳା ରଗ୍‌ବି ଫାଇନାଲ୍‌ରେ ଓଡ଼ିଶା ୨୯-୫ରେ ବିହାରକୁ ହରାଇଥିଲା। ଏହା ପୂର୍ବରୁ ସେମିଫାଇନାଲ୍‌ରେ ଓଡ଼ିଶା ୩୧-୫ରେ ମହାରାଷ୍ଟ୍ରକୁ ହରାଇଥିଲା। ବିଜେତା ଓଡ଼ିଶା ଦଳରେ କବିତା ପଡ଼ିହାରୀ, ଆରତୀ ମୁର୍ମୁ, ପୁଷ୍ପାଞ୍ଜଳି ଭୋଇ, ପାର୍ବତୀ ହାଁସ୍‌ଦା, ଡୁମୁନି ମାର୍ଣ୍ଡି, ହୁପି ମାଝୀ, ନିର୍ମାଲ୍ୟ ରାଉତ, ସୁନିତା ହାଁସ୍‌ଦା, ସନ୍ଧ୍ୟାରାଣୀ ଟୁଡୁ, ପାର୍ବତୀ କିସ୍କୁ, ମାମା ନାୟକ, ତିଳୋତମା ସାହୁ ଥିଲେ। ତେବେ ପୁରୁଷ ଦଳ ସେମିଫାଇନାଲ୍‌ରେ ମହାରାଷ୍ଟ୍ରଠୁ ୭-୧୨ରେ ହାରି ସ୍ୱର୍ଣ୍ଣ ଲଢେଇରୁ ବାଦ୍ ପଡ଼ିଥିଲା, ହେଲେ କାଂସ୍ୟ ମୁକାବିଲାରେ ୨୬-୧୦ରେ ପଶ୍ଚିମବଙ୍ଗକୁ ହରାଇ ପଦକ ନିଶ୍ଚିତ କରିଥିଲା।

ସନ୍ତରଣରେ ପ୍ରତ୍ୟାଶା ରାୟ, ସାଇକ୍ଲିଂରେ ସ୍ୱସ୍ତି ସିଂହ ଏବଂ ଉଶୁରେ ରିୟା ଠାକୁର କାଂସ୍ୟ ପଦକ ଜିତିଛନ୍ତି। ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା (୨:୨୭.୭୫) ତୃତୀୟ ସ୍ଥାନରେ ରହିଥିଲା ବେଳେ ପଶ୍ଚିମବଙ୍ଗର ସେବିତ୍ରୀ ମଣ୍ଡଳ (୨:୨୪.୪୧) ସ୍ୱର୍ଣ୍ଣ ଏବଂ ମହାରାଷ୍ଟ୍ରର ପ୍ରତିଷ୍ଠା ଡାଙ୍ଗି (୨:୨୬.୭୩) ରୌପ୍ୟ ପାଇଥିଲେ। ସାଇକ୍ଲିଂର ୬୦ କିଲୋମିଟର ରୋଡ୍ ମାସ୍ ଷ୍ଟାର୍ଟ ଇଭେଣ୍ଟ୍‌ରେ ସ୍ୱସ୍ତି (୧:୪୫:୧୦.୭୬୯) ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କ ଆଗରେ ଗୁଜରାଟର ମୁସ୍କାନ ଗୁପ୍ତା (୧:୪୫:୧୦.୫୧୨) ଏବଂ ମହାରାଷ୍ଟ୍ରର ପୂଜା ବାବନ ଡାନୋଲେ (୧:୪୫:୧୦.୫୯୦) ରହି ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ କରାୟତ୍ତ କରିଥିଲେ।

# ଚୌଦ୍ୱାର ପୌରାଞ୍ଚଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ




**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୯ ନମ୍ବର ୱାର୍ଡରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୭୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ୪ଟି ପେବରବ୍ଲକ ରାସ୍ତା ଓ ୨ଟି ଦୀର୍ଘ ନାଳ ଉପରେ ସ୍ଲାବ ବିଛାଇବା କାର୍ଯ୍ୟର ଶିଳାନ୍ୟାସ କରାଯାଇଛି । ରାଜ୍ୟ ପୌର ପରିଷଦ ମହାସଂଘର ସାଂଗଠନିକ ସଂପାଦକ ତଥା ପୌରଉପାଧକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କାଉନସିଲର ସୁବ୍ରତ ସାମଲ,ଆଶୁତୋଷ ଦାସ, ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା,ବିରାଟ ବଜାର ପୁଜା କମିଟି ସଭାପତି ପ୍ରଶାନ୍ତ ବରାଳ,ବରିଷ୍ଠ ନାଗରିକ କ୍ଲବର ସଭାପତି ପ୍ରତାପ କିଶୋର ସାମଲ,ସଂପାଦକ ସୁଶାନ୍ତ ସାହୁ,ହାଉସିଂବୋର୍ଡ ୱେଲଫେୟାର ଆସୋସିଏସନର ସଂପାଦକ ନାରାୟଣ ସାହୁ,ଅଜୟ ସ୍ୱାଇଁ,ପ୍ରଶାନ୍ତ ସାହୁ,କେଦାରେଶ୍ୱର ସଭାପତି ରଞ୍ଜନ କୁମାର ବାରିକ,ଦୁଖିଶ୍ୟାମ ଶତପଥି, ରଞ୍ଜିତ ପଣ୍ଡା, ଯୁବନେତା ଧିରେନ ବସ୍ତିଆ,ସୁଶାନ୍ତ ବାରିକ,ପ୍ରକାଶ ନାୟକ, ବିଚିତ୍ରାନନ୍ଦ ନାୟକ, ଏମ ପୁଷ୍ପାଞ୍ଜଳି, ସରୋଜିନୀ ନାୟକ, ବାପି ଦାସ,ବିକାଶ ଦାସ,ରିଙ୍କୁ ପାଣିଗ୍ରାହୀ,ବରିଷ୍ଠ ଶିକ୍ଷକ ଅକ୍ଷୟ ମିଶ୍ର,ଦେବରାଜ ମିଶ୍ର,ବିଜୟ କେତନ ସ୍ୱାଇଁ, ରବିନ୍ଦ୍ର ବାରିକ, ଦିଲ୍ଲୀପ ତ୍ରିପାଠୀ, ରାଜନ ନାମ୍ବିଆର, ବନା ମହାନ୍ତି, ସୁବାଷ ପ୍ରଧାନ,ସଚ୍ଚି ମହାନ୍ତି,ବିରଜା ଦାସ,ସନ୍ତୋଷ ସାହୁ,ସନିଆ ମହାନ୍ତି,ମନୋଜ ଦାସ,ପି.କେ.ଜେନା,ଅବଦୁଲ ସରିଫ୍, ପୂର୍ଣ୍ଣଚନ୍ଦ୍ର ସେଠୀ, ପି.କେ.ଭୁୟାଁ, ବୀରବର ବେହେରା ପ୍ରମୁଖ ଶତାଧିକ ମହିଳା, ଯୁବ ଛାତ୍ର, କର୍ମୀ ଯୋଗଦେଇଥିଲେ । ବୀଣାପାଣି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସିନ୍ଧେକେଲା ବିରାଟ ଧନୁଯାତ୍ରାର ପଞ୍ଚମ ଦିବସ
## ମହାରାଜ କଂସ ଚିନ୍ତିତ ହୋଇ ଅକ୍ରୁରଙ୍କୁ ଗୋପକୁ ପ୍ରେରଣା

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ମାଁ ଦ୍ୱାରସେନ୍ନି ମନ୍ଦିର ସମ୍ମୁଖ ପଲ୍ଲୀ ଶ୍ରୀ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଜିଲ୍ଲାର ପ୍ରସିଦ୍ଧ ସିନ୍ଧେକେଲା ଏକାଦଶ ତମ ବିରାଟ ଧନୁଯାତ୍ରା ପଞ୍ଚମ ଦିନରେ ରାଜ ଦରବାରରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଅଧକ୍ଷା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନିରୁପମା ମାଝି, ସମ୍ମାନିତ ଅତିଥି ଭାବରେ ବିଜେଡ଼ି ମହିଳା ମୋର୍ଚ୍ଚା ଜିଲ୍ଲା ଉପ ସଭାପତି ପିଙ୍କି ଖରସେଲ, ଚନ୍ଦୋତରା ସମିତି ସଭ୍ୟ ପ୍ରତିନିଧି ଘାସିରାମ ସାହୁ ପ୍ରମୁଖ ଯୋଗଦେଇ ଅଞ୍ଚଳର କଳା ସାହିତ୍ୟ, ସଂସ୍କୃତି, ଅଞ୍ଚଳର ବିକାଶ ଉପରେ ମତବ୍ୟକ୍ତ ରଖିଥିଲେ । ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ ପାଇଁ ପଦ୍ମଶ୍ରୀ ଖଟେଇ ଏବଂ ଗ୍ରୁପ କଳାନିଧି ବରଗଡ଼ ନୃତ୍ୟ ଦର୍ଶକଙ୍କ ମନକୁ ମୁଗ୍ଧ କରିଥିଲା । ଅନୁଷ୍ଠାନର ବରିଷ୍ଠ କଳାକାର ମାନଙ୍କ ଦ୍ୱାରା ନିଖୁଣ ଅଭିନୟ ହଜାର ହଜାର ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଧନୁଯାତ୍ରା ପାଇଁ ସ୍ଥାନୀୟ ହାଇସ୍କୁଲ ଖେଳ ପଡ଼ିଆ ପାଲଟିଛି ମଥୁରା ନଗରୀ ଓ ଗାୟତ୍ରୀ ପଡା ପାଲଟିଛି ଗୋପପୁର।

**OFFICE OF THE SORO MUNICIPALITY , SORO, BALASORE.**

C-1569

**Quotation Call Notice.**

No. 375, Date: 31/01/2025

Sealed Quotations are invited from the interested reputed / registered Transport / agency / Suppliers/ service providers/ private individual / firms for supply of 01 ( one) no. of commercial vehicle AC petrol/diesel Bolero with seating capacity of 7 including driver to the municipality for Official use. The DTCN with details terms and condition can be obtained from the office of the under signed on payment of Rs. 2000/- ( Rupees Two Thousand ) only as quotation paper cost in cash ( non- refundable) from dt. 03.02.2025 to 13.02.2025 within office hour. Bids with all relevant documents shall reach to the office of Soro Municipality till 14.02.2025 at 01 PM, which will be opened. on the same day at 3 PM in the presence of the bidders or their authorized representatives. The quotations received beyond the scheduled date time as indicated above due to postal delay or for any other reasons shall not be entertained. Further details and necessary documents can be seen/down loaded from website www.balasore.odisha.gov.in

Eligibility Criteria:

**The Quotationer must produce the following documents for their eligibility as mentioned below.**

1. The vehicle shall be in good condition and shall not be older than One year.
2. The owner of the vehicle should have valid MV documents such as valid Registration Certificate , Insurance Certificate, fitness Certificate and drivers valid driving license etc.

**The authority reserves the right to accept or reject any or all the tenders without assigning any reason thereof.**

Executive Officer
Soro Municipality

OIPR : 13166/11/0008/2425



# ଲାୟନ୍ସ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତକାର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶନିବାର ସକାଳେ ଓଡ଼ିଶାର ସର୍ବପୁରାତନ ଏବଂ ସର୍ବବୃହତ୍ ଲାୟନ୍ସ କ୍ଲବ, ଭୁବନେଶ୍ୱର ତରଫରୁ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ଲାୟନ୍ସ କ୍ଲବ ଟ୍ରଷ୍ଟ ବୋର୍ଡ଼ର ଅଧ୍ୟକ୍ଷ ଲାୟନ ଅଶୋକ ଅଗ୍ରୱାଲଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧିମାନେ କ୍ଲବ ଆନୁକୂଲ୍ୟରେ ପରିଚାଳିତ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟର ଅଗ୍ରଗତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଗରୀବ ଓ ସମାଜର ନିମ୍ନବର୍ଗର ଲୋକମାନଙ୍କୁ ମାଗଣାରେ ଚକ୍ଷୁ ସେବା ଯୋଗାଉଥିବାରୁ ଶ୍ରୀଯୁକ୍ତ ମାଝୀ କ୍ଲବର ସଭ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ଏହି ଚକ୍ଷୁ ଚିକିତ୍ସାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ସାକ୍ଷାତ୍ ଆଲୋଚନା ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ତରଫରୁ ଚକ୍ଷୁ ଚିକିତ୍ସାଳୟର ଉନ୍ନତି ଏବଂ ଆଧୁନିକକରଣ କରିବା ନିମନ୍ତେ ଯଥାସମ୍ଭବ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଲାୟନ୍ସ କ୍ଲବ ତରଫରୁ ଚକ୍ଷୁ ଚିକିତ୍ସାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଧିରେନ କୁମାର ଧଳ, କ୍ଲବ ସଭାପତି ଡକ୍ଟର ବିପିନ ବହାରୀ ମିଶ୍ର, ଉପଦେଷ୍ଟା କିଶୋର ଚନ୍ଦ୍ର ସାହୁ, ସମ୍ପାଦକ ଇଂ ଅଶ୍ୱିନୀ କୁମାର ସେନାପତି, ଆଞ୍ଚଳିକ ଅଧ୍ୟକ୍ଷ ତପନ କୁମାର ହରିଚନ୍ଦନ ଏବଂ ବରିଷ୍ଠ ସଭ୍ୟ ରାମପ୍ରସାଦ ପାତ୍ର ଏହି ସାକ୍ଷାତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଅଧିନିୟମ ସମ୍ପର୍କରେ ସ୍ପଷ୍ଟି କାରଣ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତ ୨୦୨୩ ଜୁନ ମାସ ୨୮ ତାରିଖରୁ କାର୍ଯ୍ୟକାରି ହେଉଥିବା ଓଡିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଅଧିନିୟମ ୨୦୨୩ ( ୨୦୨୩ ଓଡିଶା ଅଧିନିୟମ ୭ ) ସମ୍ପର୍କରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଏକ ସ୍ପଷ୍ଟୀକରଣ ପ୍ରକାଶ ପାଇଛି । ବର୍ତ୍ତମାନର ଅଧିନିୟମ ସତ୍ତ୍ୱେ ଯେଉଁ ସବୁ ଆପାର୍ଟମେଣ୍ଟ ଗୁଡିକ ୨୦୧୭ ଫେବୃଆରୀ ୨୫ ପୂର୍ବରୁ ସମ୍ପୂର୍ଣ ହୋଇଛି ସେହି ସବୁ ଆପାର୍ଟମେଣ୍ଟ ଗୁଡିକ ଓଡିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଅଧିନିୟମ ସତ୍ତ୍ୱେ ପଞ୍ଜିକରଣ ( ରେଜିଷ୍ଟ୍ରେସନ ) କରାଯାଇପାରିବ , ଏ ନେଇ ଗୃହ ଓ ନଗର ଉନୟନ ବିଭାଗ ତରଫରୁ ରାଜ୍ୟ ରାଜସ୍ୱ ଓ ବିପର୍ଜୟ ପରିଚାଳନା ବିଭାଗକୁ ଅନୁରୋଧ କରାଯାଇଛି । ଏ ନେଇ ଆଜି ଗୃହ ଓ ନଗର ଉନୟନ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅପିଲ ଫଇସଲା କରିବାକୁ ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ଦାଇତ୍ୱ ଦିଆଯାଇଛି। ବିଡିଏ ଏବଂ ବିଏମସିରେ ଓଡିଶା ଡେଭେଲପମେଣ୍ଟ ଅଥରିଟି ୧୯୮୨ କାର୍ଯ୍ୟ କାରିତା ନେଇ ବିଭିନ୍ନ ସମୟରେ ଜାରି କରାଯାଇଥିବା ଆଦେଶନାମା ବିରୁଦ୍ଧରେ ପଡିରହିଥିବା ଅପିଲ ଗୁଡିକର ତୁରନ୍ତ ଫଇସଲା କରିବାକୁ ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ଦାଇତ୍ୱ ଦିଆଯାଇଛି । ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଡି ରହିଥିବା ପ୍ରାୟ ୭୦୦ରୁ ଅଧିକ ଅପିଲ ମାମଲାର ଯଥାଶୀଘ୍ର ଫଇସଲା ଉଏବ ଜରୁରୀ । ଦାଇତ୍ୱ ପ୍ରଦାନ କରାଯାଇଥିବା ଅଧିକାରୀ ମାନେ ଯଥାଶୀଘ୍ର ପଡି ରହିଥିା ଅପିଲ ମାମଲା ଗୁଡିକୁ ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧ ଲକ୍ଷ କୋଟି ଟଙ୍କାର ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି । ସହରଗୁଡ଼ିକୁ ବିକାଶର କେନ୍ଦ୍ର ଭାବରେ ପରିଣତ କରିବା, ସହରଗୁଡ଼ିକର ସୃଜନଶୀଳ ପୁନଃବିକାଶ ଏବଂ ଜଳ ଏବଂ ପରିମଳ ଉଦ୍ଦେଶ୍ୟ ପାଇଁ ଲକ୍ଷ୍ୟ ରଖାଯାଇଛି। ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ବ୍ୟାଙ୍କଯୋଗ୍ୟ ପ୍ରକଳ୍ପଗୁଡ଼ିକର ମୂଲ୍ୟର ୨୫ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରିବ, ଏହି ସର୍ତ୍ତ ଅନୁଯାୟୀ ଖର୍ଚ୍ଚର ଅତି କମରେ ୫୦ ପ୍ରତିଶତ ବଣ୍ଡ, ବ୍ୟାଙ୍କ ଋଣ ଏବଂ ପିପିପିରୁ ପାଣ୍ଠି ଯୋଗାଇ ଦିଆଯିବ ଏବଂ ୨୦୨୫-୨୬ରେ ୧୦୦୦୦ କୋଟି ଟଙ୍କାର ଆବଣ୍ଟନ ପ୍ରସ୍ତାବିତ। ସହରାଞ୍ଚଳ କ୍ଷେତ୍ର ସଂସ୍କାର । ଶାସନ ପୌର ସେବା, ସହରାଞ୍ଚଳ ଜମି ଏବଂ ଯୋଜନା ସହିତ ଜଡିତ ସହରାଞ୍ଚଳ କ୍ଷେତ୍ର ସଂସ୍କାରକୁ ପ୍ରୋତ୍ସାହିତ କରାଯିବ। ସହରାଞ୍ଚଳ ଜୀବିକାକୁ ସୁଦୃଢ଼ କରିବା। ସହରାଞ୍ଚଳ ଶ୍ରମିକଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ଏକ ଯୋଜନା କାର୍ଯ୍ୟକାରୀ କରାଯିବ ଯାହା ଦ୍ୱାରା ସେମାନଙ୍କର ଆୟ ବୃଦ୍ଧି ପାଇ ସ୍ଥାୟୀ ଜୀବିକା ଏବଂ ଉନ୍ନତ ଗୁଣବତ୍ତା ଜୀବନଯାପନ ହୋଇପାରିବ। ଏହି ଯୋଜନାକୁ ବ୍ୟାଙ୍କରୁ ବର୍ଦ୍ଧିତ ଋଣ, ୩୦,୦୦୦ ଟଙ୍କା ସହିତ ୟୁପିଆଇ ଲିଙ୍କ୍ଡ କ୍ରେଡିଟ୍ କାର୍ଡ ସହିତ ପୁନଃନିର୍ମାଣ କରାଯିବ ସୀମା ଏବଂ କ୍ଷମତା ନିର୍ମାଣ ସହାୟତା।

## ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୪

# ଉତ୍ସର୍ଗୀକୃତ ସେବା ଓ କାର୍ଯ୍ୟ ଦକ୍ଷତା ପାଇଁ ରେଳପଥ ପକ୍ଷରୁ କର୍ମଚାରୀଙ୍କୁ ବିଶିଷ୍ଟ ରେଳ ସେବା ପୁରସ୍କାର




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ପକ୍ଷରୁ ଶନିବାର ଭୁବନେଶ୍ୱରର ରେଳ ଅଡିଟୋରିୟମ ଠାରେ ବିଶିଷ୍ଟ ରେଳ ସେବା ପୁରସ୍କର-୨୦୨୪ ମହୋତ୍ସବ ପାଳନ କରି ଏହାର କର୍ମଚାରୀଙ୍କ ଅତୁଳନୀୟ ସେବା ତଥା ଉତ୍ସର୍ଗୀକୃତତାକୁ ସମ୍ମାନିତ କରିଛି। ଏହି କାର୍ଯ୍ୟକ୍ରମରେ ମୋଟ ୪୯ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇ ସ୍ୱୀକୃତି ଦିଆଯିବା ସହିତ ବିଭିନ୍ନ ରେଳ ମଣ୍ଡଳ ଏବଂ ରେଳ ୟୁନିଟ ଗୁଡିକର କାର୍ଯ୍ୟ ଦକ୍ଷତା ପାଇଁ ବିଭିନ୍ନ ଦକ୍ଷତା ସିଲ୍ଡ ପ୍ରଦାନ କରାଯାଇଅଛି । ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୪ ସମାରୋହର ମୁଖ୍ୟ ଆକର୍ଷଣ। ୪୯ ରେଳ କର୍ମଚାରୀଙ୍କୁ ସ୍ୱୀକୃତି ପ୍ରଦାନ : କାର୍ଯ୍ୟ କ୍ଷେତ୍ରରେ ନିରନ୍ତର ନିଷ୍ଠା ଏବଂ ପରିଶ୍ରମର ସ୍ୱୀକୃତି ପାଇଁ ୪୯ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନଜନକ ବିଶିଷ୍ଟ ରେଳ ସେବା ପୁରସ୍କର - ୨୦୨୪ କରାଯାଇଅଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ବିଶେଷ ପୁରସ୍କାର ରେଳପଥର ଲକ୍ଷ୍ୟ ପୂରଣ କରିବାରେ ସେମାନଙ୍କର ନିରନ୍ତର ଉଦ୍ୟମକୁ ସ୍ୱୀକାର କରିଛି । ସମ୍ବଲପୁର ରେଳ ମଣ୍ଡଳକୁ ସାମଗ୍ରିକ ଦକ୍ଷତା ସିଲ୍ଡ ପୁରସ୍କାର : ଏକ ମହତ୍ୱପୂର୍ଣ୍ଣ ସଫଳତାରେ, ସମ୍ବଲପୁର ରେଳ ମଣ୍ଡଳକୁ ଉଚ୍ଚମାନର କାର୍ଯ୍ୟ ଏବଂ ସେବା ବଜାୟ ରଖିବାରେ ଏହାର ଆଦର୍ଶ ପ୍ରଦର୍ଶନକୁ ସ୍ୱୀକୃତି ଦିଆଯାଇ ସାମଗ୍ରିକ ଦକ୍ଷତା ସିଲ୍ଡ ଦ୍ୱାରା ସମ୍ମାନିତ କରାଯାଇଅଛି । ଶ୍ରେଷ୍ଠ କ୍ଲିନ୍ (ସଫାଇ) ଷ୍ଟେସନ୍ ସିଲ୍ଡସ୍: ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅଧୀନରେ ଥିବା ପୁରୀ ଏବଂ ହରିଦାସପୁର ଷ୍ଟେସନକୁ ସେମାନଙ୍କର ଉଲ୍ଲେଖନୀୟ ପରିଷ୍କାର ପରିଚ୍ଛନ୍ନତା ପାଇଁ ମାନ୍ୟତା ଦିଆଯାଇ ପୁରୀ ଷ୍ଟେସନକୁ ବଡ଼ ଷ୍ଟେସନ୍ ସ୍ୱଚ୍ଛତା ସିଲ୍ଡ ଏବଂ ହରିଦାସପୁର ଷ୍ଟେସନକୁ ଛୋଟ ଷ୍ଟେସନ ସ୍ୱଚ୍ଛତା ସିଲ୍ଡ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଅଛି । ଏହି ଉତ୍ସବରେ ରେଳବାଇ କର୍ମଚାରୀ ମାନଙ୍କୁ ଉଦବୋଧନ ଦେଇ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ରେଳ କର୍ମଚାରୀଙ୍କୁ ସେମାନଙ୍କର ଅତୁଳନୀୟ ପ୍ରତିବଦ୍ଧତା ଏବଂ ସେମାନଙ୍କ ଦାୟିତ୍ୱ ପୂରଣ କରିବାରେ ଅତୁଳନୀୟ ଉଦ୍ୟମ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଦଳଗତ କାର୍ଯ୍ୟର ଗୁରୁତ୍ୱ ଉପରେ ଶ୍ରୀ ଫୁଙ୍କୱାଲ ଗୁରୁତ୍ୱାରୋପ କରିଥିଲେ ଏବଂ କାର୍ଯ୍ୟକ୍ଷମତା ହାସଲ କରିବାରେ ନିରନ୍ତର ଉତ୍ସର୍ଗୀକୃତ ରହିବାକୁ କର୍ମଚାରୀ ମାନଙ୍କୁ ଉପଦେଶ ଦେଇଥିଲେ । ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୪ ସମାରୋହରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ର ସଭାପତି ଶ୍ରୀମତୀ କବିତା ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ମହେଶ କୁମାର ବେହେରା, ସମସ୍ତ ବିଭାଗୀୟ ପ୍ରମୁଖ ଓ ବରିଷ୍ଠ ଅଧିକାରୀ ଓ ସମସ୍ତ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଯୋଗ ଦେଇଥିଲେ । ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ବି.କେ.ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପୁରସ୍କାରର ମହତ୍ତ୍ୱ ଉପରେ ଆଲୋକପାତ କରିଥିବା ବେଳେ ଉପ ମହାପ୍ରବନ୍ଧକ ଶ୍ରୀ କେ.କେ.ଖାଡ଼ଙ୍ଗା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ରେଳ ସେବା ପୁରସ୍କର -୨୦୨୪ ସମାରୋହରେ ପୂର୍ବତଟ ରେଳପଥର ଲୁକ୍କାୟିତ ପ୍ରତିଭା ମାନଙ୍କର କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତତାର ଆନ୍ତରିକ ସ୍ୱୀକୃତି ଏବଂ ରେଳ ବ୍ୟବସ୍ଥାର ସୁଗମ ତଥା ଦକ୍ଷ କାର୍ଯ୍ୟକୁ ସୁନିଶ୍ଚିତ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଇଥିଲା ।

## ପଦ୍ମଲୋଚନ ନୋଡାଲ୍ ବିଦ୍ୟାପୀଠର ୬୭ତମ ବାର୍ଷିକୋତ୍ସବ ପାଳନ

# ଶିକ୍ଷା ଓ ସଂସ୍କୃତିର ପ୍ରସାରରେ ହିଁ ସଭ୍ୟତାର ବିକାଶ ଘଟିଥାଏ




**ପଟ୍ଟାମୁଣ୍ଡାଇ, ନ୍ୟୁଜ ବ୍ୟୁରୋ**

ଉତିକଣ ଅଞ୍ଚଳରେ ଶିକ୍ଷାର ଆଲୋକ ପ୍ରଦାନ କରିଆସୁଥିବା ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଚନ୍ଦନନଗରସ୍ଥ ପଦ୍ମଲୋଚନ ନୋଡ଼ାଲ ବିଦ୍ୟାପୀଠର ୬୭ତମ ବାର୍ଷିକ ଉତ୍ସବ ଜାନୁଆରୀ ୨୮ ଓ ୨୯ ଦୁଇଦିନ ଧରି ବିଦ୍ୟାଳୟ ପ୍ରାଙ୍ଗଣରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଭବ୍ୟ ଉତ୍ସବକୁ ରାଜନଗରର ବିଧାୟକ ଧ୍ରୁବଚରଣ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ, "ଶିକ୍ଷା ଓ ସଂସ୍କୃତିର ପ୍ରସାରରେ ହିଁ ସଭ୍ୟତାର ବିକାଶ ଘଟିଥାଏ। ସେଥିପାଇଁ ଶିକ୍ଷାନୁଷ୍ଠାନ ଗୁଡ଼ିକ ଉତ୍ତମ ଛାତ୍ରଛାତ୍ରୀ ଗଠନ ଦିଗରେ ପ୍ରୟାସି ହେବା ଆବଶ୍ୟକ ।" ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିଶିଷ୍ଟ କବି ଓ ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରକାର ଦାସ କହିଲେ, - "ବୈଷୟିକ ବିକାଶ ଯେଉଁଭଳି ଅଗ୍ରଗତି କରିଛି, ସେହିଭଳି ଭାବେ ବୌଦ୍ଧିକ ବିକାଶ ଆମ ଦେଶରେ ଘଟୁନି, ଯାହା ଫଳରେ ଆମ ସମାଜ ବିଭିନ୍ନ ସଙ୍କଟ ମଧ୍ୟ ଦେଇ ଗତିକରୁଛି। ଶିକ୍ଷାର ବିକାଶ ସହ ଶିକ୍ଷା ମାନବୃଦ୍ଧିର ତ୍ୱରାନ୍ୱିତ ହେଲେ ବୌଦ୍ଧିକ ବିକାଶ ପଥରେ ଥିବା ଅନ୍ତରାୟ ଦୂର ହୋଇପାରିବ।" ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଦୁଇଦୁନିଆ ଉତ୍ସବର ଉଦ୍‌ଘାଟନୀ ସମାରୋହରେ ଯାଜପୁରର ସହକାରୀ ଜିଲ୍ଲାପାଳ ଅଶୋକ କୁମାର ବେହେରା, ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପଞ୍ଚାନନ ଧଳ, ପଞ୍ଚାୟତ ସମିତି ସଭ୍ୟ ମାନସ କୁମାର ମଲ୍ଲିକ ଓ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ନିରଞ୍ଜନ ଶତପଥୀ ସମ୍ମାନୀତ ଅତିଥିଭାବେ ଯୋଗଦାନ କରି ଶିକ୍ଷାର ପ୍ରସାର ଉପରେ ଆଲୋକପାତ କରିଥିଲେ । ପ୍ରଥମ ଅଧିବେଶନରେ ପୂର୍ବତଟ ରେଳପଥର ଉପମୁଖ୍ୟ ସଙ୍କେତ ଓ ଦୂରସଞ୍ଚାର ଯନ୍ତ୍ରୀ ଜୟନାରାୟଣ ଅଖିଳ ନାଥ ମୁଖ୍ୟ ଅତିଥି, ସରପଞ୍ଚ ବନୋଜ କୁମାର ସେଠୀ ବିଶିଷ୍ଟ ଅତିଥି ଓ ସି.ଆର୍.ସି.ସି. ରଞ୍ଜନ କୁମାର ସାହୁ "ଶିକ୍ଷାନୁଷ୍ଠାନ ହେଉଛି ଜ୍ଞାନର ମନ୍ଦିର, ଏହାର ଯତ୍ନନେବା ସମସ୍ତଙ୍କର ଦାୟିତ୍ୱ" ବୋଲି ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିବାବେଳେ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ସଚ୍ଚିଦାନନ୍ଦ ଦାସ ମୁଖ୍ୟବକ୍ତା ଭାବେ ଶିକ୍ଷା ଓ ଜ୍ଞାନର ବିକାଶ ଉପରେ ଆଲୋକପାତ କରିଥିଲେ । ସେହିପରି ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ଭାସ୍କର ଚନ୍ଦ୍ର ରାଉତରାୟ ବିଶିଷ୍ଟ ଅତିଥି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଘୁନାଥ ମଲ୍ଲିକ, ବିଚିତ୍ର କୁମାର ସିଂ, ନିରଞ୍ଜନ ଶତପଥୀ ଓ କବି ନଳିନୀପ୍ରଭା ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାପୀଠର ପଞ୍ଚସଖା ଶିକ୍ଷାସେତୁର ସଭାପତି ପ୍ରଫୁଲ୍ଲ କୁମାର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ବାର୍ଷିକ ସ୍ମରଣିକା "ଚନ୍ଦନ"ର ଉନ୍ମୋଚନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ଚିତ୍ତରଂଜନ ବାରିକ ଓ ବାର୍ଷିକ ବିବରଣୀ ପାଠ କରିଥିଲେ ବନଜିନୀ ସାହୁ। ସଭା ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ସ୍ନେହମୟୀ ରଥ ଓ ସୌମ୍ୟାଶ୍ରୀ କର । ଶିକ୍ଷକ ପ୍ରକାଶ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇଦିନ ଧରି ଅନୁଷ୍ଠିତ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମାରୋହକୁ ଶିକ୍ଷକ ଆଶିଷ କାର୍ଜୀ, ଦୀପ୍ତିଶଙ୍କର ରାଉଳ, ସଞ୍ଜୟ ପ୍ରଧାନ, ଶିକ୍ଷୟିତ୍ରୀ ବନ୍ଦନା ଦାଶ, କନକଲତା ଷଡଙ୍ଗୀ, ଶୁଭଶ୍ରୀ ସ୍ୱାଇଁ ଓ ତପସ୍ୱିନୀ ରାଉତ ପରିଚାଳନା ଓ ସଂଯୋଜନା କରିଥିଲେ। ସେହିପରି ଶିକ୍ଷକ ଦୁର୍ଗା ପ୍ରସାଦ ପରିଡ଼ା, ଭୋଳାନାଥ ଜୀବନ ଦାସ, ଲୋହିତ ଚନ୍ଦ୍ର ମହାନ୍ତି, ସମ୍ବେଦକୁମାର ରାଉତରାୟ, ଅବିନାଶ ଓ ସୁରେଶ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତ୍ୟେକ ଦିନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୀତ, ନୃତ୍ୟ, ନାଟକ, ଚିତ୍ରାଙ୍କନ ଇତ୍ୟାଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆୟକର ଛାଡ ...

ବଜେଟ୍ । ଆମ ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହି ବଜେଟ ଗରିବ ଯୁବକ କୃଷକ ଓ ମହିଳାଙ୍କ ପାଇଁ । ଏହି ବଜେଟ ଭାରତର ଅର୍ଥନୀତିକୁ ଗତି ଦେବ। ମେକ ଇନ ଇଣ୍ଡିଆକୁ ପ୍ରୋତ୍ସାହନ ମିଳିବ । ୬ଟି କ୍ଷେତ୍ରରେ ଦ୍ରୁତ ବିକାଶ ହେବ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଏହି ବଜେଟ ଅନ୍ତର୍ଭୁକ୍ତ କୃଷକଙ୍କ ପାଇଁ ଏହା ଦ୍ୱାରା ୧.୭ କୋଟି କୃଷକ ଉପକୃତ ହେବେ। ଦେଶକୁ ଏକ ବିକଶିତ ଭାରତରେ ପରିଣତ କରିବା ପାଇଁ ଆମକୁ ରାଜ୍ୟମାନଙ୍କ ସହ ମିଶି କାମ କରିବାକୁ ପଡିବ । ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଆମର ଫୋକସ ରହିଛି । ବଜେଟରେ ରପ୍ତାନି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । କୃଷି ହେଉଛି ଆମର ପ୍ରଥମ ଇଞ୍ଜିନ।

ନିର୍ମଳା ସୀତାରମଣ ତାଙ୍କ ବଜେଟ ଅଭିଭାଷଣରେ କହିଥିଲେ ଯେ ଆମେ ଖେଳନା ଉତ୍ପାଦନ କ୍ଷେତ୍ରରେ ଭାରତକୁ ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବୁ । ଏଥିପାଇଁ ଏକ ଯୋଜନା ଆରମ୍ଭ କରାଯିବ। ଏ ସଂପର୍କିତ ଇକୋସିଷ୍ଟମର ବିକାଶ ଉପରେ ଗୁରୁତ୍ୱ ଦିଆଯିବ, ଯାହା ଦ୍ୱାରା ଉଚ୍ଚମାନର ପରିବେଶ ଅନୁକୂଳ ଖେଳନା ଉତ୍ପାଦନ ହେବ।

ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ବିଶେଷ କରି ଅନୁସୂଚିତ ଜାତିର ମହିଳାଙ୍କ ପାଇଁ ୫ ଲକ୍ଷ ମହିଳାଙ୍କ ପାଇଁ ଏହି ଯୋଜନା ଆରମ୍ଭ ହେବ। ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ଚମଡ଼ା ଶିଳ୍ପ ଯୋଜନାରେ ସରକାରୀ ସହାୟତା ସହିତ ୨.୨ ନିୟୁତ ନୂତନ ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଡିଜିଟାଲ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଭାଷାରେ ବହି ବୁଝିବାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏକ ଭାରତୀୟ ଭାଷା ପୁସ୍ତକ ଯୋଜନା ଆରମ୍ଭ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

## ଦଣ୍ଡ ଗଣିବ...

ନିୟମ ଅନୁପାଳନ କରିବାରେ ବିଫଳ ହୋଇଥିବା ଯୋଗୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଜରିମାନା ଧାର୍ଯ୍ୟ କରିଛନ୍ତି ।

ସୂଚନା ଅନୁସାରେ ବ୍ୟାଙ୍କିଂ ରେଗୁଲେସନ ଆକ୍ଟ-୧୯୪୯ର ଧାରା-୨୬(କ) ଓ ଧାରା ୯ରେ ପ୍ରାବଧାନକୁ ଅନୁପାଳନ କରିବାରେ ବିଫଳ ଥିବା ଯୋଗୁ ରାଜ୍ୟ ସମବାୟ ବ୍ୟାଙ୍କ ଉପରେ ୪ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରିଛନ୍ତି ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ । ଶୁକ୍ରବାର ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ୨୦୨୩ ମାର୍ଚ୍ଚ ମାସରେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ବୈଧାନିକ ନିରୀକ୍ଷଣବେଳେ ଏହି ଅସଙ୍ଗତି ଧରାପଡ଼ିଥିଲା । ସେହି ସମୟରେ ନାବାର୍ଡ କର୍ତ୍ତୃପକ୍ଷ ମଧ୍ୟ ବୈଧାନିକ ନିରୀକ୍ଷଣ କରି ଏହି ଅସଙ୍ଗତି ଧରିଥିଲେ। ତେବେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଏନେଇ ରାଜ୍ୟ ସମବାୟ ବ୍ୟାଙ୍କକୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରିଥିଲା। କିନ୍ତୁ ନୋଟିସର ଜବାବ ପାଇବା ପରେ ସନ୍ତୋଷଜନକ ଉତ୍ତର ଦେଇନପାରିବା ଓ ଆବଶ୍ୟକ ଯାଞ୍ଚ କରି ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଜରିମାନା ରୁଜୁ କରିଥିବା ଜଣାପଡ଼ିଛି । ନିର୍ଦ୍ଧାରିତ ଅବଧି ମଧ୍ୟରେ ଅଣବ୍ୟାଙ୍କିଂ ପରିସମ୍ପତ୍ତିର ସମାଧାନ ଓ ବ୍ୟାଙ୍କରେ ଜମା ଥିବା ଅଣଦାବିଦାର ପାଣ୍ଠିକୁ ଶିକ୍ଷା ଓ ସଚେତନତା ପାଣ୍ଠିକୁ ସ୍ଥାନାନ୍ତର କରିବାରେ ବିଫଳ ଥିବା ଯୋଗୁ ଏହି ଜରିମାନା ଧାର୍ଯ୍ୟ ହୋଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ସଭାପତି ପଦବୀ ନିଯୁକ୍ତିରେ ଅନିୟମିତତା ଓ ବ୍ୟାଙ୍କ ପରିଚାଳନାରେ ବ୍ୟାପକ ତ୍ରୁଟିକୁ ନେଇ ବ୍ୟାଙ୍କ ଅନେକ ସମୟରେ ବିବାଦଘେରକୁ ଆସିଛି । ଏହି ଜରିମାନା ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନି।

## ପ୍ରଧାନମନ୍ତ୍ରୀଙ୍କ ପ୍ରତିକ୍ରିୟା...

ଆମେ ଅନେକ କ୍ଷେତ୍ର ଯୁବବର୍ଗଙ୍କ ପାଇଁ ଖୋଲା ରଖିଛୁ । କୃଷି ଏବଂ ଗ୍ରାମୀଣ ଅର୍ଥ ବ୍ୟବସ୍ଥାରେ କ୍ରାନ୍ତି ଆଣିବ ଏହି ବଜେଟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିସହ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଦେଇଛନ୍ତି ପ୍ରଧାନମନ୍ତ୍ରୀ।

## ବିକଶିତ ଭାରତ...

ଏହି କ୍ଷେତ୍ର ପାଇଁ ଅଧିକ ଋଣ ମଞ୍ଜୁରୀ କରାଯିବ, ଯାହାଦ୍ୱାରା ଯୁବବର୍ଗ ଅଧିକ ନିଯୁକ୍ତି ପାଇବେ।

## ରେଳ ମନ୍ତ୍ରଣାଳୟ...

କରାଯାଇଛି।

ବଜେଟରେ ସିଗନାଲିଂ ଓ ଟେଲିକମ ପାଇଁ ୬୮୦୦ କୋଟି, ବିଦ୍ୟୁତ ଲାଇନ ପାଇଁ ୬୧୫୦ କୋଟି ଏବଂ କର୍ମଚାରୀ କଲ୍ୟାଣ ପାଇଁ ୮୩୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ରେଳ କର୍ମଚାରୀଙ୍କ ପ୍ରଶିକ୍ଷଣ ପାଇଁ ୩୦୧ କୋଟି ଟଙ୍କା ଖର୍ଚ୍ଚ ହେବ । ସେହିପରି ୪୫ ହଜାର କୋଟି ଟଙ୍କା ରେଳ ସୁରକ୍ଷା ପାଣ୍ଠିକୁ ହସ୍ତାନ୍ତର କରାଯିବ।

ରେଳ ଦୁର୍ଘଟଣା କମାଇବା ପାଇଁ ରେଳ ମନ୍ତ୍ରଣାଳୟ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଯାଉଛି । ଏହା ଅଧୀନରେ ଦେଶର ପ୍ରମୁଖ ରେଳ ପଥରେ କବଚର ଉନ୍ନତ ସଂସ୍କରଣ ୪.୦ ଲଗାଇବା ପାଇଁ ଦ୍ରୁତ ଗତିରେ କାର୍ଯ୍ୟ କରାଯିବ। ନିକଟରେ ରିସର୍ଚ୍ଚ ଡିଜାଇନ ଆଣ୍ଡ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେସନ କବଚର ନୂଆ ସଂସ୍କରଣକୁ ଅନୁମୋଦନ କରିଛି ମନ୍ତ୍ରଣାଳୟ। ବଜେଟରେ ଏ ନେଇ କୌଣସି ନୂଆ ଘୋଷଣା କରିନାହିଁ ବରଂ ପୂର୍ବ ଘୋଷଣାକୁ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦେଇଛି ।

## ୧୦୦ଟି ନୂଆ...

ସେ କହିଛନ୍ତି, ରେଳବାଇ ନିଜର ନେଟୱାର୍କ ବଢାଉଛି।

ଟ୍ରେନରେ ଯାତ୍ରୀଙ୍କ ପାଇଁ ଆଧୁନିକ ସୁବିଧା ଓ ସୁରକ୍ଷା ପ୍ରତି ବିଶେଷ ପ୍ରାଧାନ୍ୟ ଦିଆଯାଉଛି । ନୂଆ ପ୍ରକଳ୍ପକୁ ଦେଖିଲେ ପ୍ରାୟ ୧୦୦ଟି ନୂଆ ଅମୃତ ଭାରତ ଟ୍ରେନ ନିର୍ମାଣ ଲାଗି ବଜେଟରେ ବ୍ୟବସ୍ଥା କରାଯାଇଛି। ୫୦ଟି ନମୋ ଭାରତ ଟ୍ରେନ ଏବଂ ସ୍ଲିପର ଓ ଚେୟାର କାର ସଂସ୍କରଣ ସହିତ ୨୦୦ ବନ୍ଦେ ଭାରତ ଟ୍ରେନ ନିର୍ମାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି, ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଏବଂ ଇଣ୍ଡିଆ ଏଆଇ ମିଶନ ଆଗାମୀ ବର୍ଷଗୁଡ଼ିକରେ ଦେଶର ବୈଷୟିକ ଚାହିଦା ଓ ଆବଶ୍ୟକତା ପୂରଣ ପାଇଁ ମୂଳଦୁଆ ପକାଇଛି। ସେହିପରି କ୍ୱାଣ୍ଟମ ମିଶନ, ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ ଏବଂ ଡିପଟେକ ଷ୍ଟାର୍ଟଅପ ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଏହାଦ୍ୱାରା ଦେଶରେ ଏକ ଶକ୍ତିଶାଳୀ ବୈଷୟିକ ଆଧାର ପ୍ରତିଷ୍ଠା ହେବ । ବର୍ତ୍ତମାନ ସମୟରେ ଭାରତ ପାଇଁ ଏଭଳି ପ୍ରଗତି ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

## ଫେବୃଆରୀରେ ଅସହ୍ୟ...

ଗଜପତି, ନୂଆପଡା, ଅନୁଗୁଳରେ ତାପମାତ୍ରା ଅହେତୁକ ଭାବରେ ବୃଦ୍ଧି ପାଇବ । ତାପମାତ୍ରା ବୃଦ୍ଧି ସହ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଘନ କୁହୁଡିର ଆସ୍ତରଣ ଦେଖିବାକୁ ମିଳିବ। ୨୪ ଘଣ୍ଟା ପର୍ଯ୍ୟନ୍ତ ଘନ କୁହୁଡି ନେଇ ୧୬ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି ଏବଂ କନ୍ଧମାଳରେ ଘନ କୁହୁଡି ନେଇ ସତର୍କତା ଜାରି କରାଯାଇଛି। ସେହିଭଳି ୩ ତାରିଖରେ କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଏବଂ ଗଜପତି ଜିଲ୍ଲାକୁ ଘନ କୁହୁଡି ନେଇ ସତର୍କତା ଜାରି କରାଯାଇଛି । ଏହି ସବୁ ଜିଲ୍ଲାରେ ଦୃଶ୍ୟମାନ ଦୂରତା ୫୦ ମିଟର ତଳକୁ ଖସିଯିବ । କିଛି ଅଞ୍ଚଳରେ ଜିରୋ ଭିଜିବିଲିଟି ହେବାର ସମ୍ଭାବନା ରହିଛି । ଏଥିପାଇଁ ଘାଟିରାସ୍ତା ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଗାଡି ଚାଳନା ସମୟରେ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଛି ପାଣିପାଗ କେନ୍ଦ୍ର ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025006, ତା.27.01.2025ରିଖ

**କାର୍ଯ୍ୟର ନାମ :** ବାଘୁଆପାଳ ଠାରେ ROH ସେଡ୍‌ର ନିର୍ମାଣ ଏବଂ ବାଘୁଆପାଳ ଠାରେ CC ପରୀକ୍ଷଣ ସୁବିଧାଗୁଡ଼ିକର ନିର୍ମାଣ ସମ୍ବନ୍ଧୀୟ ଫର୍ମେସନ୍‌ରେ ମାଟି କାମ, ଛୋଟ ପୋଲ, P.WAY ଲିଙ୍କିଂ କାର୍ଯ୍ୟ, ଟ୍ରାକ୍ ବାଲାଷ୍ଟ ଯୋଗାଣ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1304.75 ଲକ୍ଷ, EMD : ₹ 8,02,400/-, କାର୍ଯ୍ୟ ଶେଷ ହେବା ଅବଧି: 09 (ନଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.02.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଚାପ୍ଟର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-139/CH/24-25



**OFFICE OF THE PANCHAYAT SAMITI**
**BALIAPAL, BALASORE**
Email – ori-baliapal@nic.in
i-462

INVITATION FOR BIDS THROUGH e-Procurement
Bid Identification No. PSBPL-03 of 2024-25

**Invitation for Bids**

| | | | |
|---|---|---|---|
| 1. | The BLOCK DEVELOPMENT OFFICER BALIAPAL, BALASORE, on behalf of Governor of Odisha, invites percentage rate bids in single cover system in ONLINE MODE only, for works as detailed below. | | |
| 2. | Nature of work | : | Civil Works |
| 3. | No. of work | : | 04 Nos. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | "C' & 'D' License |
| 6. | Availability of Bid Documents in the website | : | From 10.00 AM of 03.02.2025 to 5.00 PM of 14.02.2025 |
| 7. | Date of Opening of Bid | : | Dt. 17.02.2025 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-19141/11/0005/2425

BLOCK DEVELOPMENT OFFICER, BALIAPAL, BALASORE



E-Mail I.D.-eerbjspr@gmail.com

**OFFICE OF THE SUPERINTENDING ENGINEER**
**JAGATSINGHPUR (R&B) DIVISION, JAGATSINGHPUR**
**GOVERNMENT OF ODISHA**
**('e' PROCUREMENT NOTICE)**
B-904

**Bid Identification No. S.E. JSP(R&B)-08 of 2024-25**
**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Building works as mentioned below.
2. No. of Work :- **02Nos.**
3. Nature of work :- **Building & E.I. works**
4. Class of Contractor :- **"B" "C" & "HT"**
5. Tender Paper Cost :- **Rs. 6000/- (Online)**
6. Available of bid documents in the website :- **From 06/02/2025 to 5PM of 15/02/2025**
7. Date of Opening of Bid :- **11AM of 17/02/2025**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

OIPR-34093/11/0011/2425

(Er. Ashis Nayak)
Superintending Engineer,
Jagatsinghpur (R&B) Division.

ଭୁବନେଶ୍ୱର
୦୨ ଫେବୃୟାରୀ
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ଦାରୁବ୍ରହ୍ମଙ୍କ ପଦ୍ମବେଶ : ପୁଷ୍କରିଣୀ ପାଲଟିଛି ରତ୍ନସିଂହାସନ



**ପୁରୀ, ୦୧/୦୨ ନ୍ୟୁଜ ବ୍ୟୁରୋ**

ଶନିବାର ତୃତୀୟା ତିଥିରେ ଶ୍ରୀମନ୍ଦିରରେ ଦାରୁବ୍ରହ୍ମଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଛି। ଦୁର୍ଲ୍ଲଭ ପଦ୍ମବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ । ବଡ଼ଛତା ମଠ ଯୋଗାଇଛି ଏହି ବେଶ । ଏଣୁ ମଠ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଠାକୁରଙ୍କ ସନ୍ଧ୍ୟା ଧୂପ ସରିଲା ପରେ ବେଶ ପହଞ୍ଚି ଥିଲା ବଡ଼ଦେଉଳରେ । ବଡ଼ସିଂହାର ବେଶରେ ଠାକୁର ପଦ୍ମ ବେଶରେ ବିଭୂଷିତ ହୋଇଛନ୍ତି। ପୁଷ୍କରିଣୀ ପାଲଟିଛି ରତ୍ନସିଂହାସନ । ସେଥିରେ ଫୁଟିଥିଲା ପଦ୍ମ ଫୁଲ, ଖେଳୁଥିଲେ ହଂସରାଳି, ପ୍ରସ୍ଫୁଟିତ ବିଶାଳ ପଦ୍ମର କେଶର ଭାଗରେ ଶୋଭାପାଉଥିଲା ଶ୍ରୀମୁଖ । ଶ୍ରୀମସ୍ତକରେ ଚୂଳମାନ ଲାଗି ହୋଇଥିଲେ । ଠାକୁରେ ଧାରଣ କରିଥିଲେ କରପଲ୍ଲବ । ରାତ୍ର ଚନ୍ଦନଲାଗି ନୀତି ବଢ଼ିବା ପରେ ବଡ଼ସିଂହାରରେ ଠାକୁରେ ଏହି ବେଶ ହୋଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଠାକୁରଙ୍କୁ ଏହି ବେଶରେ ଦର୍ଶନକରି ପୂଣ୍ୟ ଅର୍ଜନ କରିଲେ ଶ୍ରଦ୍ଧାଳୁ । ଗବେଷକଙ୍କ ମତରେ ସପ୍ତଦଶ ଶତାବ୍ଦୀରେ ବଡ଼ଛତା ମଠର ମହନ୍ତ ସନ୍ଥ ରଘୁବର ଦାସ ଏହି ବେଶ ପ୍ରବର୍ତ୍ତନ କରିଥିଲେ । କିମ୍ବଦନ୍ତୀ ଅନୁଯାୟୀ ମନୋହର ଦାସ ନାମକ ଜଣେ ହିନ୍ଦୀ ଭାଷୀ ସାଧୁଙ୍କ ଭକ୍ତିରେ ପ୍ରୀତ ହୋଇ ଠାକୁରେ ପଦ୍ମ ବେଶରେ ବିଭୂଷିତ ହୋଇଛନ୍ତି। ରବିବାର ସକାଳେ ବେଶରେ ଥାଇ ଠାକୁରଙ୍କ ମଙ୍ଗଳାଳତି ବଢ଼ିବ। ପ୍ରତ୍ୟୁଷରେ ଠାକୁରଙ୍କ ବେଶ ଦର୍ଶନ ସହ ଭକ୍ତମାନେ ଖିରି ଅମାଲୁ ଭୋଗ ପ୍ରାପ୍ତ ହେବେ। ସୂଚନା ଯୋଗ୍ୟ ଯେ, ମାଘମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ଭିତରେ ପଡୁଥିବା ବୁଧବାର କିମ୍ବା ଶନିବାର ଦିନ ବଡ଼ସିଂହାର ବେଶରେ ଏହି ବେଶ ଲାଗି ହୋଇଥାଏ। ମାଘମାସ ଅର୍ଥାତ୍ ଶୀତଦିନରେ ବୁଧବାର ନୀଳ ଘୋଡ଼ ଓ ଶନିବାର କଳାଘୋଡ଼ ଲାଗି ସମୟରେ ଶ୍ରୀଜୀଉ ପଦ୍ମବେଶ ହୋଇଥାନ୍ତି। ନୀଳ କିମ୍ବା କଳା ଘୋଡ଼ ଲାଗି ସମୟରେ ପଦ୍ମବେଶ ହେଲେ ଗଭୀର ଜଳରାଶିରେ ପଦ୍ମ ଫୁଟିଲା ଭଳି ଦିଶିବା ସହ ମହାପ୍ରଭୁ ଆହୁରି ସୁନ୍ଦର ଦେଖାଯାଆନ୍ତି। ବଡ଼ସିଂହାର ବେଶରେ କିଛି ଭକ୍ତ ଏହି ବେଶ ଦର୍ଶନ କରିଥାନ୍ତି। ସେହିଦିନ ରାତ୍ର ପହୁଡ଼ ପରେ ଭକ୍ତମାନେ ପରଦିନ ମଙ୍ଗଳ ଆଳତୀ ପରେ ପରେ ଏହି ବେଶ ଦର୍ଶନ କରିଥାନ୍ତି। ଅବକାଶ ପରେ ପଦ୍ମବେଶ ଓଲାଗି କରି ଦିଆଯାଏ। ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ବଢ଼ିଥାଏ। ପଦ୍ମବେଶରେ ମହାପ୍ରଭୁଙ୍କୁ ସ୍ୱତନ୍ତ୍ର ଅମାଲୁ, କ୍ଷୀରି ଭୋଗ କରାଯାଇଥାଏ। କୋଠ ଭୋଗରେ ଲାଗି ହେଉଥିବା ଏହି କ୍ଷୀରି, ଅମାଲୁ ପାଇଁ ବଡ଼ଛତା ମଠ ପକ୍ଷରୁ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ବେଶ ପ୍ରସ୍ତୁତି ପାଇଁ ସୋଲ, ବାଉଁଶ, ସନ୍ତରା ପଟ, ପଇତା, କନା, ଜରି, ଡୋରି, କଇଁଥ ଅଠା ଆଦି ଆବଶ୍ୟକ ପଡ଼ିଥାଏ। ଏଥିପାଇଁ ବହୁ ପୂର୍ବରୁ ଆବଶ୍ୟକ ସାମଗ୍ରୀ ବଡ଼ଛତା ମଠ ପକ୍ଷରୁ ଯୋଗାଡ଼ କରାଯାଇଥାଏ। ଏହି ବେଶ ସାମଗ୍ରୀ କାରିଗରଙ୍କ ଜିମାରେ ଦିଆଯିବା ପରେ ପଣ୍ଡୁ ପୂର୍ଣ୍ଣିମାରୁ ବେଶ କାମ ଆରମ୍ଭ ହୋଇଥାଏ ବୋଲି ସୂଚନା ମିଳିଛି।

# ଆଜି ଶ୍ରୀଲିଙ୍ଗରାଜଙ୍କ ବ୍ରାହ୍ମଣ ନିଯୋଗ ନିର୍ବାଚନ

## ଦୀର୍ଘ ୮ ବର୍ଷ ପରେ ନିର୍ବାଚିତ ହେବେ ନୂଆ ପରିଚାଳନା କମିଟି ସଦସ୍ୟ



**ଭୁବନେଶ୍ୱର,୦୧/୦୨ ନ୍ୟୁଜ ବ୍ୟୁରୋ**

ଦୀର୍ଘ ୮ ବର୍ଷ ପରେ ଶ୍ରୀଲିଙ୍ଗରାଜଙ୍କ ବ୍ରାହ୍ମଣ ନିଯୋଗର ନିର୍ବାଚନ ରବିବାର କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ନିଯୋଗ ପ୍ରକୋଷ୍ଠରେ ଏହି ନିର୍ବାଚନ ହେବ । ପରିଚାଳନା କମିଟି ପାଇଁ ୨୨ ଜଣ ସଦସ୍ୟ ନିର୍ବାଚିତ ହୋଇସାରିଛନ୍ତି । ଶ୍ରୀଲିଙ୍ଗରାଜଙ୍କର ବିଭିନ୍ନ ନୀତିକାନ୍ତିକୁ ନେଇ ବିଭିନ୍ନ ସମୟରେ ବିଭ୍ରାଟ ଦେଖାଯାଉଥିବା ବେଳେ ବିବାଦ ଲାଗି ରହୁଥିଲା । ଏବେ ଏହି ନିର୍ବାଚନ ପରେ ସମସ୍ତ ନୀତିକାନ୍ତି ଶାନ୍ତିଶୃଙ୍ଖଳା ସହ ହେବ । ଏଥିସହ ସବୁ କିଛି ସମସ୍ୟାର ସମାଧାନ ଆଲୋଚନା ମାଧ୍ୟମରେ କରାଯିବ ବୋଲି ଅନୁମାନ କରାଯାଉଛି ।

# ରାଜ୍ୟରେ ରାସ୍ତାଘାଟର ଉନ୍ନତି ପାଇଁ ଆସିବ ସ୍ୱତନ୍ତ୍ର ନୀତି

## ବାର୍ଷିକ ୧୫ ହଜାର କିମି ସହ ୫ ବର୍ଷରେ ନିର୍ମାଣ ହେବ ୭୫ ହଜାର କିମି ରାସ୍ତା

**ଭୁବନେଶ୍ୱର,୧/୦୨ ନ୍ୟୁଜ ବ୍ୟରୋ**

ରାଜ୍ୟରେ ରାସ୍ତାଘାଟର ନିର୍ମାଣ, ମରାମତି ଏବଂ ଉନ୍ନତିକରଣ ପାଇଁ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୃହ, ରାଜ୍ୟ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ରାଜ୍ୟ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ଗମନାଗମନ ସୁବିଧାକୁ କିଭଳି ଅଧିକ ଉନ୍ନତ ଏବଂ ଶୃଙ୍ଖଳିତ କରି ହେବ ସେଥିନେଇ ଆଲୋଚନା ହୋଇଥିଲା । ଏଥିରେ ବାର୍ଷିକ ୧୫ ହଜାର କିଲୋମିଟର ହିସାବରେ ଆସନ୍ତା ୫ ବର୍ଷରେ ୭୫ ହାଜର କିଲୋମିଟର ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଯେଉଁଥିରେ ଜାତୀୟ ରାଜପଥ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ନଗର ଉନ୍ନୟନ ବିଭାଗର ରାସ୍ତା ଓ ସେତୁ ଅନ୍ତର୍ଭୁକ୍ତ । ସମ୍ପ୍ରତି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପାଣି ପାଇପ୍, ବିଜୁଳି ଲାଇନ୍, ଟେଲିଫୋନ୍ ଇଣ୍ଟରନେଟ୍ କେବୁଲ ଆଦି ବିଛାଇବା ପାଇଁ ଭଲଥିବା ରାସ୍ତାକୁ ବାରମ୍ବାର ଖୋଳି ଦିଆଯାଉଛି । ଏହି ସମସ୍ୟାରୁ ମୁକୁଳିବା ପାଇଁ ବିଭିନ୍ନ ରାସ୍ତାକଡ଼ରେ ସ୍ୱତନ୍ତ୍ର ୟୁଟିଲିଟି କରିଡର ନିର୍ମାଣ କରାଯିବ । ଏଥି ସହିତ ରାସ୍ତା ସମ୍ପ୍ରସାରଣ ସମୟରେ ଯେପରି ଗଛ କାଟିବାକୁ ନପଡ଼େ ସେହିଭଳି ଭାବେ ଚାରାରୋପଣ ପାଇଁ ବ୍ୟବସ୍ଥା କରାଯିବ। ତେବେ ଆବଶ୍ୟକସ୍ଥଳେ ପୁରୁଣା ତଥା ବଡ଼ ବଡ଼ ଗଛକୁ ନ କାଟି ଆଧୁନିକ ଯନ୍ତ୍ରାଂଶ ସାହାଯ୍ୟରେ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇପାରିବ ଏହା ଉପରେ ନୀତିରେ ବ୍ୟବସ୍ଥା ରଖିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା କ୍ଷୁଦ୍ର, ମାଧ୍ୟମ ଏବଂ ଦୀର୍ଘ ସେତୁ ନିର୍ମାଣ ଶୈଳୀ ଓ ଏହାର ମାନ କିଭଳି ହେବ ସେଥି ନେଇ ଏହି ନୀତିରେ ଉଲ୍ଲେଖ ରହିବ ଓ ଅନେକ ସମୟରେ ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣବେଳେ ଜମି ଅଧିଗ୍ରହଣ ନେଇ ସମସ୍ୟା ଉପୁଜୁ ଥିବାରୁ ଏହାର ସମାଧାନ ପାଇଁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ରହିବ। ଏଥିସହିତ କେବଳ ନୂଆ ରାସ୍ତା ନିର୍ମାଣ ନୁହେଁ ପୁରୁଣା ରାସ୍ତାର ନିୟମିତ ଯାଞ୍ଚ ଏବଂ ମରାମତି କରାଯିବ । ମୌସୁମୀ ଏବଂ ମୌସୁମୀ ପୂର୍ବ ଓ ପରବର୍ତ୍ତୀ ସମୟରେ ରାସ୍ତା ଯାଞ୍ଚ ତଥା ମରାମତି ଉପରେ ଧ୍ୟାନ ଦିଆଯିବ । ରାସ୍ତା ଦୁର୍ଘଟଣାକୁ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ନିର୍ମାଣ ଶୈଳୀକୁ ଆପଣାଇବା ସହ ରାସ୍ତା ନିର୍ମାଣ ସମୟରେ ପରିବେଶକୁ ଗୁରୁତ୍ୱ ଦେବା ସହ ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ବର୍ଜ୍ୟବସ୍ତୁକୁ କିଭଳି ରାସ୍ତା ନିର୍ମାଣ ଉପଯୋଗ କରାଯାଇପାରିବ ସେଥିନେଇ ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା ।

# ଖେଳନା ଶିଳ୍ପରେ ଗ୍ଲୋବାଲ୍ ହବ୍ ହେବ ଭାରତ : ଅର୍ଥମନ୍ତ୍ରୀ

**ନୂଆଦିଲ୍ଲୀ, ୦୧/୦୨**

ସଂସଦରେ ଉପସ୍ଥାପିତ ହେଲା ମୋଦି ସରକାରଙ୍କ ତୃତୀୟ ପାଳିର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଦସ୍ତାବିଜ୍ ଆଗତ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଲଗାତର ଅଷ୍ଟମ ଥର ପାଇଁ ସେ ବଜେଟ୍ ଉପସ୍ଥାପନ କରିଛନ୍ତି। ବଜେଟ୍ ଭାଷଣରେ ଖେଳନା ଶିଳ୍ପ ଉପରେ ଗୁରୁତ୍ୱ ଦେଇଛନ୍ତି ଅର୍ଥମନ୍ତ୍ରୀ। ସେ କହିଛନ୍ତି ଯେ, ଖେଳନା ଶିଳ୍ପର ଗ୍ଲୋବାଲ୍ ହବ୍ ହେବ ଭାରତ। ମେଡ୍ ଇନ୍ ଇଣ୍ଡିଆ ବ୍ରାଣ୍ଡର ପ୍ରତିନିଧିତ୍ୱ କରାଯିବ। ଉଚ୍ଚମାନର ଏବଂ ଅଭିନବ ଖେଳନା ଉତ୍ପାଦନ ହେବ। ଏବେ ଚୀନ୍ ଖେଳନାରେ ଭାରତ ବଜାର ପରିପୂର୍ଣ୍ଣ। ଏପରି ସ୍ଥିତିରେ, ଚୀନ୍ ଖେଳଣା ବଜାର ସହିତ ପ୍ରତିଯୋଗିତା କରିବା ପାଇଁ ସରକାରଙ୍କର ଏହା ଏକ ବଡ଼ ପଦକ୍ଷେପ। ଉଲ୍ଲେଖନୀୟ ଯେ, ଶିଳ୍ପପତି ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବ୍ରିଟିଶ ଖେଳନା ବ୍ରାଣ୍ଡ ହାମଲିଜ୍ କିଣିସାରିଛି। ହାମଲିଜ୍ ସହିତ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମଧ ରୋୱାନ୍ ନାମକ ଏକ ଖେଳନା ବ୍ରାଣ୍ଡ ମାଧ୍ୟମରେ ଖେଳନା ଉତ୍ପାଦନ ବ୍ୟବସାୟରେ ନିୟୋଜିତ ଅଛି। ହାମଲିଜ୍ ବ୍ରାଣ୍ଡ ପ୍ରାୟ ୨୬୫ ବର୍ଷ ପୂର୍ବେ ୧୭୬୦ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ହୋଇଥିଲା। ଏହା ବିଶ୍ୱର ସବୁଠାରୁ ବଡ଼ ଏବଂ ପୁରୁଣା ଖେଳନା ବ୍ରାଣ୍ଡ।



ସେହିପରି ଭାରତ ନ୍ୟୁକ୍ଲିୟର ଏନର୍ଜି କ୍ଷେତ୍ରରେ ବଡ଼ ଲମ୍ଫ ପ୍ରଦାନ କରିବାକୁ ପ୍ରସ୍ତୁତ ହେଉଛି। ଏହି ବଜେଟ୍‌ରେ ଏହାର ସ୍ପଷ୍ଟ ଝଲକ ଦେଖିବାକୁ ମିଳିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ୨୦୨୫ରେ ନ୍ୟୁକ୍ଲିୟର ଏନର୍ଜୀ କ୍ଷେତ୍ର ପାଇଁ ବଡ଼ ଆକାରର ୨୦ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟିତ କରିଛନ୍ତି। ସରକାର ଏହି କ୍ଷେତ୍ରରେ ପ୍ରାଇଭେଟ୍ ପ୍ଲେୟାର୍ସଙ୍କୁ ଆସିବା ପାଇଁ ନିମନ୍ତ୍ରଣ ଦେଇଛନ୍ତି। ଖାଲି ଏତିକି ନୁହେଁ ଘରୋଇ ନିବେଶକଙ୍କ ସ୍ଥାନ ପାଇଁ ସରକାର ଆଟମିକ୍ ଏନର୍ଜୀ ଆକ୍ଟ ଓ ସିଭିଲ ଲାଇବଲିଟି ଫର ନ୍ୟୁକ୍ଲିୟର ଡ୍ୟାମେଜ୍ ଆକ୍ଟରେ ପରିବର୍ତ୍ତନ କରିବାକୁ ମଧ ପ୍ରସ୍ତୁତ ଅଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପିତ କରି କହିଛନ୍ତି, ୨୦୪୭ ସୁଦ୍ଧା ଅତି କମ୍‌ରେ ୧୦୦ ଗିଗାୱାଟ୍ ପରମାଣୁ ଶକ୍ତିର ବିକାଶ ଆମର ଏନର୍ଜୀ ଟ୍ରାଞ୍ଜିସନର ଚେଷ୍ଟା ପାଇଁ ଆବଶ୍ୟକ। ଭାରତରେ ୮ ଲକ୍ଷ ଭିତରେ ଅର୍ଥାତ୍ ୨୦୩୩ ସୁଦ୍ଧା ଅତି କମ୍‌ରେ ୫ଟି ଛୋଟ ଛୋଟ ନ୍ୟୁକ୍ଲିୟାର ରିଆକ୍ଟର ବିକଶିତ କରି ଏହାକୁ ଚାଲୁ କରିବ।

## ଆଜି ବର୍ଣ୍ଣବୋଧର ପୁନଃମୁଦ୍ରିତ ସଂସ୍କରଣ ଉନ୍ମୋଚନ

**ଭୁବନେଶ୍ୱର, ୧/୨ ନ୍ୟୁଜ ବ୍ୟୁରୋ**

ରବିବାର କୃଷି ଭବନ ସ୍ଥିତ ପ୍ରେକ୍ଷାଳୟ ଠାରେ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧର ପୁନଃମୁଦ୍ରିତ ସଂସ୍କରଣ ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ଅନ୍ୟ ତିନିଗୋଟି ପୁସ୍ତକ ଉନ୍ମୋଚନ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

# ଏନ୍‌କାଉଣ୍ଟରରେ ୮ ନକ୍ସଲ ନିହତ : ଆତ୍ମସମର୍ପଣ କଲେ ୧୦ ମାଓବାଦୀ

**ମାଲକାନଗିରି,୧/୨ନ୍ୟୁଜ ବ୍ୟୁରୋ**

ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ଓଡ଼ିଶା-ଛତିଶଗଡ଼ର ସୀମାରେ ସୁରକ୍ଷା ବାହିନୀ ଏକ ବଡ଼ଧରଣର ଅପରେସନ୍‌କୁ ସଫଳତାର ରୂପ ଦେଇଛନ୍ତି। ଗୁଳି କରି ୮ ଜଣ ନକ୍ସଲଙ୍କୁ ନିପାତ କରିଛନ୍ତି। ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ତୋଡ଼କା ଜଙ୍ଗଲରେ ନକ୍ସଲ ବିରୋଧରେ ଏହି ଏନ୍‌କାଉଣ୍ଟର ହୋଇଛି। ଛତିଶଗଡ଼ର ବିଜାପୁର ଜିଲ୍ଲାର ତୋଡ଼କା ଜଙ୍ଗଲରେ ନକ୍ସଲ ଗତିବିଧି ନେଇ ସୁରକ୍ଷା ବାହିନୀକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହି ଆଧାରରେ ଏସ୍‌ଟିଏଫ୍, ଡିଆରଜି ଓ ସିଆରପିଏଫ୍‌ର ଯବାନମାନେ ମିଳିତ ଅପରେସନ୍ କରିଥିଲେ। ରିପୋର୍ଟ ଲେଖାଯିବା ବେଳକୁ



୮ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ସୁରକ୍ଷା ବାହିନୀର ସର୍ଚ୍ଚଅପରେସନ୍ ଜାରି ରହିଛି। ଛତିଶଗଡ଼ର ବିଜାପୁର ଜିଲ୍ଲାର ତୋଡ଼କା ଜଙ୍ଗଲରେ ନକ୍ସଲ ଗତିବିଧି ନେଇ ସୁରକ୍ଷା ବାହିନୀକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହି ଆଧାରରେ ଏସ୍‌ଟିଏଫ୍, ଡିଆରଜି ଓ ସିଆରପିଏଫ୍‌ର ଯବାନମାନେ ମିଳିତ ଅପରେସନ୍ କରିଥିଲେ। ସେହିପରି ସୁରକ୍ଷାକର୍ମୀଙ୍କ ଜୋରଦାର ଅପରେସନ ପରେ ଭୟଭୀତ ହୋଇ ଆତ୍ମସମର୍ପଣ କଲେ ୧୦ ମାଓବାଦୀ। ଏମାନେ ସମସ୍ତେ ହେଉଛନ୍ତି ଆନ୍ଧ୍ର ଓଡ଼ିଶା ବର୍ଡର ସ୍ପେଶାଲ ଜୋନାଲ କମିଟିର ସଦସ୍ୟ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୁଣ୍ଡ ଉପରେ ପୂର୍ବରୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିବା ବେଳେ ୬ ଜଣଙ୍କ ମୁଣ୍ଡ ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ ପରେ ଏମାନଙ୍କୁ ସରକାରଙ୍କ ନିୟମ ଅନୁସାରେ ଥଇଥାନ କରାଯିବ ବୋଲି ବିଜାପୁର ଏସପି କହିଛନ୍ତି। ମାଓମୁକ୍ତ ଭାରତ ଗଠନ ହେବା ଲାଗି ତାରିଖ ଘୋଷଣା ହେବା ପରେ ୨୦୨୪ରେ ଛତିଶଗଡରେ ୧୮୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେହିଭଳି ୫୮ ଜଣ ମାଓବାଦୀ ସୁରକ୍ଷାକର୍ମୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି।



ଭୁବନେଶ୍ୱର : ବିରୋଧି ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ୧୬ତମ ଅର୍ଥ କମିଶନଙ୍କୁ ଦିଆଯିବାକୁ ଥିବା ସ୍ମାରକପତ୍ର ସଂପର୍କରେ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ପ୍ରାଥମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା : ମାର୍ଚ୍ଚ ୧୭ରୁ ଅନ୍‌ଲାଇନ୍ ଆବେଦନ



**ଭୁବନେଶ୍ୱର,୦୧/୦୨ ନ୍ୟୁଜ ବ୍ୟୁରୋ**

ଆସନ୍ତା ମାର୍ଚ୍ଚ ୧ ତାରିଖରୁ ଆରମ୍ଭ ହେବ ପ୍ରାଥମିକ ଶିକ୍ଷକ ବଦଳି ପ୍ରକ୍ରିୟା । ମାର୍ଚ୍ଚ ୧୭ ତାରିଖରୁ ଅନ୍‌ଲାଇନ୍ ଆବେଦନ ଆରମ୍ଭ ହେବ । ଏପ୍ରିଲ୍ ୧ ତାରିଖ ମଧ୍ୟରେ ଆବେଦନ କରିବାର ସୁଯୋଗ ମିଳିବ । ଡିଇଓ ଓ ବିଇଓଙ୍କ ଦ୍ୱାରା ଆବେଦନ ପତ୍ର ଯାଞ୍ଚଠୁ ଆରମ୍ଭ କରି ଡାକ୍ତରୀ ପରୀକ୍ଷା ସବୁ ହେବ । ଶିକ୍ଷକ ବଦଳି ନିର୍ଦ୍ଦେଶ ବାହାରିବା ପରେ ପୋଷ୍ଟିଂ ସହ ସମସ୍ତ ପ୍ରକ୍ରିୟା ଜୁନ୍ ୨୧ ସୁଦ୍ଧା ଶେଷ ହେବ। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛି। ଗତ ୨୯ ତାରିଖରେ ନିର୍ଦ୍ଦେଶାଳୟ ପକ୍ଷରୁ ବଦଳି ଆବେଦନ ନେଇ ଚିଠି ହୋଇଛି । ମାର୍ଚ୍ଚ ୧ରୁ ୧୬ ତାରିଖ ଯାଏ ଶିକ୍ଷକଙ୍କ ପ୍ରୋଫାଇଲ୍ ଅପଡେଟ୍ କରାଯିବ । ମାର୍ଚ୍ଚ ୧୭ରୁ ଏପ୍ରିଲ ୧ ଯାଏ ବଦଳି ପାଇଁ ଆବେଦନ କରାଯିବ । ଏପ୍ରିଲ ୨ରୁ ୧୧ ତାରିଖ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆବେଦନପତ୍ର ଯାଞ୍ଚ ହେବ । ମେଡିକାଲ ମାମଲାରେ ଆବେଦନ କରିଥିବା ଶିକ୍ଷକଙ୍କ ପାଇଁ ଯାଞ୍ଚପତ୍ର ୧୫ରୁ ୧୯ ତାରିଖ ମଧ୍ୟରେ ମେଡିକାଲ ବୋର୍ଡକୁ ଦିଆଯିବ । ଏହାପରେ ମେ ୯ରେ ବୋର୍ଡ ପକ୍ଷରୁ ରିପୋର୍ଟ ପ୍ରକାଶ, ୧୪ରେ ମେଡିକାଲ ସାର୍ଟିଫିକେଟ ଅପଲୋଡ୍ ହେବ । ୨୮ରୁ ୨୯ ମଧ୍ୟରେ ବଦଳି ନିର୍ଦ୍ଦେଶ ପ୍ରକାଶ ପାଇବ । ଜୁନ୍ ୬ ତାରିଖ ସୁଦ୍ଧା ବଦଳି ଶିକ୍ଷକଙ୍କ ନୂଆ ସ୍କୁଲରେ ପୋଷ୍ଟିଂ ଓ ପୁରୁଣା ସ୍କୁଲରୁ ରିଲିଭ୍ ହେବେ ।

# କଳାହାଣ୍ଡି ପୋଲିସ ପଞ୍ଝାରେ ୮ ଦୁର୍ଦ୍ଦାନ୍ତ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ

**କଳାହାଣ୍ଡି ୧।୨ ନ୍ୟୁଜ ବ୍ୟୁରୋ**

ବନ୍ଧାହେଲେ ୮ ଦୁର୍ଦ୍ଦାନ୍ତ ଆନ୍ତଃରାଜ୍ୟ ଡକାୟତ । ସେମାନଙ୍କ ଠାରୁ ଜବତ ହୋଇଛି ସାଢେ ୩ କୋଟିରୁ ଅଧିକ ଟଙ୍କା । କଳାହାଣ୍ଡି ପୋଲିସ ଏକ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗକୁ ଗିରଫ କରିବା ପରେ ସେମାନଙ୍କ ଠାରୁ ଟଙ୍କା ଉଦ୍ଧାର ହୋଇଛି । ଗତ ୩୦ ତାରିଖରେ ଘଟିଥିଲା ଏହି ସଂଗଠିତ ଡକାୟତି । ଏକ ବୋଲେରୋରେ ୮ ଜଣ ଡକାୟତ ଆସି ଧର୍ମଗଡ଼ରେ ଥିବା ଏକ ଦେଶୀ ମଦ ଭାଟିରେ ରାତି ଅଧରେ ପଶିଥିଲେ । ବନ୍ଧୁକ ଏବଂ ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟିଥିଲେ। ଯେଉଁ ବୋଲେରୋରେ ଡକାୟତମାନେ ଆସିଥିଲେ ସେହି ବୋଲେରୋରେ ୬ ଜଣ ଡକାୟତ ଫେରାର ହୋଇଯାଇଥିଲେ । ବାକି ୨ ଜଣ ସେଠାରୁ ଦୌଡି ଦୌଡି ରାସ୍ତାରେ ଯାଉଥିବା ବେଳେ ପୋଲିସ ଗାଡିକୁ ଲିଫ୍ଟମାଗିଥିଲେ । ପୋଲିସ ଏମାନଙ୍କ




**୩ କୋଟି ୫୧ ଲକ୍ଷ ନଗଦ ଟଙ୍କା ଜବତ**

ହାବଭାବ ଦେଖି ଥାନାକୁ ନେଇ ଆସିଥିଲା । ଏମାନଙ୍କୁ ସର୍ଚ୍ଚ କରିବା ସମୟରେ ଦୁଇଜଣଙ୍କ ପକେଟରୁ ବାହାରିଥିଲା ୩ ଲକ୍ଷ ଟଙ୍କା । ଆଉ ଏହାର କିଛି ସମୟ ପରେ ସେହି ଥାନାରେ ୩ କୋଟିରୁ ଅଧିକ ଟଙ୍କା ନିକଟ ଦେଶୀ ମଦଭାଟିରୁ ଡକାୟତି ହୋଇଥିବା ଲିଖିତ ଅଭିଯୋଗ କରିଥିଲେ ଭାଟି ମାଲିକ । ଧରା ପଡିଥିବା ଦୁଇ ଡକାୟତଙ୍କୁ ଧରି ପୋଲିସ ଆରମ୍ଭ କରିଥିଲା ଅପରେସନ୍। ଏମାନଙ୍କ ଚେର ଲମ୍ବିଥିଲା ଓଡ଼ିଶାରୁ ଝାଡଖଣ୍ଡ । ଡକାୟତମାନେ ଆସିଥିବା ବୋଲେରୋକୁ ଠାବ କରିବା ପାଇଁ ବିଭିନ୍ନ ସିସିଟିଭିକୁ ଯାଞ୍ଚ କରାଯାଇଥିଲା। କଳାହାଣ୍ଡି ସମେତ ବଲାଙ୍ଗୀର, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ରାଉରକେଲା, ଝାଡଖଣ୍ଡର ଗୁମଲା, ରାଞ୍ଚି ରୁରାଲ ଓ ସିମୋଡେଗା ଜିଲ୍ଲା ପୋଲିସର ସହାୟତା ନିଆଯାଇଥିଲା। ଏହାପରେ ଅନ୍ୟ ୬ ଡକାୟତଙ୍କୁ ରାଞ୍ଚିରୁ ଗିରଫ କରିଥିଲା ଓଡ଼ିଶା ପୋଲିସ। ଏମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ଗୁଳି, ମାରଣାସ୍ତ୍ର ସହିତ ବୋଲେରୋ ଜବତ କରାଯାଇଥିଲା । ଗିରଫ ଡକାୟତମାନେ ହେଲେ ତାହିର ଆନଶାରୀ, ହୁସେନ ଖାନ, ଜସିମ ଖାନ, ସାମିମ ଆନଶାରୀ, ବାସୁଦେବ ଗୋପେ, ଅନୁଜ କୁମାର, ସମିମ ଓ ଅଲିମ । ଏମାନଙ୍କ ଘର ରାଞ୍ଚି ଜିଲ୍ଲାରେ ବୋଲି କହିଛନ୍ତି ପୋଲିସ ଡିଜି । ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ ସଫଳତା ପାଇଁ କଳାହାଣ୍ଡି ଏସ୍‌ପି ଏବଂ ତାଙ୍କ ଟିମ୍‌କୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି ଡିଜିପି।

**ପ୍ରକାଶ ପାଇବାକୁ ଯାଉଛି...**

ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ଫେବୃୟାରୀ ସଂଖ୍ୟା-୨୦୨୫




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି।
**ସମକାଳର କଥା :** ଜାନକୀ ବଲ୍ଲଭ ମହାପାତ୍ର, ପ୍ରଫୁଲ୍ଲ ବାରିକ, ନମିତା ଦାଶ, ଲଳିତ ମୋହନ ମିଶ୍ର, ବିଦ୍ୟାଧର ପଣ୍ଡା, ଶର୍ମିଷ୍ଠା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ସ୍ନିଗ୍ଧା ନାୟକ, ପ୍ରିୟାଙ୍ଗୀ ବିଶ୍ୱାଳ, ଅକ୍ଷୟ କୁମାର ମିଶ୍ର, କବିତା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ଆଜି ପର୍ଯ୍ୟନ୍ତ ଭାଙ୍ଗିନି ରେକର୍ଡ : ସବୁଠୁ ଅଧିକ ଥର ବଜେଟ୍ ଆଗତ କରିଛନ୍ତି ମୋରାର ଜୀ ଦେଶାଇ

**ନୂଆଦିଲ୍ଲୀ, ୧/୨**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ଲଗାତାର ଅଷ୍ଟମ ଥର ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି, ଯାହାକି ଏକ ରେକର୍ଡ । ଏହା ପୂର୍ବରୁ ଦେଶର କୌଣସି ଅର୍ଥମନ୍ତ୍ରୀ ଲଗାତାର ଏତେଥର ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରିନଥିଲେ। ହେଲେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏବେ ବି ସବୁଠୁ ଅଧିକ ଥର ବଜେଟ୍ ଉପସ୍ଥାପନ କରିବାର ରେକର୍ଡ ମୋରାର ଜୀ ଦେଶାଇଙ୍କ ନାଁରେ ରହିଛି । ନିଜର ଅଲଗା ଅଲଗା କାର୍ଯ୍ୟକାଳ ଭିତରେ ସବୁଠୁ ଅଧିକ ଥର ଦେଶର ବଜେଟ୍ ଉପସ୍ଥାପନ କରିଛନ୍ତି ମୋରାର ଜୀ ଦେଶାଇ । ୨୦୧୯ ମସିହା ଲୋକସଭା ନିର୍ବାଚନରେ ବିଜେପିର ବିଜୟ ପରେ ପ୍ରଥମ ଥର ପାଇଁ ଅର୍ଥମନ୍ତ୍ରୀ ହୋଇଥିଲେ ନିର୍ମଳା ସୀତାରମଣ । ସେହିବର୍ଷ ୨୦୧୯-୨୦ରେ ସେ ଅର୍ଥମନ୍ତ୍ରୀ ଭାବେ ସଂସଦରେ ବଜେଟ୍ ଉପସ୍ଥାପନ କରିଥିଲେ । ସେବେଠାରୁ ୨୦୨୫-୨୬ ପର୍ଯ୍ୟନ୍ତ ଲଗାତାର ସେ ହିଁ ଦେଶର ବଜେଟ୍ ଉପସ୍ଥାପନ କରି ଆସୁଛନ୍ତି । ତେବେ ମୋଦି ୩.୦ ସରକାରର ଏହା ପ୍ରଥମ ବଜେଟ୍ ହେବାକୁ ଯାଉଥିବାବେଳେ, ନିର୍ମଳାଙ୍କର ଏହା ହେବ ୮ମ ବଜେଟ୍ । ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାର ଜୀ ଦେଶାଇ ମୋଟ୍



୧୦ଥର ବଜେଟ୍ ଉପସ୍ଥାପନ କରିଛନ୍ତି । ଯାହାକି ଆଜି ପର୍ଯ୍ୟନ୍ତ ଏକ ରେକର୍ଡ ହୋଇ ରହିଛି । ଦେଶାଇ ପ୍ରଥମ ଥର ୧୯୫୯ ମସିହାରେ ଦେଶର ବଜେଟ୍ ଉପସ୍ଥାପନ କରିଥିଲେ । ଏହାପରେ ସେ ୧୯୫୯ରୁ ୧୯୬୩ ମସିହା ପର୍ଯ୍ୟନ୍ତ ଲଗାତାର ୫ ଥର ପାଇଁ ବଜେଟ୍ ଉପସ୍ଥାପନ କରିଥିଲେ । ଏହାପରେ ୧୯୬୭ରେ ଅନ୍ତରୀଣ ବଜେଟ୍, ସେହି ବର୍ଷ ପୂର୍ଣ୍ଣ ବଜେଟ୍ ମଧ ସେ ଉପସ୍ଥାପନ କରିଥିଲେ । ଏହାପରେ ୧୯୬୮ ଏବଂ ୧୯୬୯ରେ ଦେଶାଇ ପୂର୍ଣ୍ଣ ବଜେଟ୍ ଉପସ୍ଥାପନ କରିଥିଲେ । ସୂଚନାଯୋଗ୍ୟ ଯେ, ମୋରାର ଜୀ ଦେଶାଇ ୧୧ ଥର ପାଇଁ ବଜେଟ୍ ଉପସ୍ଥାପନ କରିବାର ସୁଯୋଗ ଥିଲା । ହେଲେ ୧୯୬୯ରେ ସେ ଇନ୍ଦିରା ଗାନ୍ଧୀ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ । ଆଉ ଏହାପରେ ଇନ୍ଦିରା ଗାନ୍ଧୀ ୧୯୬୯-୭୦ ମସିହାରେ ବଜେଟ୍ ଉପସ୍ଥାପନ କରିଥିଲେ । ମୋରାର ଜୀ ଦେସାଇ ତିନି ଅଲଗା ଅଲଗା ପ୍ରଧାନମନ୍ତ୍ରୀ (ଜବାହାରଲାଲ ନେହେରୁ, ଲାଲ ବାହାଦୂର ଶାସ୍ତ୍ରୀ ଏବଂ ଇନ୍ଦିରା ଗାନ୍ଧୀ)ଙ୍କ କାର୍ଯ୍ୟକାଳରେ ଅର୍ଥମନ୍ତ୍ରୀ ଭାବେ ବଜେଟ୍ ଉପସ୍ଥାପନ କରିଥିଲେ । ଆଉ ଆଜି ପର୍ଯ୍ୟନ୍ତ ସବୁଠୁ ଅଧିକ ଥର ବଜେଟ୍ ଉପସ୍ଥାପନ କରିବାର ରେକର୍ଡ ତାଙ୍କ ନାଁରେ ଥିବା ସୂଚନା ମିଳିଛି ।